# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 124 ଭାଗ ୩୪ | ସଂଖ୍ୟା ୧୨୪ | Saturday 25 July 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୨୫ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ମନ୍ତବ୍ୟକୁ କଦର୍ଥ କରାଯାଇଛି ପୃଷ୍ଠା ୪

### ପେପର ଲିକ୍ ସଂଶୋଧନ ବିଲ୍‌କୁ ମୋଦି କ୍ୟାବିନେଟ୍‌ର ମୋହର

# ଦୋଷୀକୁ ୧୦ ବର୍ଷ ଜେଲ୍, ୧୦ କୋଟି ଜରିମାନା



### ସୋମବାର ସଂସଦରେ ଉପସ୍ଥାପିତ ହେବ

ନୂଆଦିଲ୍ଲୀ,୨୪।୭: ପ୍ରଶ୍ନପତ୍ର ପ୍ରଘଟ ନିୟମ ନିବାରଣ ଆଇନରେ ସଂଶୋଧନ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ଏହି ନୂଆ ପେପର-ଲିକ୍ ନିରୋଧୀ ବିଧେୟକକୁ ମୌସୁମୀ ଅଧିବେଶନର ଦ୍ୱିତୀୟ ସପ୍ତାହରେ ସୋମବାର ସଂସଦର ଉଭୟ ଗୃହରେ ଆଗତ କରାଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଏକ ଅସମର୍ଥିତ ସୂତ୍ର ପ୍ରକାଶ କରିଛି। ତେବେ ଶୀଘ୍ରରୁ ଅତିଶୀଘ୍ର ପ୍ରଶ୍ନପତ୍ର-ଲିକ-ଆଇନ (ସଂଶୋଧନ) ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କ୍ୟାବିନେଟ୍ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ଭଳି ଘଟଣା ସହ ଦେଶର ଛାତ୍ରଛାତ୍ରୀଙ୍କ ➪ପୃଷ୍ଠା-୬

## ଏନ୍‌ଟିଏର ୪୭ ଅଧିକାରୀ ବହିଷ୍କୃତ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ପରୀକ୍ଷା ସଂସ୍ଥାଗୁଡ଼ିକରେ ସଂସ୍କାର ଆଣିବା ଦାବି କରି ସମଗ୍ର ଦେଶରେ ପ୍ରତିବାଦର ନିଆଁ ଜଳିବା ପରେ ନିଟ୍-ୟୁଜି ପରୀକ୍ଷା ପରିଚାଳନା କରିଥିବା ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଏହାର ୪୭ ଜଣ ଅଧିକାରୀଙ୍କୁ ବହିଷ୍କାର କରିଛି। ପରୀକ୍ଷା ପରିଚାଳନା କ୍ଷେତ୍ରରେ ସବୁଠାରୁ ବୃହତ୍ ସଂସ୍ଥା କୁହାଯାଉଥିବା ଏନଟିଏର ସଂସ୍କାର ଆଣିବା ପ୍ରକ୍ରିୟାର ଏହା ଏକ ଅଂଶବିଶେଷ। ଏନଟିଏ କେବଳ ଏହାର ଅଧିକାରୀମାନଙ୍କୁ ବହିଷ୍କାର କରିନାହିଁ, ଅଧିକନ୍ତୁ ସେମାନଙ୍କ ବିରୋଧରେ ଆଇନଗତ ଓ ଅପରାଧିକ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଛି। ଗତ ୨୨ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ରାଜ୍ୟସଭାକୁ ସୂଚନା ଦେଇଥିଲା ଯେ ଏନଟିଏ ୩୯ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ମାତ୍ର ୨୪ ଜଣ ସ୍ଥାୟୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଛି। ଏହି ସଂସ୍ଥା ଏହାର କାର୍ଯ୍ୟ ପରିଚାଳନା ପାଇଁ ୭୩ ଜଣ ଚୁକ୍ତିଭିତ୍ତିକ କର୍ମଚାରୀ ଓ ୧୨୪ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କ ଉପରେ ମଧ୍ୟ ନିର୍ଭର କରୁଛି।

ଅପରପକ୍ଷରେ ସିଜେପିର ଦାବି ଅନୁଯାୟୀ, ଶୁକ୍ରବାର କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆ ଭଳି ଏକ ନିରପେକ୍ଷ ସ୍ଥାନରେ ସିଜେପି ଓ କେନ୍ଦ୍ର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଏହାର କୌଣସି ନିଷ୍କର୍ଷ ମିଳିପାରିନାହିଁ। ସିଜେପି ତା'ର ପୂର୍ବ ଜିଦ୍‌ରେ ଅଟଳ ରହିଥିବାରୁ କେନ୍ଦ୍ର ପ୍ରତିନିଧି ଦଳ ଆଲୋଚନାକୁ ଅନ୍ୟ ଏକ ପର୍ଯ୍ୟାୟକୁ ଟାଳିଦେଇଛନ୍ତି।

### ଭୁବନେଶ୍ୱରରେ ୟୁପିଏସସି ଚୟନ କମିଟି ବୈଠକ

# ୧୫ ପଦବୀ ପାଇଁ ୪୮ ଅଫିସରଙ୍କ ନାଁ ଶର୍ଟଲିଷ୍ଟ




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ)ରୁ ଆଇଏଏସ ପାହ୍ୟାକୁ ଉନ୍ନୀତ ହେବା ପାଇଁ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରରେ ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ପ୍ରତିବର୍ଷ ଏହି ବୈଠକ ନୂଆଦିଲ୍ଲୀସ୍ଥିତ ୟୁପିଏସସି କାର୍ଯ୍ୟାଳୟରେ ହେଉଥିବା ବେଳେ ଚଳିତ ଥର ଏହା ଭୁବନେଶ୍ୱରରେ ହେବାକୁ ଯାଉଛି। ୨୦୨୫ ପାଇଁ ୧୫ଟି ଆଇଏଏସ୍ ପଦବୀ ନିମନ୍ତେ ରାଜ୍ୟ ସରକାର ଶର୍ଟଲିଷ୍ଟ କରିଥିବା ମୋଟ ୪୮ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ନାଁ ଉପରେ ବିଚାରବିମର୍ଶ ହେବ। ୟୁପିଏସସି ସଦସ୍ୟ ସଞ୍ଜୟ ବର୍ମାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ଚୟନ କମିଟି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ବିଭାଗର ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପାହ୍ୟାର ୨ ଜଣ ବରିଷ୍ଠ ଅଧିକାରୀ ଯୋଗଦେବେ ବୋଲି ସୂଚନା ମିଳିଛି।

ରାଜ୍ୟରେ ୨୦୨୫ ପାଇଁ ମୋଟ୍ ୧୫ଟି ଆଇଏଏସ୍ ପଦବୀ ଖାଲି ପଡ଼ିଛି। ୟୁପିଏସସି ନିୟମାନୁସାରେ ଖାଲି ପଡ଼ିଥିବା ପ୍ରତିଟି ପଦବୀ ପାଇଁ ୩ଜଣିଆ ଅନୁପାତରେ ମୋଟ ୪୫ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ନାମ ଶର୍ଟଲିଷ୍ଟ କରାଯାଇଛି। ପୂର୍ବରୁ ୩ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ନାମ ସିଲ୍ ଲଫାପାରେ ରହିଥିବାରୁ ➪ପୃଷ୍ଠା-୬

### ଆଜି ଦୁର୍ଲ୍ଲଭ ରାଜାଧିରାଜ ବେଶରେ ଦର୍ଶନ



# ଜନ୍ମବେଦୀରୁ ବାହୁଡ଼ିଲେ ମହାବାହୁ

ପୁରୀ,୨୪।୮(ସଂଚାର ବ୍ୟୁରୋ): ନବଦିନାତ୍ମକ ଘୋଷଯାତ୍ରା ସାରି ଆଜି ଶ୍ରୀମନ୍ଦିର ବାହୁଡ଼ିଛନ୍ତି ମହାବାହୁ। ଲକ୍ଷାଧିକ ଭକ୍ତଙ୍କ ଗହଳି ସହ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ଦେଢ଼ ଘଣ୍ଟା ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ସେନାପଟା ଲାଗି ପରେ ମଙ୍ଗଳ ଆଳତି, ମଇଲମ, ରୋଷ ହୋମ, ତଡ଼ପ ଲାଗି, ଅବକାଶ ପୂଜା, ବେଶ ଶେଷ, ସୂର୍ଯ୍ୟପୂଜା ସମ୍ପନ୍ନ ହୋଇଥିଲା। ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି ଭୋଗ ଖାଇ ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲ। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପଛକୁ ପଛ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁସଜ୍ଜିତ ଟାହିଆ ପରିଧାନ କରି ରଥାରୂଢ଼ ହୋଇଥିଲେ। ପରେ ରାମକୃଷ୍ଣ, ମଦନମୋହନ ରଥାରୂଢ଼ ହେବା ପରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ।

ଗଜପତି ମହାରାଜାଙ୍କ ଛେରାପହଁରା ପରେ ଚାରମାଳ ଖୋଲାଯାଇ ➪ପୃଷ୍ଠା-୬

# ଓଡ଼ିଶାରେ ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ନୂଆ ବିପ୍ଳବ

- ପ୍ରତିଷ୍ଠା ହେବ ଗ୍ଲୋବାଲ ଡେଭଲପମେଣ୍ଟ ସେଣ୍ଟର ଓ ଏଆଇ ପାର୍କ
- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏଚସିଏଲ ଟେକ-ସର୍ଭମ ଏଆଇ ଚୁକ୍ତି
- ସିଧାସଳଖ ନିଯୁକ୍ତି ପାଇବେ ୬ ହଜାରରୁ ଊର୍ଦ୍ଧ୍ୱ
- ନୀତି ଆୟୋଗ ତାଲିକାରେ ଟପ୍-୩ରେ ପହଞ୍ଚିବା ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ
- ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ସ୍ୱଦେଶୀ ଏଆଇ ସର୍ଭମ




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ବିଶ୍ୱପ୍ରସିଦ୍ଧ 'ଏଚସିଏଲ ଟେକ' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା 'ସର୍ଭମ ଏଆଇ' ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତ୍ତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଐତିହାସିକ ସହଯୋଗିତା ଅନୁଯାୟୀ, ଏଚସିଏଲ ଟେକ ଓଡ଼ିଶାରେ ନିଜର ଏକ ଡେଭେଲପମେଣ୍ଟ ସେଣ୍ଟର' ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ରାଜ୍ୟର ଆଇଟି ଇକୋସିଷ୍ଟମକୁ ବିଶ୍ୱସ୍ତରରେ ଏକ ନୂଆ ପରିଚୟ ଦେବ। ଏହି ସଂସ୍ଥାର ନାମ ହେଉଛି ଏଚସିଏଲ ଟେକ ଗ୍ଲୋବାଲ ଡେଲିଭରି ସେଣ୍ଟର। ଏଥିସହିତ ଏଚସିଏଲ ଟେକ ଏବଂ 'ସର୍ଭମ ଏଆଇ'ର ମିଳିତ ସହଯୋଗରେ ଓଡ଼ିଶାରେ ଏକ 'ଏଆଇ-ଅପ୍‌ଟିମାଇଜ୍ ଡାଟା ସେଣ୍ଟର' ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ➪ପୃଷ୍ଠା-୬

### ସରକାରୀ ଅଧିକାରୀଙ୍କ ପାଇଁ ନିୟମ କଡ଼ାକଡ଼ି

## ରାଜ୍ୟ ବାହାରକୁ ଯାଉଥିଲେ ୨୧ ଦିନ ପୂର୍ବରୁ ଛୁଟି ଆବେଦନ ଜରୁରୀ

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ବ୍ୟକ୍ତିଗତ କାମରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯାତ୍ରା କରୁଥିବା ସରକାରୀ କର୍ମଚାରୀ/ଅଧିକାରୀଙ୍କ ପାଇଁ ଅର୍ଥ ବିଭାଗ ପକ୍ଷରୁ କଡ଼ା ନିୟମ ଜାରି କରାଯାଇଛି। ଏଣିକି ଓଡ଼ିଶା ବାହାରକୁ କିମ୍ବା ବିଦେଶ ଗସ୍ତ ପୂର୍ବରୁ ସମ୍ପୃକ୍ତ କର୍ମଚାରୀଙ୍କୁ ଅତି କମ୍‌ରେ ୨୧ ଦିନ ପୂର୍ବରୁ ଛୁଟି ପାଇଁ ଆବେଦନ କରିବାକୁ ପଡ଼ିବ। ଏଥିସହ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଛୁଟି ମଞ୍ଜୁର କରାଇବା ସହ ସଦର ମହକୁମା (ହେଡ୍‌କ୍ୱାର୍ଟର୍ସ) ଛାଡ଼ିବା ପାଇଁ ପୂର୍ବାନୁମତି ମଧ୍ୟ ବାଧ୍ୟତାମୂଳକ ହେବ। ତେବେ କେବଳ ଜରୁରୀ ପରିସ୍ଥିତିରେ ଏଥିରେ ବ୍ୟତିକ୍ରମ ଘଟିପାରେ ବୋଲି କୁହାଯାଇଛି। ଅର୍ଥ ବିଭାଗ ଅତିରିକ୍ତ ସଚିବ ତଥା ଏଷ୍ଟାବ୍ଲିଶ୍‌ମେଣ୍ଟ୍ ଅଧିକାରୀ ସାଗରିକା ହୋତାଙ୍କ ପକ୍ଷରୁ ଓଡ଼ିଶା ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲ୍, ବାଣିଜ୍ୟିକ କର ଓ ଜିଏସ୍‌ଟି କମିଶନର, ଏମ୍‌ଡିଆର୍‌ଏଫ୍‌ଏମ୍, ଆକାଉଣ୍ଟସ୍ କଣ୍ଟ୍ରୋଲର, ଲୋକାଲ୍ ଫଣ୍ଡ ଅଡିଟ୍, ଟ୍ରେଜେରୀ ଓ ଇନ୍ସପେକ୍ସନ୍ ନିର୍ଦ୍ଦେଶକଙ୍କ ସମେତ ଅର୍ଥ ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଏହି ନିର୍ଦ୍ଦେଶ ପଠାଯାଇଛି।

ଉକ୍ତ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ଓଡ଼ିଶା ସର୍ଭିସ କୋଡ୍ ଓ ସାଧାରଣ ପ୍ରଶାସନ ବିଭାଗର ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କାଜୁଆଲ୍ ଲିଭ୍ ବ୍ୟତୀତ ଅନ୍ୟ କୌଣସି ଛୁଟିରେ ରାଜ୍ୟ ବାହାରକୁ କିମ୍ବା ବିଦେଶ ଯିବା ପୂର୍ବରୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଛୁଟି ମଞ୍ଜୁର କରାଇବା ସହ ସଦର ମହକୁମା ଛାଡ଼ିବା ପାଇଁ ଅନୁମତି ନେବା ଜରୁରୀ। ତେବେ କିଛିଦିନ ତଳେ ଏହା ଲକ୍ଷ୍ୟ କରାଯାଇଛି ଯେ ଅନେକ ଅଧିକାରୀ ଓ କର୍ମଚାରୀ ଏହି ନିୟମକୁ ➪ପୃଷ୍ଠା-୬

### ଦୁଇ ଦଶନ୍ଧି ଧରି ବନ୍ଦ ଥିଲା ତାଳଚେର-ବିମଳାଗଡ଼ ପ୍ରକଳ୍ପ

# ୯୫୦ କୋଟିର ବଜେଟ୍



### ସଂସଦରେ ସୂଚନା ଦେଲେ ରେଳ ମନ୍ତ୍ରୀ

ନୂଆଦିଲ୍ଲୀ,୨୪।୭: ଓଡ଼ିଶାର ଅନୁଗୁଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୧୫୦ କିମିର ଦୀର୍ଘ ତାଳଚେର-ବିମଳାଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୯୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପଟି ୨୦୦୩-୦୪ ରେଳ ବଜେଟରେ ୭୨୭ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳ ସହ ସାମିଲ କରାଯାଇଥିଲା। ବର୍ତ୍ତମାନ ପ୍ରକଳ୍ପର ସର୍ବଶେଷ ବ୍ୟୟ ଅଟକଳ ୩,୩୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ମାର୍ଚ୍ଚ ୨୦୨୬ ସୁଦ୍ଧା ୧,୯୦୧ କୋଟି ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଜମି ଅଧିଗ୍ରହଣରେ ପ୍ରତିରୋଧ ଓ ଅଦାଲତରେ ମାମଲା ଯୋଗୁଁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରଭାବିତ ହୋଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ୮୬୩ ହେକ୍ଟର ଜମି ମଧ୍ୟରୁ ୭୫୬ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଏଥିରେ ୩୪୨ ହେକ୍ଟର ବେସରକାରୀ ଜମି, ୨୬୯ ହେକ୍ଟର ଜଙ୍ଗଲ ଜମି ଏବଂ ୧୪୬ ହେକ୍ଟର ସରକାରୀ ଜମି ସାମିଲ ରହିଛି। ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାଧୀନ ରହିଛି। ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମନ୍ତ୍ରଣାଳୟ ଅନୁଯାୟୀ, ତାଳଚେର-ଖମାର (୪୮ କିମି) ରେଳପଥରେ ରେଳ ଚଳାଚଳ ➪ପୃଷ୍ଠା-୬

### ଖାଦ୍ୟ ପାଲଟିଲା ବିଷ!

## ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ



### ବର୍ଷେ ତଳର ପନିର ଖାଇଥିଲେ

ରାଇରଙ୍ଗପୁର,୨୪।୭(ସଂଚାର ବ୍ୟୁରୋ): ଖାଦ୍ୟ ପାଲଟିଲା ବିଷ। ପାଖାପାଖି ବର୍ଷେ ତଳର ପନିର୍ ଖାଇ ଏକ ଛାତ୍ରୀ ନିବାସର ୯୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଅସୁସ୍ଥ ହୋଇପଡ଼ିଛନ୍ତି। ଖବର ପାଇ ଅସୁସ୍ଥ ଛାତ୍ରୀଙ୍କ ଚିକିତ୍ସା ପାଇଁ ହଷ୍ଟେଲ୍‌ରେ ପହଞ୍ଚିଛି ମେଡିକାଲ ଟିମ୍। ଫଳସ୍ୱରୂପ ହଷ୍ଟେଲ୍ ଏବେ ହସ୍ପିଟାଲ୍ ପାଲଟିଛି। ମୟୂରଭଞ୍ଜ ଜିଲ୍ଲା ବିଜାତଳା ଗୋଷ୍ଠୀ ଶିକ୍ଷା ସର୍କଲ୍ ଅଧୀନସ୍ଥ ସରଗୋଡ଼ା କେଜିବିଭି ବିଦ୍ୟାଳୟର ଛାତ୍ରୀ ନିବାସରେ ଏଭଳି କିଛି ସ୍ଥିତି ଉପୁଜିଛି। ଗତ ବୁଧବାର ସରଗୋଡ଼ା କେଜିବିଭି ଛାତ୍ରୀ ନିବାସରେ ବର୍ଷେ ପୂର୍ବରୁ ବୈଧତା ସରିଥିବା ପନିର୍ ତରକାରୀ, ନିମ୍ନମାନର ଛତୁଆ ତଥା ବାସି ପଖାଳ ଛାତ୍ରୀମାନଙ୍କୁ ଖାଇବାକୁ ଦିଆଯାଇଥିଲା। ଫଳରେ ୨୦ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ଗତକାଲି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ଡାକ୍ତର ସେମାନଙ୍କୁ ଡିସ୍‌ଚାର୍ଜ କରିଥିଲେ। ➪ପୃଷ୍ଠା-୬

## ୬ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ

### ୨ ଗିରଫ, ଓଡ଼ିଶାରୁ ଜଣେ

କୋଲକାତା, ୨୪।୭ (ସଂଚାର ବ୍ୟୁରୋ): କୋଲକାତାର ଲେକ୍‌ଟାଉନ ପୁଲିସ୍ ଶୁକ୍ରବାର ସୁନା ବିସ୍କୁଟ୍ ସହ ଓଡ଼ିଶା ଓ ମହାରାଷ୍ଟ୍ରର ଦୁଇଜଣଙ୍କୁ ଗିରଫ କରିଛି। ସକାଳେ ଲେକଟାଉନ ଥାନାର ଅଧିକାରୀମାନେ ସେମାନଙ୍କୁ ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ଅଟକ ରଖିଥିଲେ। ଉଦ୍ଧାର ହୋଇଥିବା ସୁନା ବିସ୍କୁଟର ମୂଲ୍ୟ ଆନୁମାନିକ ୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କଠାରୁ ପୁରୁଣା ୧ଟଙ୍କିଆ ଓ ୨ ଟଙ୍କିଆ ନୋଟ ମଧ୍ୟ ଜବତ କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ଗିରଫ ହୋଇଥିବା ଦୁଇ ଯୁବକ ମଧ୍ୟରୁ ଜଣେ ଓଡ଼ିଶାର ହୋଇଥିବା ବେଳେ ଆଉଜଣେ ମହାରାଷ୍ଟ୍ରର ବାସିନ୍ଦା। ସେମାନେ ଭଗୀରଥ ଜେନା ଓ ଅଜିତ ମହିତା ବୋଲି ବିଧାନନଗର ପୁଲିସ କମିଶନର ରାଠୋର ଅମିତ କୁମାର ଭରତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଗିରଫ ବ୍ୟକ୍ତିଦ୍ୱୟଙ୍କ ହାୱାଲା ଅପରେଟରଙ୍କ ସହ ସମ୍ପର୍କ ଥିବା ପୁଲିସ ସନ୍ଦେହ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

## ଟାଟା ସୁମୋ ଉପରେ ପଥର ପଡ଼ି ୧୩ ମୃତ

ସିମଲା, ୨୪।୭: ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଶୁକ୍ରବାର ଗୋଟିଏ ଗତିଶୀଳ ଟାଟା ସୁମୋ ଉପରେ ଏକ ବିଶାଳ ପଥର (ବୋଲ୍ଡର) ପଡ଼ିବା ଫଳରେ ଅତିକମ୍‌ରେ ୧୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଗାଡ଼ିଟି କାଦୁ ନଲ୍ଲାସ୍ଥିତ କିଲାର-ଉଦୟପୁର ରାସ୍ତାରେ ଜନଜାତି ଅଧ୍ୟୁଷିତ ପାଙ୍ଗି ହିଲଷ୍ଟେସନ ଦେଇ ଯାଉଥିବା ବେଳେ ବୋଲ୍ଡରଟି ଗାଡ଼ି ଉପରେ ଖସି ପଡ଼ିଥିଲା। ଫଳରେ ଗାଡ଼ି ଭିତରେ ଚାପି ହୋଇ ୧୩ ଜଣ ପ୍ରାଣ ହରାଇଥିଲେ। ଉଦ୍ଧାରକାରୀ ଦଳ ପହଞ୍ଚି ଗାଡ଼ି ଭିତରୁ ମୃତଦେହ ଉଦ୍ଧାର କରିଛନ୍ତି। ମୌସୁମୀ ବର୍ଷାଜନିତ ବନ୍ୟା ବିପ୍ଳାତ ଓ ଭୂସ୍ଖଳନ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଅଧିକାରୀ ଦର୍ଶାଇଛନ୍ତି।



### କାନ ଡେରିଆ

ଜନ୍ମବେଦୀ ଛାଡ଼ି କାଳିଆ ଆସୁଛି
ଭାଇ ଭଉଣୀଙ୍କ ସାଥେ
ଶ୍ରୀଗୁଣ୍ଡିଚା ଘରୁ ନୀଳାଚଳ ଆସେ
ଭାରି ସୁସଜ୍ଜିତ ରଥେ
ସୁଖ ଦୁଃଖ ତାରି ହାତେ...
ହୃଦୟ ଦେଇ ମୁଁ ଜଗାକୁ ଡାକିଛି
ତା ଡୋରି ଲାଗିଛି ମୋତେ ।

■ ଦେବାଶିଷ

# ଦିଲ୍ଲୀ ଆନ୍ଦୋଳନ ଭରସାରେ ବିଜେଡି ଓ କଂଗ୍ରେସ

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନ ଭରସାରେ ଏବେ ରାଜ୍ୟର ବିଜେଡି ଓ କଂଗ୍ରେସ। ଏହି ଆନ୍ଦୋଳନକୁ ଢାଲ କରି ଦୁଇ ଦଳ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଓଡ଼ିଶାରେ କିନ୍ତୁ ଏହି ଆନ୍ଦୋଳନର ପ୍ରଭାବ ପଡୁନାହିଁ। ଓଲଟା କେନ୍ଦ୍ର ସରକାରଙ୍କ ପଦକ୍ଷେପ ପରେ ଦୁଇ ଦଳର କର୍ମୀ ଆନ୍ଦୋଳନକୁ ନେଇ କି ପ୍ରକାର ପ୍ରତିକ୍ରିୟା ରଖି ଆଗକୁ ବଢ଼ିବେ ତାହାକୁ ନେଇ ବାଉଳା ହୋଇଛନ୍ତି।

କକ୍ରୋଚ୍ ଜନତା ପାର୍ଟି (ସିଜେପି) ଡାକରାରେ ଦିଲ୍ଲୀର ଜନ୍ତର ମନ୍ତରଠାରେ ବଡ଼ ଧରଣର ଛାତ୍ର ଆନ୍ଦୋଳନ ଛିଡ଼ା ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତର



### ଓଡ଼ିଶାରେ ପଡୁନି ଦିଲ୍ଲୀର ପ୍ରଭାବ

### ଦୁଇ ଦଳର କର୍ମୀ ବାଉଳା

ଛାତ୍ରମାନେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଚଳଚ୍ଚିତ୍ର ଜଗତଠାରୁ ଆରମ୍ଭ କରି କୃଷକ ସଂଗଠନ ପର୍ଯ୍ୟନ୍ତ ସମସ୍ତେ ଏହାକୁ ସମର୍ଥ କରୁଛନ୍ତି। ରାଜନୈତିକ ଦଳଗୁଡ଼ିକ ନିଜ ନିଜର ରଣନୀତି ଦୃଷ୍ଟିରୁ ଛାତ୍ରମାନଙ୍କୁ ସମର୍ଥନ କରୁଛନ୍ତି। କଂଗ୍ରେସ ଓ ବିଜେଡି ଏହି ଆନ୍ଦୋଳନ ସପକ୍ଷରେ ଥିବା ସୂଚନା ଦେଇଛନ୍ତି। ଉଭୟ ଦଳର ଦାବି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା। ରାଜ୍ୟ ➪ପୃଷ୍ଠା-୬

### ରଥ ବୁଲାଣି ବେଳେ ଅଘଟଣ

## ଭାଙ୍ଗିଲା ଡାହାଣ ପଟ ପଟା, ଓଲଟି ପଡ଼ିଲା ସାରଥୀଙ୍କ ମୂର୍ତ୍ତି



**କେନ୍ଦ୍ରାପଡ଼ା,୨୪।୭ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ବୁଲାଣି ବେଳେ ଘଟିଛି ଅଘଟଣ । ରଥର ଡାହାଣ ପଟ ପଟା ଭାଙ୍ଗିଯିବା ସହ ତାଉପରେ ଥିବା ସାରଥୀଙ୍କ ପ୍ରତିମୂର୍ତ୍ତି ଓଲଟି ପଡିଛି । କେହି କ୍ଷତାହତ ନ ହୋଇଥିଲେ ମଧ୍ୟ ରଥ ବୁଲାଣି ସମୟରେ ଏପରି ଅଘଟଣ ଘଟିବା ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଆଜି ବାହୁଡା ଦଶମୀ ତିଥି ଥିବାରୁ କେନ୍ଦ୍ରାପଡାର ପରମ୍ପରା ଅନୁଯାୟୀ ରଥ ଡାହାଣ ମୋଡ ହେବା ସହ ମୁଖ୍ୟ ମନ୍ଦିର ଅଭିମୁଖେ ରଥକୁ ବୁଲାଣି କରାଯାଇ ରଖା ଯାଇଥାଏ । ଆଜି ଅପରାହ୍ନ ୧ଟା ସମୟରେ ରଥକୁ ବୁଲାଣି କରାଯାଉ ଥିଲା । ଦୁଇ ତିନି ଦଉଡି ଆପଘାତ କରି ବୁଲାଣି କରାଯିବା ସମୟରେ ହଠାତ୍ ରଥର ଡାହାଣ ପଟ କାନିସି ପଟା, ଖୁଣ୍ଟି ଓ ବାଡା ଭାଙ୍ଗି ପଡିବା ସହ ତା ଉପରେ ଥିବା ତାଳଧ୍ୱଜ ରଥର ସାରଥୀ ମାତଲୀଙ୍କ କାଠ ନିର୍ମିତ ପ୍ରତିମୂର୍ତ୍ତି ମଧ୍ୟ ଓଲଟି ପଡିଥିଲା। ତେବେ ଏହି ଅଘଟଣ ରଥ ବୁଲାଣି ବେଳେ ହେଉଥିବାରୁ କୌଣସି ଅଘଟଣ ଘଟିନାହିଁ । ଯଦି ଚାଲିଲା ବେଳେ ଏଭଳି ଘଟିଥାନ୍ତା ତାହେଲେ ବହୁ ଲୋକ କ୍ଷତାହତ ହେବାର ଆଶଙ୍କା ରହିଥାନ୍ତା। ତେବେ ଚଳିତ ବର୍ଷ ରାଜ୍ୟ ସରକାର ପ୍ରଦାନ କରିଥିବା ୧ କୋଟି ଟଙ୍କା ବ୍ୟୟରେ ନୂତନ ରଥ ନିର୍ମାଣ କରାଯାଇ ଥିବାବେଳେ ନିର୍ମାଣ ଜନିତ ତ୍ରୁଟି ଯୋଗୁଁ ଏଭଳି ଅଘଟଣ ଘଟିଛି । ଘୋଷଯାତ୍ରା ସମୟରେ ରଥ ଭାଙ୍ଗି ପଡିବା ଭଳି ଅଘଟଣ ଶହ ଶହ ବର୍ଷ ଇତିହାସରେ କେବେ ଘଟିନାହିଁ ବୋଲି ବୟସ୍କ ଲୋକମାନେ ମତ ଦେବା ସହ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି । ରଥ ମରାମତି ପାଇଁ ପ୍ରାୟ ୩ ଘଣ୍ଟା ସମୟ ଲାଗିବାରୁ ଡିହିଁ ମାନଙ୍କୁ ରଥ ଉପରେ ପହଣ୍ଡି ବିଳେ ବିଳମ୍ବିତ ହୋଇଥିଲା । ପହଣ୍ଡି ଦେଖିବାକୁ ଅସିଥିବା ଶ୍ରଦ୍ଧାଳୁ ମାନେ ସଂନ୍ଧ୍ୟା ୭ଟା ସମୟରେ ପହଣ୍ଡି ହୋଇ ଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆସନ୍ତାକାଲି ଅପରାହ୍ନ ୨ଟା ରେ ବାହୁଡା ଦ୍ୱିତୀୟ ଦିନର ରଥଟଣା ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

## ଶେଷ ଆଡ଼ପ ଅଭଡା ପାଇଲେ ଭକ୍ତ



**କେନ୍ଦ୍ରାପଡ଼ା,୨୪।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମାଉସୀ ମା' ଘରେ ବା ଆଡପ ମଣ୍ଡପର ଶେଷ ଅଭଡା ଆଜି ପାଇଛନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଆଜି ଥିଲା ଶ୍ରୀଜୀଉଙ୍କ ମାଉସୀମା ଘରେ ଶେଷ ଦିନ । ମାଉସୀମା ଘରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ଲାଗିହେବା ପରେ ଭକ୍ତମାନଙ୍କୁ ମିଳିଛି ଆଡପ ମଣ୍ଡପର ଶେଷ ଅଭଡା। ଶ୍ରୀଜୀଉଙ୍କ ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କ ତ୍ତ୍ୱାବଧାନରେ ସେବାୟତ ଚୂଇଁନନା ନିତିଆନୀ ଭୋଗ ପ୍ରସ୍ତୁତ କରି ଶ୍ରୀଜୀଉଙ୍କ ପାଖରେ ଲାଗି କରିବା ପରେ ସେହି ଭୋଗକୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରିଥିଲେ। ଭକ୍ତମାନେ ଆଜି ଆଡପ ମଣ୍ଡପର ଶେଷ ଅଭଡାକୁ ଚୂଇଁନନାଙ୍କ ଠାରୁ ଗ୍ରହଣ ଗ୍ରହଣ କରି ମହାଆନନ୍ଦ ଲାଭ କରିଥିଲେ । କାରଣ ଅପରାହ୍ନରେ ଶ୍ରୀଜୀଉମାନେ ପହଣ୍ଡି ହୋଇ ରଥାରୁଢ଼ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା ।

# ଆବାସ ତଦନ୍ତ ନାଁରେ ଗରିବଙ୍କ ହକ୍ କାଟିବା ଷଡଯନ୍ତ୍ର !

### ତଦନ୍ତ ପ୍ରକ୍ରିୟାକୁ ନେଇ ଉଠିଲା ପ୍ରଶ୍ନ



**କେନ୍ଦ୍ରାପଡ଼ା, ୨୪।୭ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ଓ ତଦନ୍ତ ପ୍ରକ୍ରିୟାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ସାନଅଙ୍ଗା ପଞ୍ଚାୟତ ଧନିରାମପୁର ଗ୍ରାମରେ ଏକ ଅଭିଯୋଗ ସାମ୍ନାକୁ ଆସିଛି । ଘରେ କେହି ଉପସ୍ଥିତ ନଥିବାରୁ ଜଣେ ପ୍ରକୃତ ହିତାଧିକାରୀଙ୍କ ନାମ ବାଦ ଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ଉଠିଛି ।

ଧନିରାମପୁର ଗ୍ରାମର ବନ୍ଦିତା ମହାନ୍ତିଙ୍କ କହିବା ଅନୁସାରେ, ସେ ଜଣେ ବେସରକାରୀ ବିଦ୍ୟାଳୟରେ ସ୍ୱଳ୍ପ ଦରମାରେ କାମ କରୁଥିବାବେଳେ ତାଙ୍କ ସ୍ୱାମୀ ସନ୍ତୋଷ କୁମାର ଜେନା ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦିନବେଳେ ଉଭୟ କାମରେ ବାହାରେ ଥିବା ସମୟରେ ଆବାସ ଯୋଜନାର ତଦନ୍ତ ପାଇଁ ଅଧିକାରୀମାନେ ଘରକୁ ଆସିଥିବା ସେ ଅଭିଯୋଗ କରିଛନ୍ତି । ଘରେ କେହି ନଥିବାକୁ ଆଧାର କରି ତାଙ୍କ ନାମ ତାଲିକାରୁ ବାଦ ଦେବା ପାଇଁ ଯୋଜନା କରାଯାଇଥିବା ସେ ଦାବି କରିଛନ୍ତି ।

ବନ୍ଦିତାଙ୍କ ଆହୁରି ଅଭିଯୋଗ ଯେ, ପୂର୍ବରୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ତାଙ୍କଠାରୁ ୩୦,୦୦୦ ଟଙ୍କା ଦାବି କରାଯାଇଥିଲା। ଅଭାବୀ ପରିବାର ହୋଇଥିବାରୁ ସେମାନେ ସେହି ଟଙ୍କା ଦେଇପାରିନଥିଲେ । ଫଳରେ ଆଜି ମଧ୍ୟ ସେମାନେ ଏକ ଝାଟିମାଟି ଘରେ ବସବାସ କରୁଥିବା କହିଛନ୍ତି । ଏହି ଘଟଣା ଅନେକ ପ୍ରଶ୍ନ ଉଠାଇଛି । କେବଳ ଘରେ କେହି ନଥିବାରୁ କି ଜଣେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରୁ ବାଦ ଦିଆଯାଇପାରିବ? ତଦନ୍ତ ପୂର୍ବରୁ ହିତାଧିକାରୀଙ୍କୁ ସୂଚନା ଦିଆଯିବା କିମ୍ବା ପୁନଃ ଯାଞ୍ଚର ସୁଯୋଗ ଦିଆଯିବା ଉଚିତ ନୁହେଁ କି? ଏଭଳି ପ୍ରଶ୍ନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏହି ଅଭିଯୋଗକୁ ନେଇ ବନ୍ଦିତା ମହାନ୍ତି ସାଂସଦ, ବିଧାୟକ, ଜିଲ୍ଲାପାଳ, ବିଡିଓ ଓ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ପୁନଃ ତଦନ୍ତ ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।

ଅନ୍ୟପକ୍ଷରେ, ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନର ପକ୍ଷ ଜଣାପଡ଼ିବା ପରେ ଘଟଣାର ପ୍ରକୃତ ସ୍ଥିତି ଅଧିକ ସ୍ପଷ୍ଟ ହେବ ।

### ତୁଳସୀ କ୍ଷେତ୍ରରେ ଟାଟା ପାୱାରର ବେପରୁଆ ନୀତି

## ଛଘରିଆ ଛକରେ ବାଉଁଶ ଖୁଣ୍ଟରେ ଝୁଲୁଛି ବିଦ୍ୟୁତ୍ ତାର

### ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା



**କେନ୍ଦ୍ରାପଡ଼ା,୨୪।୭ (ସଂଚାର ବ୍ୟୁରୋ):** ପବିତ୍ର ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ଗହଳି ଚହଳି। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନରେ ସହର ଉତ୍ସବମୁଖର ହୋଇଉଠିଥିବା ବେଳେ ଅନ୍ୟପଟେ ବିଦ୍ୟୁତ ବିଭାଗ (ଟାଟା ପାୱାର) ର ଚରମ ଦାୟିତ୍ୱହୀନତା ଯୋଗୁଁ ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି।

ଜିଲ୍ଲାର ବ୍ୟସ୍ତବହୁଳ ଛଘରିଆ ଛକ ନିକଟରେ କଂକ୍ରିଟ ଖୁଣ୍ଟ ପରିବର୍ତ୍ତେ ବାଉଁଶ ଖୁଣ୍ଟରେ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିବା ଦେଖିବାକୁ ମିଳିଛି, ଯାହା ଏବେ ଯାତାୟାତ କରୁଥିବା ହଜାର ହଜାର ଲୋକଙ୍କ ପାଇଁ ଏକ ପ୍ରତ୍ୟକ୍ଷ "ମରଣ ଯନ୍ତା" ପାଲଟିଛି। ଛଘରିଆ ଛକ ଦେଇ ପ୍ରତିଦିନ ଶହ ଶହ ଗାଡ଼ିମୋଟର ସହ ସ୍ଥାନୀୟ ଲୋକ ଓ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଯାତାୟାତ କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳିପୂର୍ଣ୍ଣ ରାସ୍ତାରେ ବିପଜ୍ଜନକ ଭାବେ ବାଉଁଶ ଖୁଣ୍ଟ ସାହାଯ୍ୟରେ ବିଦ୍ୟୁତ୍ ତାର ଟଣାଯାଇଛି। ବର୍ଷା ଓ ପ୍ରବଳ ପବନରେ ଏହି ବାଉଁଶ ଖୁଣ୍ଟ ଓଲଟି ପଡ଼ିବାର କିମ୍ବା ତାର ଛିଣ୍ଡି ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। "ଘୋଷଯାତ୍ରା ଭଳି ବଡ଼ ପର୍ବ ସମୟରେ ରାସ୍ତାରେ ପ୍ରବଳ ଭିଡ଼ ରହୁଛି। ଏଭଳି ସ୍ଥିତିରେ ବାଉଁଶ ଖୁଣ୍ଟରେ ବିଦ୍ୟୁତ ତାର ବାନ୍ଧି ସେବା ଯୋଗାଇବା ବିଭାଗର କେଉଁ ପ୍ରକାରର କାର୍ଯ୍ୟାନୁଷ୍ଠାନ? କୌଣସି ଅପ୍ରୀତିକର ଘଟଣା ଘଟିଲେ ଏଥିପାଇଁ କିଏ ଦାୟୀ ରହିବ?"

ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାହକଙ୍କଠାରୁ ନିୟମିତ ବିଲ୍ ଆଦାୟ କରୁଥିବା ଟାଟା ପାୱାର କର୍ତ୍ତୃପକ୍ଷ ଜନସାଧାରଣଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ଘୋଷଯାତ୍ରା ପୂର୍ବରୁ ସମସ୍ତ ବିଦ୍ୟୁତ ଭିତ୍ତିଭୂମିର ମରାମତି ଓ ସୁରକ୍ଷା ଯାଞ୍ଚ କରାଯିବା କଥା; ମାତ୍ର ଏହା ବଦଳରେ ବାଉଁଶ ଖୁଣ୍ଟରେ ବିଦ୍ୟୁତ ସଂଯୋଗ କରି କର୍ତ୍ତୃପକ୍ଷ କେବଳ ଆପାତକାଳୀନ ଆଖିବୁଜା ନୀତି ଆପଣେଇଛନ୍ତି।

ସମ୍ଭାବ୍ୟ ବଡ଼ ବିପଦକୁ ଏଡ଼ାଇବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଓ ଭକ୍ତ ଶ୍ରଦ୍ଧାଳୁ ଦାବି କରିଛନ୍ତି।

## ଯୁକ୍ତ ୨ ଓ ଧନ୍ଦାମୂଳକ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




**ଡେରାବିଶ,୨୪।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର +୨ ଓ ଧନ୍ଦାମୂଳକ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱାଗତ ସଭାରେ +୨ କଳା ଓ ବିଜ୍ଞାନ ଏବଂ ଧନ୍ଦାମୂଳକ ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଏହି ସଭାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟାପକ ସଞ୍ଜୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ମାନସ ରଞ୍ଜନ ଦାସ, ଅଧ୍ୟାପିକା ସୁକନ୍ୟା ମହାନ୍ତି, ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗର ଯୋଜନା ଯଥା ବିଭିନ୍ନ ବୃତି, ଆତ୍ମରକ୍ଷା କୌଶଳ, ଆଇସିସି, ଆଂଟ୍‌କିଂଗ ସେଲ୍‌ଫ, ଇ-ବୁକ୍ ଇତ୍ୟାଦି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ଏହାଛଡ଼ା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଆଶିର୍ବାଦ କରିଥିଲେ।

### ରଥରେ ଏକା ଯାଆନ୍ତି ମହାପ୍ରଭୁ

## ଲୁହା ଶିକୁଳିରେ ଆଜି ବି ବନ୍ଧା ଜଗନ୍ନାଥ



**ମହାକାଳପଡ଼ା, ୨୪।୭ (ସଂଚାର ବ୍ୟୁରୋ):** ସାଧାରଣତଃ ରଥଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ରଥରେ ବିଜେ କରିଥାନ୍ତି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼ିହି ପଞ୍ଚାୟତର କାକଟପୁର ଗ୍ରାମରେ ଦେଖିବାକୁ ମିଳେ ସମ୍ପୂର୍ଣ୍ଣ ଭିନ୍ନ ଓ ବିରଳ ପରମ୍ପରା। ଏଠାରେ ମହାପ୍ରଭୁ ଜଗନ୍ନାଥ ଏକାକୀ ରଥରେ ବିଜେ କରି ମାଉସୀମା' ମନ୍ଦିରକୁ ଯାଆନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା, ସେ ଆଜି ମଧ୍ୟ କଳଙ୍କବିହୀନ ଲୁହା ଶିକୁଳିରେ ବନ୍ଧା ଅବସ୍ଥାରେ ପୂଜା ପାଉଛନ୍ତି ଏବଂ ସେହି ଅବସ୍ଥାରେ ହିଁ ରଥାରୂଢ଼ ହୁଅନ୍ତି।

ମନ୍ଦିରର ଇତିହାସ ସମ୍ପର୍କରେ ସ୍ପଷ୍ଟ ଲିଖିତ ପ୍ରମାଣ ନଥିଲେ ମଧ୍ୟ ଲୋକପ୍ରଚଳିତ କାହାଣୀ ଅନୁଯାୟୀ, ଏହି ବିଗ୍ରହ ବଙ୍ଗୋପସାଗର ମଧ୍ୟରେ ଅବସ୍ଥିତ ଚମ୍ପାଗଡ଼ ଦ୍ୱୀପରୁ କାକଟପୁରକୁ ଆସିଥିଲା। କୁହାଯାଏ, ଚମ୍ପାଗଡ଼ରେ ପୂଜାରେ ବ୍ୟାଘାତ ଘଟିବାରୁ ମହାପ୍ରଭୁ ସ୍ୱୟଂ ସେହି ସ୍ଥାନ ଛାଡ଼ି ଚାଲି ଆସିଥିଲେ। ଲାଞ୍ଜୁଡା ନିକଟରେ ଗୋପାଳମାନେ ତାଙ୍କୁ ଦେଖି ପୁଣି କେଉଁଠି ଚାଲି ନଯାଆନ୍ତୁ ବୋଲି ଲୁହା ଶିକୁଳିରେ ବାନ୍ଧି ରଖିଥିଲେ। ପରେ ଗୋବରୀ ନଦୀ ପାର କରାଇ କାକଟପୁରରେ ପ୍ରତିଷ୍ଠା କରାଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ପରମ୍ପରା ଅବ୍ୟାହତ ରହିଛି। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ହଜାର ହଜାର ଶ୍ରଦ୍ଧାଳୁ କାକଟପୁରରେ ସମବେତ ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରଥ ଟାଣିଥାନ୍ତି।

## ଚାନ୍ଦୋଳ ବଜାରରେ ଶୌଚାଳୟ ଉଦ୍‌ଘାଟିତ



**ଡେରାବିଶ, ୨୪।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାର ଜିଲ୍ଲାରେ ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ। ଏହି ବଜାର ମଧ୍ୟ ଦେଇ କଟକ-ଚାନ୍ଦବାଲି ରାଜରାସ୍ତା ଯାଇଥିବା ବେଳେ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ଦୈନିକ ଶତାଧିକ ଯାତ୍ରୀବାହୀ ବସ୍ ଅଟକି ଯାତ୍ରୀମାନଙ୍କୁ ନେବା ଆଣିବା କରିଥାଏ। ଏହି ବଜାରରେ ଦୈନିକ ହଜାର ହାଜର ଲୋକ କାରବାର ହେଉଥିବା ବେଳେ ଲୋକମାନଙ୍କ ସର୍ବନିମ୍ନ ଆବଶ୍ୟକତା ଶୌଚାଳୟଟିଏ ନଥିଲା। ଏଥିରେ ଯାତ୍ରୀ ସମେତ ବଜାରକୁ ଆସୁଥିବା ହଜାର ହଜାର ଲୋକ ଶୌଚ ପାଇଁ ହଇରାଣ ହେଉଥିଲେ। ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଦୀର୍ଘ ତିନି ବର୍ଷ ତଳେ ଜବରଦଖଲ କାରୀଙ୍କୁ ହଟାଇ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଳିକ ଓ ଚାନ୍ଦୋଳ ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶୌଚାଳୟ ନିର୍ମାଣ ପାଇଁ ସ୍ଥାନ ନିରୁପଣ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୯ ଲକ୍ଷ ଟଙ୍କା ଅନୁଦାନରେ ବସ୍‌ଷ୍ଟାଣ୍ଡ ନିକଟରେ ଏହି ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର କିଛି ମାସ ପରେ କାର୍ଯ୍ୟବନ୍ଦ ରହିଥିଲା। ପରେ ମୁକୁନ୍ଦପୁର ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ, ଦାନପୁର ସେବା ସମବାୟ ସମିତି ସଭାପତି ପର୍ଶୁରାମ ମଲ୍ଲଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରାଯାଇ ଆଜି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି।

## ବତୀଘର ଦ୍ୱୀପାଞ୍ଚଳ ପାଇଁ ଆମ୍ବୁଲାନ୍ସ ସେବା

### ସ୍ୱାସ୍ଥ୍ୟ ସେବା ପାଇଁ ପ୍ରଶାନ୍ତି ବଳମନ୍ଦିର ଟ୍ରଷ୍ଟର ପ୍ରୟାସ



**ମହାକାଳପଡ଼ା, ୨୪।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଦୁର୍ଗମ ଓ ବିଚ୍ଛିନ୍ନ ବତୀଘର ଗ୍ରାମ ପଞ୍ଚାୟତରେ ପ୍ରଥମ ଥର ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ମାନ୍ୟବର ସାଂସଦ ବୈଜୟନ୍ତ ପଣ୍ଡା ଏବଂ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉଦ୍ୟମରେ କର୍ଣ୍ଣାଟକର ପ୍ରଶାନ୍ତି ବଳମନ୍ଦିର ଟ୍ରଷ୍ଟ ତରଫରୁ ଏହି ବହୁ ପ୍ରତୀକ୍ଷିତ ସେବା ଆରମ୍ଭ ହୋଇଥିବାରୁ ସମଗ୍ର ଅଞ୍ଚଳରେ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।

କେବଳ ଆମ୍ବୁଲାନ୍ସ ସେବା ନୁହେଁ, ବତୀଘର ଭଳି ଦ୍ୱୀପାଞ୍ଚଳର ଲୋକଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ନିଶୁଳ୍କ ଚିକିତ୍ସା, ସ୍ୱାସ୍ଥ୍ୟ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯିବ। ସେହିପରି ପଞ୍ଚାୟତର ୧୦ଟି ଗ୍ରାମକୁ 'ପୋଷକ ଗ୍ରାମ' ଭାବେ ଗ୍ରହଣ କରି ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୂଚନା ମିଳିଛି।

ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶୁଭାରମ୍ଭ ଉତ୍ସବରେ ସରପଞ୍ଚ ସିବାନୀ ବିଜୁଳି, ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ, ଦେବାଶିଷ ନନ୍ଦଙ୍କ ସମେତ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଶତାଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

ଦୀର୍ଘ ଦିନ ଧରି ଦୁର୍ଗମ ଅଞ୍ଚଳରେ ଜରୁରୀ ସ୍ୱାସ୍ଥ୍ୟସେବାର ଅଭାବ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇ ରହିଥିଲା। ବିଶେଷକରି ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀମାନଙ୍କୁ ଚିକିତ୍ସାଳୟକୁ ନେବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ନୂତନ ଆମ୍ବୁଲାନ୍ସ ସେବା ଆରମ୍ଭ ହେବା ପରେ ସେହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଆଶା କରାଯାଉଛି। ଏହି ଐତିହାସିକ ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ମାନ୍ୟବର ସାଂସଦ, ବିଧାୟକ ଓ ପ୍ରଶାନ୍ତି ବଳମନ୍ଦିର ଟ୍ରଷ୍ଟ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଦ୍ୱୀପାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି।

## ନିଟ୍ ପ୍ରସଙ୍ଗରେ କଂଗ୍ରେସର ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ



**ପଟ୍ଟାମୁଣ୍ଡାଇ, ୨୪।୭ (ସଂଚାର ବ୍ୟୁରୋ):** ନିଟ୍ ପ୍ରଶ୍ନ ପତ୍ର ଲିକ ପ୍ରତିବାଦରେ ଦିଲ୍ଲୀରେ ଚାଲିଥିବା ଛାତ୍ର ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଓ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ପୋଲିସ ଅଟକ ରଖିଥିବା ଘଟଣାର ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରେ ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆନ୍ଦୋଳନକାରୀ କଂଗ୍ରେସ ନେତାମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ଦିଲ୍ଲୀର ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। କଂଗ୍ରେସ ନେତାମାନେ କହିଥିଲେ ଯେ, ଗଣତନ୍ତ୍ରରେ ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକଙ୍କର ନିଜ ଦାବି ଓ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଭାବେ ସ୍ୱର ଉଠାଇବା ସାମ୍ବିଧାନିକ ଅଧିକାର। ସେହି ସ୍ୱରକୁ ବଳପୂର୍ବକ ଦମନ କରିବା ଗଣତନ୍ତ୍ର ପାଇଁ ବିପଦଜନକ ବୋଲି କଂଗ୍ରେସ ନେତା ମାନେ ଅଭିଯୋଗ କରିଥିଲେ।

ସେହିପରି ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ କଂଗ୍ରେସର ଅନ୍ୟ ନେତାମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ବିରୋଧ କରିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗାମୀ ଦିନରେ ମଧ୍ୟ ସଂଗ୍ରାମ ଜାରି ରହିବ ବୋଲି ଘୋଷଣା କରାଯାଇଛି ।

## ତହସିଲ ସମ୍ମୁଖରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ମାହାଙ୍ଗା, ୨୪।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ତହସିଲ ଅଧିନ ଜଳେଶ୍ୱରପୁର ମଧୁବନ ଗ୍ରାମ ସ୍ଥିତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାକୁ ଲାଗିଥିବା ଏକ ଜମିରୁ ଏକ ଗଛ କଟା ଯାଉଥିବା ନେଇ ତହସିଲ ପ୍ରଶାସନ ଖବର ପାଇବା ପରେ ଉକ୍ତ ସ୍ଥାନରେ ଚଢାଉ କରି ତହସିଲଦାର ଗଛ କଟା ବନ୍ଦ କରିବା ସହ ବ୍ୟବହୃତ କଟର ମେସିନକୁ ଜବତ କରି ସାଙ୍ଗରେ ନେଇ ଯାଇଥିଲେ। ତେବେ ଏହି ଗଛଟି ସରକାରୀ ଜମି କି ଘରୋଇ ଜମି ଆଜି ପର୍ଯ୍ୟନ୍ତ ଚିହ୍ନଟ ହୋଇନଥିବାରୁ ଏହି ଗଛକୁ ନିଜର ବୋଲି ମଧୁବନ ଗ୍ରାମର ଜନୈକ ଯୁବକ ଦାବି କରିବା ସହ ଜବତ ମେସିନ ଆଣିବା ପାଇଁ ତହସିଲକୁ ଯାଇ ନିରାଶ ହୋଇଥିଲେ। ପ୍ରାୟ ଏକ ମାସ ହେବ ଏହି ମେସିନ ଜବତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଆଇନ ଅନୁଯାୟୀ ଉକ୍ତ ମେସିନକୁ ଫେରାଇବାର ବନ୍ଦୋବସ୍ତ କରାଯାଉନଥିବାରୁ ବାଧ୍ୟ ହୋଇ ଗଛକୁ ନିଜର ଦାବି କରୁଥିବା ଏହି ଗ୍ରାମର ପ୍ରହଲ୍ଲାଦ ପାଣି ଆଜି ମଧ୍ୟାହ୍ନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟା ଓ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ତୁରନ୍ତ ଅନ୍ୟ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ଯୁବକଙ୍କ ଠାରୁ ପେଟ୍ରୋଲ ଛଡାଇ ନେଇ ଆସିବାରୁ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ।

## ବାଲ୍ୟ ବିବାହ ଅନ୍ତ ଘଟାଇବା ପାଇଁ ଜିଲ୍ଲା ସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



**ଢେଙ୍କାନାଳ, ୨୪।୭ (ସଂଚାର ବ୍ୟୁରୋ):** ବାଲ୍ୟ ବିବାହ ଅନ୍ତ ଘଟାଇବା ନିମନ୍ତେ ପ୍ରସ୍ତୁତ ଜିଲ୍ଲା କାର୍ଯ୍ୟଯୋଜନା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆଜି ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହ ନିରାକରଣ ପାଇଁ ପ୍ରସ୍ତୁତ ଜିଲ୍ଲା କାର୍ଯ୍ୟଯୋଜନା ସମ୍ପର୍କରେ ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ଅବଗତ କରାଇବା ଏବଂ ଯୋଜନାର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା।

ଏହା ସହ ବାଲ୍ୟ ବିବାହ ଓ ଶିଶୁ ଚାଲାଣର ପ୍ରତିରୋଧ, ଚିହ୍ନଟ, ଉଦ୍ଧାର, ପୁନର୍ବାସ ଏବଂ ଆଇନଗତ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ଧାରଣା ପ୍ରଦାନ ସହ ଗ୍ରାମ ଓ ୱାର୍ଡ ସ୍ତରରେ ସଚେତନତା ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ବାଲ୍ୟ ବିବାହ ଓ ଶିଶୁ ଚାଲାଣର ବର୍ତ୍ତମାନ ସ୍ଥିତି ଏବଂ ଚ୍ୟାଲେଞ୍ଜ, ଜିଲ୍ଲା କାର୍ଯ୍ୟଯୋଜନାର ପ୍ରମୁଖ ଉପାଦାନ, ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬, ପୋକ୍ସୋ ଆଇନ-୨୦୧୨, କିଶୋର ନ୍ୟାୟ ଆଇନ ଓ ମାନବ ଚାଲାଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା, ବିଭିନ୍ନ ବିଭାଗର ଭୂମିକା ଓ ଦାୟିତ୍ୱ, ଅଭିଯୋଗ ଗ୍ରହଣ, ତ୍ୱରିତ ପ୍ରତିକ୍ରିୟା, ଉଦ୍ଧାର, ପୁନର୍ବାସ, ନିରୀକ୍ଷଣ, ରିପୋର୍ଟିଂ ଏବଂ ସମୀକ୍ଷା ବ୍ୟବସ୍ଥା ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ, ପୁଲିସ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶ୍ରମ ବିଭାଗ, ପଞ୍ଚାୟତ ରାଜ ପ୍ରତିନିଧି, ଶିଶୁ ସୁରକ୍ଷା ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମୁଦାୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ସ୍ୱାମୀଙ୍କ ଗିରଫ ଦାବିକଲେ ସ୍ତ୍ରୀ

### ପରକୀୟା ପ୍ରୀତି ମିଥ୍ୟା, ସ୍ୱାମୀ ରଚିଥିଲେ ଷଡ଼ଯନ୍ତ୍ର



**ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ଚଉମୁଖ ଗ୍ରାମର ଭୁବନ ମାନାଙ୍କ ଝିଅ ସୁସ୍ମିତା ୧୫ ବର୍ଷ ତଳେ ଭୋଗରାଇ ଥାନା ଅନ୍ତର୍ଗତ ଶଇତଳିଆ ଗ୍ରାମର ଶ୍ରୀକାନ୍ତ ଜେନାଙ୍କ ପୁଅ ରାଜେନ୍ଦ୍ର ଜେନାଙ୍କୁ ଭଲ ପାଇ ବିବାହ କରିଥିଲେ। ଦମ୍ପତିଙ୍କର ପୁଅଟିଏ ମଧ୍ୟ ରହିଛି। ବିବାହ ପର ଠାରୁ ପୁଅ ମୁହଁକୁ ଚାହିଁ ଏବଂ ଦୁଇ ପରିବାର ମାନସମ୍ମାନକୁ ଲକ୍ଷ୍ୟ କରି ଶାଶୁ ଘର ଲୋକ ଏବଂ ସ୍ୱାମୀଙ୍କ ନିର୍ଯାତନା ସହ୍ୟ କରି ରହୁଆସୁଥିଲେ ସୁସ୍ମିତା। ସ୍ୱାମୀ ବେରୋଜଗାର ଥିବାରୁ କେତେ ବେଳେ ବାପା ଭାଇଙ୍କ ସାହାଯ୍ୟରେ ଗୁଜୁରାଣ ମେଣ୍ଟାନ୍ତି ତ ଆଉ କେତେବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ, ଘରୋଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୋନ୍ ଆଣି ସ୍ୱାମୀ ଦେଉଥିଲେ। ଏମିତି କି ତାଙ୍କ ନାମରେ ଲୋନ କରି ସ୍ୱାମୀଙ୍କୁ ଅଟୋ ରିକ୍ସା ଯୋଗାଇ ଦେଇଛନ୍ତି। ପୁଅକୁ ହଷ୍ଟେଲରେ ରଖି ପାଠ ମଧ୍ୟ ପଢାଉ ଥିଲେ। ଧୀରେ ଧୀରେ ନିର୍ଯାତନା ବଢ଼ି ଚାଲିବା ସହିତ ତାଙ୍କ ନାମରେ ହୋଇଥିଲା ଲୋନକୁ ସୁଝାଇବା ପାଇଁ ନିକଟସ୍ଥ କର୍ମଦା ଛକରେ ଘର ଭଡ଼ା ନେଇ ରହି ନର୍ସିଂହୋମରେ କାମ କରି ନିଜର ପେଟ ପୋଷୁଥିଲେ । ବାହାରେ ରହିଲେ ସ୍ୱାମୀ ଅସୁବିଧା ସୃଷ୍ଟି କରିବେ ବୋଲି ଜାଣି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ, ସେଠାରେ ସମାଧାନ ପତ୍ର ମଧ୍ୟ ହୋଇଥିଲା। ସମାଧାନ ପତ୍ରରେ ସ୍ତ୍ରୀ ଯୋଉଠି ଚାହିବେ ସେଠାରେ ରହିପାରିବେ ବୋଲି ଉଲ୍ଲେଖ ରହିଛି। ମାତ୍ର ପୋଲିସର କଥା ଅମାନ୍ୟ କରି ସ୍ତ୍ରୀ ଥିବା ଭଡାଘରକୁ ସ୍ୱାମୀ ଯାଇ ସେଠାରେ ପାଟି ତୁଣ୍ଡ କରିବା ପରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାର ନିଷ୍ପତ୍ତି ନେଇ ନୋଟିସ ପଠାଇଥିଲେ ସୁସ୍ମିତା।

ଏ ଘଟଣାରେ ବିବ୍ରତ ହୋଇ ସ୍ୱାମୀ ଗତ ୧୮ ତାରିଖ ଦିନ ଯୋଜନା ବନ୍ଧ ଭାବେ କିଛି ଅସାମାଜିକ ଲୋକଙ୍କୁ ନେଇ ଭଡାରେ ରହୁଥିବା ଘର ଆଗରେ ମୋ ସ୍ତ୍ରୀ ପ୍ରରକ୍ରୀୟା ପ୍ରତିରେ ଛଅ ମାସ ଏଇଠି ଲୁଚିଛି ବୋଲି ପାଟିକରି ଅଭିନୟ କରିଥିଲେ। ନିଜକୁ ଅସୁରକ୍ଷିତ ମନେ କରି ପୁଲିସକୁ ସାହାଯ୍ୟ ମାଗିଥିଲେ ସୁସ୍ମିତା। ଘରୁ କୈଣସି ପୁରୁଷକୁ ପୁଲିସ ନପାଇ ସୁସ୍ମିତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏ ସମସ୍ତ କଥାର କଲ ରେକର୍ଡ ଏବଂ ଭିଡିଓ, ଫୋଟୋ ମହଜୁଦ ରହିଛି ବୋଲି ଶୁକ୍ରବାର ବାଲିଆପାଳ ଶୁଭମ୍ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜନ କରି ସୁସ୍ମିତା କହିଛନ୍ତି। ପ୍ରଥମରୁ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଏବଂ ପରେ ଯୋଜନା ବନ୍ଧ ଭାବେରେ ପ୍ରରକ୍ରୀୟା ପ୍ରତିରେ ଦୋଷାରୋପ କରି ମାନସମ୍ମାନକୁ ସମାଜ ଆଗରେ ନିଲାମ କରିଥିବା ସ୍ୱାମୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

## ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣ ବିବାଦର ହେଲା ଆପୋଷ ସମାଧାନ

**ମାହାଙ୍ଗା,୨୪।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ପଞ୍ଚାୟତ ଅକରପଡ଼ା ଓ ଲଳିତଗିରି ପଞ୍ଚାୟତ ପୁରୁଷୋତମପୁର ଗ୍ରାମବାସୀଙ୍କ ମଧ୍ୟରେ ଏକ ଗୋଚର ଜମିରେ କ୍ରିକେଟ ଖେଳ ପଡ଼ିଆ ନିର୍ମାଣକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ହେବା ସହ ମନ୍ଦିର ଭଙ୍ଗାରୁଜା ଏବଂ ଖେଳପଡ଼ିଆରେ ନିର୍ମିତ ନେଟ ଓ ନେଟ ଖୁଣ୍ଟି ଭଙ୍ଗାରୁଜା ହେବା ନେଇ ଉଭୟ ଗ୍ରାମ ପକ୍ଷରୁ ମାହାଙ୍ଗା ଥାନାରେ ଅଭିଯୋଗ କରାଯାଇଥିଲା। ଯାହାକୁ ନେଇ ଗତକାଲି ଲଳିତଗିରି କ୍ରିକେଟ ଏକାଡେମୀ ଓ ଅକରପଡ଼ା ବୁଦ୍ଧିଜିବୀ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଉଭୟ ଉଭୟଙ୍କ ଉପରେ ଆରୋପ ଓ ପ୍ରତ୍ୟାରୋପ କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ କରାଯାଇଥିଲା। ଦୁଇ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷକୁ ଏଡାଇବା ପାଇଁ ମାହାଙ୍ଗା ଥାନା ପକ୍ଷରୁ ଉଭୟ ଗ୍ରାମବାସୀଙ୍କୁ ଡକାଇ ଆପୋଷ ସମାଧାନ କରାଯାଇଥିବା ଜଣାଯାଇଛି। ଯାହା ଫଳରେ ପୂର୍ବ ପରି ଉଭୟ ଗ୍ରାମର ଖେଳାଳୀ ମାନେ କିପରି ଶାନ୍ତି ପୂର୍ଣ୍ଣ ଭାବେ ଖେଳିବେ ସେଥିନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟର ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ

# ଯୁବପିଢ଼ି ମଧ୍ୟରେ ସମାଧାନମୂଳକ ନେତୃତ୍ୱର ବିକାଶ ଜରୁରୀ




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଯୁବପିଢ଼ିଙ୍କ ମଧ୍ୟରେ ସମାଧାନମୂଳକ ନେତୃତ୍ୱର ବିକାଶ ଜରୁରୀ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଭୁବନେଶ୍ୱର ଚାପ୍ଟର ଦ୍ୱାରା ଆୟୋଜିତ ଦୁଇଦିନିଆ ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟ-୨୦୨୬ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରକୃତ ନେତୃତ୍ୱ ତର୍କ ଜିତିବାରେ ନୁହେଁ, ବରଂ ସମାଜ ଓ ଦେଶର କଲ୍ୟାଣ ପାଇଁ ସମାଧାନ ଖୋଜିବାରେ ନିହିତ। ଭାରତ ସର୍ବବୃହତ ଗଣତନ୍ତ୍ର ହେବା ହିଁ ତା'ର ସବୁଠୁ ବଡ଼ ଶକ୍ତି ନୁହେଁ, ବରଂ ଲୋକଙ୍କୁ ବାନ୍ଧି ରଖୁଥିବା ମୂଲ୍ୟବୋଧ ହିଁ ଏହାର ପ୍ରକୃତ ଶକ୍ତି। ଗଣତନ୍ତ୍ର ସକ୍ରିୟ ନାଗରିକ ଅଂଶଗ୍ରହଣ, ଉତ୍ତରଦାୟୀ ଅନୁଷ୍ଠାନ ଓ ସଚେତନ ଜନମତ ଉପରେ ନିର୍ଭର କରେ। ଏହା ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ଉନ୍ନୟନରେ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସୁଯୋଗ ଦେଇଥାଏ।

ସଂସଦ ଓ ବିଧାନସଭାକୁ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ଜୀବନ୍ତ ସ୍ତମ୍ଭ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି ପ୍ରତିଷ୍ଠାନଗୁଡ଼ିକ ବିବିଧ ମତାମତର ମିଳନସ୍ଥଳ, ନୀତି ବିତର୍କ, ଆଇନ ପ୍ରଣୟନ ଓ ସରକାରଙ୍କ ଉତ୍ତରଦାୟୀତ୍ୱ ନିଶ୍ଚିତ କରିବାର ମଞ୍ଚ ପ୍ରଦାନ କରେ। ଗଠନମୂଳକ ବିତର୍କ, ଯୁକ୍ତିପୂର୍ଣ୍ଣ ଆଲୋଚନା ଓ ସମ୍ମାନଜନକ ଅସମ୍ମତି ହିଁ ଏକ ସଚଳ ଗଣତନ୍ତ୍ରର ଲକ୍ଷଣ। ୟଙ୍ଗ ଇଣ୍ଡିଆ ପାର୍ଲିଆମେଣ୍ଟ କେବଳ ଏକ ମକ୍ ପାର୍ଲିଆମେଣ୍ଟ ନୁହେଁ, ବରଂ ଏହା ନେତୃତ୍ୱ, ସୂକ୍ଷ୍ମ ଚିନ୍ତନ, ଆତ୍ମବିଶ୍ୱାସ ଓ ଜନସେବାର ଭାବନା ବିକଶିତ କରିବାର ଏକ ପ୍ଲାଟଫର୍ମ। ସଙ୍କଟ ସମୟରେ ଯୁବପିଢ଼ି ସବୁଠୁ ଅଭିନବ ସମାଧାନର ସୂତ୍ର ଦେଇଥାନ୍ତି ବୋଲି ଆତ୍ମବିଶ୍ୱାସ ପ୍ରକାଶ କରି ରାଜ୍ୟପାଳ ଅଂଶଗ୍ରହଣକାରୀମାନଙ୍କୁ ଆତ୍ମବିଶ୍ୱାସର ସହ କହିବା, ଧୈର୍ଯ୍ୟର ସହ ଶୁଣିବା, ଭିନ୍ନ ମତକୁ ସମ୍ମାନ କରିବା ଓ ବ୍ୟକ୍ତିଗତ ପସନ୍ଦ ଉପରେ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଛନ୍ତି।

ପିଏମ୍ ଇ-ଡ୍ରାଇଭ୍ ଯୋଜନା

# ଓଡ଼ିଶା ପାଇଁ ସାଢ଼େ ୪୦ କୋଟି ମଞ୍ଜୁର




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଓଡ଼ିଶାରେ ବୈଦ୍ୟୁତିକ ଯାନ (ଇଭି) ଗତିଶୀଳତାକୁ ବଡ଼ ପ୍ରୋତ୍ସାହନ ଯୋଗାଇ କେନ୍ଦ୍ର ସରକାରଙ୍କ ଭାରୀ ଶିଳ୍ପ ମନ୍ତ୍ରାଳୟ (ଏମ୍‌ଏଚ୍‌ଆଇ) ପକ୍ଷରୁ ରାଜ୍ୟରେ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ ବିକାଶ ପାଇଁ ପିଏମ୍ ଇ-ଡ୍ରାଇଭ୍ (ପିଏମ୍ ଇଲେକ୍ଟ୍ରିକ୍ ଡ୍ରାଇଭ୍ ରିଭୋଲ୍ୟୁସନ୍ ଇନ୍ ଇନୋଭେଟିଭ୍ ଭେହିକିଲ ଏନହାନ୍ସମେଣ୍ଟ) ଯୋଜନାରେ ୪୦ କୋଟି ୫୦ ଲକ୍ଷ ୭୫ ହଜାର ୬୪୦ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ 'ପୂର୍ବୋଦୟ'ର ପ୍ରବେଶପଥ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଉ ଏକ ଅବଦାନ। ଗତ ଜୁନ୍‌ରେ ଇଭି ଯାନର ଅଂଶୀଦାରିତାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ (ଦେଶରେ ୧୨%, ଓଡ଼ିଶାରେ ୧୭%) ସାବ୍ୟସ୍ତ ହୋଇଛି। ପିଏମ୍ ଇ-ଡ୍ରାଇଭ୍ ଯୋଜନାରେ ଓଡ଼ିଶାକୁ ୪୦.୫୦ କୋଟିରୁ ଅଧିକ ଅନୁଦାନ ମିଳିଛି। ଏଥିସକାଶେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ପରିବେଶ ସୁରକ୍ଷା ଓ ଇନ୍ଧନ ସଞ୍ଚୟ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାର ନେଇ ଏକ ଅଭୂତପୂର୍ବ ଉତ୍ସାହ ସୃଷ୍ଟି ହୋଇଛି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଆହ୍ୱାନ କ୍ରମେ ଲୋକେ ବୈଦ୍ୟୁତିକ ଯାନ ବ୍ୟବହାର ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରିଛନ୍ତି। ଫଳରେ ଗତ ଜୁନ୍‌ରେ ସାରା ଦେଶ ମଧ୍ୟରେ ଓଡ଼ିଶାରେ ସର୍ବାଧିକ ପ୍ରତିଶତ ଇଭି ବିକ୍ରି ରେକର୍ଡ ହୋଇଛି। ଓଡ଼ିଶାରେ 'ପିଏମ୍ ଇ-ଡ୍ରାଇଭ୍' ଯୋଜନା ରୂପାୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ନୋଡାଲ ଏଜେନ୍ସି ଭାବେ ମନୋନୀତ କରାଯାଇଛି। ଏହି ଯୋଜନା ଅଧୀନରେ ଆର୍ଥିକ ସହାୟତା ପାଇଁ ଏସ୍‌ଟିଏ ଦ୍ୱାରା ଦାଖଲ ହୋଇଥିବା ପ୍ରସ୍ତାବକୁ ଭାରୀ ଶିଳ୍ପ ମନ୍ତ୍ରାଳୟ ଅନୁମୋଦନ କରିଛନ୍ତି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୬ଟି ସହରରେ ୧୭୦ଟି ସ୍ଥାନରେ ପବ୍ଲିକ ଇଭି ଚାର୍ଜିଂ ଷ୍ଟେସନ ଓ ଏଥିରେ ୬୮୮ଟି ଇଭି ଚାର୍ଜର ଏବଂ ୪ଟି ବ୍ୟାଟେରୀ ସ୍ୱାପିଂ ଷ୍ଟେସନ୍ (ବିଏସ୍‌ଏସ୍) ସ୍ଥାପନ କରାଯିବ। ଇଭି ଚାର୍ଜିଂ ସୁବିଧା ସହଜରେ ଉପଲବ୍ଧ କରାଇବା ପାଇଁ ବିଭିନ୍ନ ସରକାରୀ ଦପ୍ତର ପରିସର, ପ୍ରମୁଖ ସଡ଼କ, ପାର୍କିଂ ସ୍ଥାନ, ରେଳଷ୍ଟେସନ୍, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, ପୁଲିସ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନଗୁଡ଼ିକୁ ପ୍ରସ୍ତାବିତ ସ୍ଥାନ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଓଡ଼ିଶାରେ ଇଭି ଅଭିଯାନକୁ ଆହୁରି ଆଗକୁ ନେବାକୁ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ଇଭି ଚାର୍ଜିଂ ପରିବେଶକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫୦୦ରୁ ଅଧିକ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି।

# ଓଡ଼ିଶା ଡ୍ରାଇଭର ମହାସଂଘର ଅନ୍ନପ୍ରସାଦ ଓ ଜଳସେବା



ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ଯାତ୍ରା ୨୦୨୬ ଉପଲକ୍ଷେ ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀରେ ଶ୍ରଦ୍ଧାଳୁ ଭକ୍ତଙ୍କ ସେବା ପାଇଁ ଆଗେଇ ଆସିଛି 'ଓଡ଼ିଶା ଡ୍ରାଇଭର ମହାସଂଘ'। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାହୁଡ଼ା ବିଜେ ଅବସରରେ ବଡ଼ଦାଣ୍ଡରେ ଉପସ୍ଥିତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସଂଘ ପକ୍ଷରୁ ଏକ ମହତ୍ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି ସେବା ଅଭିଯାନ ଅଧୀନରେ ପୁରୀ ବଡ଼ଦାଣ୍ଡସ୍ଥିତ ଭୋଳାନାଥ ବିଦ୍ୟାପୀଠ ନିକଟରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ନିଶୁଳ୍କ ଅନ୍ନପ୍ରସାଦ ଓ ବିଶୁଦ୍ଧ ସୁଶୀତଳ ଜଳସେବାର ବ୍ୟବସ୍ଥା କରାଯାଇଛି। 'ଡ୍ରାଇଭର ଭାଇମାନେ ସଦାସର୍ବଦା ସମାଜ ଓ ଜନସେବାରେ ନିୟୋଜିତ। ମହାପ୍ରଭୁଙ୍କ ଅପାର କୃପାରୁ ବାହୁଡ଼ା ଯାତ୍ରାରେ ଦୂରଦୂରାନ୍ତରୁ ଆସୁଥିବା ଜଗନ୍ନାଥପ୍ରେମୀ ଭକ୍ତଙ୍କ ସେବା କରିବାର ସୌଭାଗ୍ୟ ଆମକୁ ମିଳିଛି। ଆମର ଏହି ପ୍ରଚେଷ୍ଟା ଭକ୍ତମାନଙ୍କୁ କିଞ୍ଚିତ୍ ସେବା ଯୋଗାଇବାରେ ସହାୟକ ହେବ।' ଏଣୁ ପୁରୀ ବଡ଼ଦାଣ୍ଡକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଭୋଳାନାଥ ବିଦ୍ୟାପୀଠ ନିକଟସ୍ଥ ଏହି ସେବା ଶିବିରକୁ ଆସି ଅନ୍ନପ୍ରସାଦ ଗ୍ରହଣ କରିବା ସହ ଜଳସେବାର ସୁବିଧା ନେବାକୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ନିବେଦନ କରାଯାଇଛି।

# ୟୁନିଟ୍-୫ ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଲେ ଚତୁର୍ଦ୍ଧା ମୂର୍ତ୍ତି



ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଆଜି ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡା ଯାତ୍ରା। ଏହି ଉପଲକ୍ଷେ ମହାପ୍ରଭୁଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତି ୟୁନିଟ ୬ ରାଧାକୃଷ୍ଣ ମନ୍ଦିରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରି ୟୁନିଟ-୫ ଜଗନ୍ନାଥ ମନ୍ଦିରକୁ ନିର୍ଦ୍ଧାରିତ ସମୟରେ ପହଞ୍ଚିଯାଇଛନ୍ତି। ଦୀର୍ଘ ୩୫ ବର୍ଷ ଧରି ୟୁନିଟ୍ ୫ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଆଜି ଭୋର୍‌ରୁ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବେଶ ଶୃଙ୍ଗାର ସକାଳ ୭ଟା ସୁଦ୍ଧା ଶେଷ ହୋଇଥିଲା। ତା'ପରେ ବଲ୍ଲଭ ବା ସକାଳ ଧୂପ, ସହ ଖିଚୁଡ଼ି ଭୋଗ ଦିନ ୧୨ ଟା ସୁଦ୍ଧା ସରିଯାଇଥିଲା। ମଙ୍ଗଳାର୍ପଣ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ମଦନ ମୋହନ, ରାମକୃଷ୍ଣ ବିଜେ ଓ଼ ଚିତାଲାଗି ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ଶେଷ ହୋଇଥିଲା। ଅଶ୍ୱ ଓ଼ ସାରଥୀ ସ୍ଥାପନ ପରେ ରଥଟଣା ଆରମ୍ଭ ହୋଇଥିଲା। ଭୁବନେଶ୍ୱର କ୍ଲବ୍ ପଛ ପାଖ ରାସ୍ତା ଦେଇ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ଆସନ୍ତାକାଲି ସୁନାବେଶରେ ମହାପ୍ରଭୁ ଦର୍ଶନ ଦେବା ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

ଯାତ୍ରୀ ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ

# ପୁରୀ ଷ୍ଟେସନରେ ମୁତୟନ ହେଲା 'ଡିଏସ୍‌ସି ଅର୍ଜୁନ'




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ସୁରକ୍ଷିତ, ନିରାପଦ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ ଚାଲୁରହିଥିବା ରଥଯାତ୍ରା ସମୟରେ ପୁରୀ ରେଳଷ୍ଟେସନରେ ଏହାର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସଞ୍ଚାଳିତ ରୋବୋଟିକ୍ ସୁରକ୍ଷା ପ୍ଲାଟଫର୍ମ 'ଡିଏସ୍‌ସି ଅର୍ଜୁନ' ମୁତୟନ କରିଛି। ବାହୁଡ଼ା ଯାତ୍ରା, ଏହାପରେ ପବିତ୍ର ସୁନାବେଶ ଓ ଅଧରପଣା ନୀତି ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ଭିଡ଼ ପୁରୀ ରେଳଷ୍ଟେସନରେ ଦେଖିବାକୁ ମିଳୁଛି। ଏହି ଅତ୍ୟାଧିକ ଭିଡ଼ ସମୟରେ ଯାତ୍ରୀ ସୁରକ୍ଷା, ଷ୍ଟେସନ ନିରାପତ୍ତା ଓ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଷ୍ଟେସନ ପରିସର ଉପରେ ନଜର ରଖିବା ଓ ତୀର୍ଥଯାତ୍ରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବାରେ ରେଳ ସୁରକ୍ଷା ବଳ କର୍ମଚାରୀଙ୍କୁ ସହାୟତା କରିବା ପାଇଁ 'ଡିଏସ୍‌ସି ଅର୍ଜୁନ'କୁ ମୁତୟନ କରାଯାଇଛି।

ଏହି ଏଆଇ-ସଞ୍ଚାଳିତ ରୋବୋର୍ଟ ରେଳ ପ୍ଲାଟଫର୍ମ, ସର୍କୁଲେଟିଂ ଏରିଆ, ୱେଟିଂ ହଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ଚଳାଚଳ ସ୍ଥାନରେ ନିରନ୍ତର ନିରୀକ୍ଷଣ କରିବା ସହ ଏହାର ସଂଯୋଜିତ ସାର୍ବଜନୀନ ସୂଚନା ପ୍ରଣାଳୀ ମାଧ୍ୟମରେ ଯାତ୍ରୀମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପ୍ରସାରିତ କରୁଛି। ଯାତ୍ରୀମାନଙ୍କୁ ନିରାପଦ ଭାବେ ଟ୍ରେନରେ ଚଢ଼ିବା ଓ ଓହ୍ଲାଇବା, ନିଜ ସାମଗ୍ରୀ ପ୍ରତି ସତର୍କ ରହିବା, ଅନଧିକାର ପ୍ରବେଶ ଓ ଅସୁରକ୍ଷିତ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, ଶୃଙ୍ଖଳିତ ଯାତାୟାତ ଓ ରେଳ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ମାର୍ଗଦର୍ଶନ କରୁଛି। ଏହି ରିଅଲ୍-ଟାଇମ୍ ଘୋଷଣାଗୁଡ଼ିକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବା ସହ ରେଳ ସୁରକ୍ଷା ବଳକୁ ଏକ ନିରାପଦ ଓ ସୁରକ୍ଷିତ ପରିବେଶ ବଜାୟ ରଖିବାରେ ସହାୟତା କରୁଛି।



ମାଲକାନଗିରି ବିଜେଡି ନେତା ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଶୁକ୍ରବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନବୀନ ନିବାସରେ ଭେଟି ନିଜ ଅଞ୍ଚଳର ବିକାଶମୂଳକ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ନେଇ ଆଲୋଚନା କରିଛନ୍ତି। ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ନେତା ଓ ପଞ୍ଚାୟତ ପ୍ରତିନିଧିମାନେ ନବୀନଙ୍କୁ ଭେଟିଥିଲେ।

ଶିଳ୍ପ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଫେରୁଛନ୍ତି ଓଡ଼ିଆ ଯୁବକ

# ୨୬ରେ ଭାରତ ଫେରିବେ ପ୍ରଳୟ



ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଘରକୁ ଫେରିବେ ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର। ଶିଳ୍ପ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମ ଯୋଗୁଁ ଘରକୁ ସୁରକ୍ଷିତ ଫେରିବେ ପ୍ରଳୟ। ତାଙ୍କୁ ଫେରାଇ ଆଣିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ଶିଳ୍ପ ମନ୍ତ୍ରୀ। ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ମଧ୍ୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ସେ ଅନୁରୋଧ କରିଥିଲେ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିବା ପରେ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କୁ 'ଫାଇନାଲ୍ ଏକଜିଟ୍' ଓ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ। ଦୂତାବାସର ହସ୍ତକ୍ଷେପ ଓ କମ୍ପାନୀ ସହ ନିରନ୍ତର ଯୋଗାଯୋଗ ଫଳରେ କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇଦେଇଛି। ଫଳରେ ଆସନ୍ତା ୨୬ ତାରିଖରେ ପ୍ରଳୟ ଭାରତ ଫେରିବେ।

ଜଗତସିଂହପୁର ଜିଲ୍ଲାର ପ୍ରଳୟ ଗତ ୨୦୨୪ ମେ' ୨୪ରେ ସାଉଦି ଆରବ ଯାଇଥିଲେ। ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ। ତେବେ ଗତ ଏପ୍ରିଲ ୩୦ରେ ଉକ୍ତ କମ୍ପାନୀ ଓ ପ୍ରଳୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନ ଥିଲେ। ପ୍ରଳୟଙ୍କ ମା' ପ୍ରତିମା ସେଠୀ ଏନେଇ ଶିଳ୍ପ ମନ୍ତ୍ରୀଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ। ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ।

ଉପଜିଲ୍ଲାପାଳଙ୍କ ଅପାରଗତା

# ହିଟ୍ ଆଣ୍ଡ ରନ୍ ମାମଲାରେ ମିଳୁନି କ୍ଷତିପୂରଣ



■ ପୁଲିସ କହୁଛି ଦୁର୍ଘଟଣା ସତ, ଦୁର୍ଘଟଣା ଘଟାଇଥିବା ଗାଡ଼ିର ତଥ୍ୟ ମିଳୁନି

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରତିଦିନ ମାଳମାଳ ହିଟ ଆଣ୍ଡ ରନ୍ ଘଟଣା ଘଟୁଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଲୋକ ମୃତାହତ ହେଉଛନ୍ତି। କିନ୍ତୁ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ପରିବାର କିମ୍ବା ଆହତ ହେଉଥିବା ବ୍ୟକ୍ତିଙ୍କୁ ସୋଲାସିଅମ ଫଣ୍ଡରୁ ଆର୍ଥିକ କ୍ଷତିପୂରଣ ମିଳୁନାହିଁ। ବହୁ ସଂଖ୍ୟାରେ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ଓ ଆହତ ବ୍ୟକ୍ତି କୋର୍ଟ କଚେରୀ ଦୌଡ଼ି ଦୌଡ଼ି ହତାଶ ହୋଇଗଲେଣି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ବ୍ୟବସ୍ଥା ଅନୁଯାୟୀ ଏଭଳି ମୃତ ଓ ଆହତ ବ୍ୟକ୍ତିଙ୍କୁ ସରକାର ନିଜ ପକ୍ଷରୁ କ୍ଷତିପୂରଣର ବ୍ୟବସ୍ଥା କରିଛନ୍ତି, ଯାହାକୁ ସୋଲାସିୟମ ଫଣ୍ଡ କୁହାଯାଏ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାର ପାଇଁ ଏଥିଲାଗି ୨ ଲକ୍ଷ ଟଙ୍କାର କ୍ଷତିପୂରଣ ବ୍ୟବସ୍ଥା ସରକାର କରିଥିବା ବେଳେ ଗୁରୁତର ଆହତ ହୋଇ ଚିକିତ୍ସିତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ୫୦ ହଜାର ଟଙ୍କାର କ୍ଷତିପୂରଣ ରାଶି ଧାର୍ଯ୍ୟ କରାଯାଇଛି। ବ୍ୟବସ୍ଥା ଅନୁଯାୟୀ ଯଦି ପରବର୍ତ୍ତୀ ଅବସ୍ଥାରେ ଦୁର୍ଘଟଣା ଘଟାଇଥିବା ଚାଳକ ଓ ଗାଡ଼ି ସମ୍ପର୍କରେ ତଥ୍ୟ ମିଳିଲେ ଓ ବୀମା କମ୍ପାନୀ କ୍ଷତିପୂରଣ ଦେଲେ ସରକାରଙ୍କୁ ଏହି ସୋଲାସିୟମ ରାଶି ଫେରାଇବାକୁ ପଡ଼ିବ।

ରାଜ୍ୟରେ ହିଟ୍ ଆଣ୍ଡ ରନ୍ ମାମଲାରେ ଶହ ଶହ ମୃତ ବ୍ୟକ୍ତିଙ୍କ ପରିବାର ଓ ଆହତ ଲୋକ ଏହି ସୋଲାସିୟମ ଫଣ୍ଡରୁ କ୍ଷତିପୂରଣ ପାଇପାରୁନାହାନ୍ତି। ଏହି ତାଲିକା ଏବେ ଲମ୍ବି ଲମ୍ବି ଯାଉଛି ଏବଂ କ୍ଷତିପୂରଣ ପାଇଁ କୋର୍ଟ କଚେରୀ ଦୌଡ଼ିବାକୁ ଅନେକଙ୍କ ପାଖରେ ସମ୍ବଳ ନାହିଁ କି ଲୋକବଳ ନାହିଁ। ସଡ଼କ ସୁରକ୍ଷା ବିଶେଷଜ୍ଞ ଆଇନଜୀବୀ ସୁବ୍ରତ ନନ୍ଦଙ୍କ କହିବାନୁଯାୟୀ, ଉପଜିଲ୍ଲାପାଳମାନେ ହିଁ ହିଟ୍ ଆଣ୍ଡ ରନ୍ ମାମଲାର ତଦାରଖ କରୁଛନ୍ତି। କିନ୍ତୁ ସେମାନେ ନିଜର ସରକାରୀ କାର୍ଯ୍ୟବ୍ୟସ୍ତତା ହେଉ କିମ୍ବା ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବହୁ ସଂଖ୍ୟାରେ ପରିବାର ଏହି କ୍ଷତିପୂରଣ ପାଇପାରୁନାହାଁନ୍ତି।

ରାଷ୍ଟ୍ରୀୟ ରାଜମାର୍ଗ ଓ ସଡ଼କ ପରିବହନ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ସାରା ଦେଶରେ ବର୍ଷକୁ ୪ ଲକ୍ଷ ୬୧ ହଜାର ସଡ଼କ ଦୁର୍ଘଟଣାରେ ଘଟୁଛି। ଏଭଳି ଦୁର୍ଘଟଣାରେ ପ୍ରାୟ ୧ ଲକ୍ଷ ୬୮ ହଜାରରୁ ଅଧିକ ଲୋକ ପ୍ରାଣ ହରାଇବା ସହ ୪ ଲକ୍ଷ ୪୩ ହଜାର ଲୋକ ଆହତ ହେଉଛନ୍ତି। ସେହିପରି ରାଜ୍ୟରେ ବର୍ଷକୁ ହେଉଥିବା ୧୨ ହଜାରରୁ ଅଧିକ ଦୁର୍ଘଟଣାରେ ପ୍ରାୟ ୬ ହଜାର ଲୋକ ପ୍ରାଣ ହରାଉଛନ୍ତି। ଏଭଳି ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୧୦ ହଜାରରୁ ଅଧିକ ଲୋକ ଆହତ ହେଉଛନ୍ତି। ରାଜ୍ୟରେ ଦୈନିକ ପ୍ରାୟ ୧୮ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ମୋଟ ଦୁର୍ଘଟଣାର ୨୦ ପ୍ରତିଶତ ହେଉଛି ହିଟ୍ ଆଣ୍ଡ ରନ୍ ମାମଲା, ଯେଉଁଥିରେ ଅନେକ ଗାଡ଼ି ଦୁର୍ଘଟଣା ଘଟାଇ ଖସିଯାଇଥାନ୍ତି, ସେମାନଙ୍କ ଗାଡ଼ି, ବୀମା କମ୍ପାନୀ କିମ୍ବା ମାଲିକଙ୍କ ଠିକଣା ମିଳେନାହିଁ। ଅଧିକାଂଶ ମାମଲାରେ ସ୍ଥାନୀୟ ଥାନାରେ ଏତଲା ଦାୟର କଲେ ମଧ୍ୟ କିଛି ସୁଫଳ ମିଳେନାହିଁ। କୋର୍ଟକୁ ମାମଲା ଗଲେ ପୁଲିସ ସାକ୍ଷ୍ୟ ଦେଇ କହେ ଦୁର୍ଘଟଣା ସତ, କିନ୍ତୁ ଦୁର୍ଘଟଣା ଘଟାଇଥିବା ଗାଡ଼ିର ତଥ୍ୟ ପ୍ରମାଣ ମିଳୁନାହିଁ। ହିଟ୍ ଆଣ୍ଡ ରନ୍ ମାମଲାରେ ଅଧିକାଂଶ ମୃତ ଓ ଆହତଙ୍କ ସମ୍ପର୍କରେ ତଥ୍ୟ ମିଳିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡ଼ି କିମ୍ବା ଚାଳକଙ୍କ ସମ୍ପର୍କରେ ତଥ୍ୟ ନଥାଏ। ଫଳରେ ସଠିକ ତଥ୍ୟ ପ୍ରମାଣ ଅଭାବରୁ ଉଭୟ ମୃତ ଓ ଆହତ ବ୍ୟକ୍ତିଙ୍କ ପରିବାର କ୍ଷତିପୂରଣ ପାଇପାରୁନାହାଁନ୍ତି।

# ଦୁଗ୍ଧ ସମବାୟ ସମିତିକୁ ମାଇକ୍ରୋ ଏଟିଏମ୍ ପ୍ରଦାନ



କଟକ, ୨୪।୭ (ସଂଚାର ବ୍ୟୁରୋ): କଟକ ଉପନିବନ୍ଧକ ସମବାୟ ସମିତି ଓ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସହଯୋଗରେ ଆୟୋଜିତ 'ସମବାୟ ମଧ୍ୟରେ ସମନ୍ୱୟ' କାର୍ଯ୍ୟକ୍ରମରେ ଦୁଗ୍ଧ ସମବାୟ ସମିତିକୁ ମାଇକ୍ରୋ ଏଟିଏମ୍ ପ୍ରଦାନ କରାଯାଇଛି। ସେହିପରି ଦୁଗ୍ଧ ସମବାୟ ସମିତି ସଭ୍ୟମାନଙ୍କର ନୂତନ ବ୍ୟାଙ୍କ ଖାତା ଖୋଲାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ୩୫ଟି ଦୁଗ୍ଧ ସମବାୟ ସମିତିକୁ ମାଇକ୍ରୋ ଏଟିଏମ୍ ବଣ୍ଟନ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଦେହାନ୍ତ



■ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

■ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମବେଦନା

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଦେହାନ୍ତ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଅସୁସ୍ଥତା ଯୋଗୁଁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ତାଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶ ପାଇଁ ତାଙ୍କର ଅସୀମ ଅବଦାନ ଓ ନିଃସ୍ୱାର୍ଥପର ସେବା ଆମ ଇତିହାସରେ ସଦା ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିବ। ସେ ଶୋକସନ୍ତପ୍ତ ପରିବାରବର୍ଗ ଓ ଅନୁଗାମୀମାନଙ୍କୁ ଗଭୀର ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ କହିଛନ୍ତି ଯେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ମହାପ୍ରୟାଣ ଦିବସ ତଥା ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଅବସରରେ ଆଦରଣୀୟ ବିମ୍ବାଧର ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିବାର ଅବସର ମିଳିଥିଲା। ତାଙ୍କ ସହ ବିତାଇଥିବା ସେହି ସ୍ମରଣୀୟ ମୁହୂର୍ତ୍ତ ଓ ଦେଶ ସେବା ପ୍ରତି ତାଙ୍କର ନିଷ୍ଠାପର ଅବଦାନ ଆମ ସମସ୍ତଙ୍କ ପାଇଁ ସଦା ପ୍ରେରଣାଦାୟୀ ହୋଇରହିବ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସ୍ୱର୍ଗତଃ ବିମ୍ବାଧରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ଦେହାନ୍ତ ଖବରରେ ଦୁଃଖ ପ୍ରକାଶ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ। ଦେଶ ପାଇଁ ତାଙ୍କର ଅସୀମ ଅବଦାନ ଓ ନିଃସ୍ୱାର୍ଥପର ସେବା ଆମ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିବ ବୋଲି ସେ କହିଛନ୍ତି।

# ଏସ୍‌ସି-ଏସ୍‌ଟି ମାମଲା, ଦଣ୍ଡବିଧାନ ହାର ନଗଣ୍ୟ



ଭୁବନେଶ୍ୱର,୨୪।୭: ରାଜ୍ୟର ବିଭିନ୍ନ ଅଦାଲତରେ ପଡ଼ିରହିଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପ୍ରତି ଅତ୍ୟାଚାର ସଂକ୍ରାନ୍ତୀୟ ଅପରାଧିକ ମାମଲାଗୁଡ଼ିକର ତ୍ୱରିତ ଫଇସଲା ଲାଗି ରାଜ୍ୟ ସରକାର ଏବେ ୬ଟି ସ୍ୱତନ୍ତ୍ର ଅଦାଲତ ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଜିଲ୍ଲାଗୁଡ଼ିକର ଅତିରିକ୍ତ ଜିଲ୍ଲା ଜଜ୍‌ମାନେ ଏହି ସ୍ୱତନ୍ତ୍ର କୋର୍ଟର ଦାୟିତ୍ୱ ନିଜ ମୂଳ ଦାୟିତ୍ୱ ସହ ତୁଲାଇବେ। ଏହି ପରିପ୍ରେକ୍ଷୀରେ ସବୁ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଏଥିପାଇଁ ବିଚାରପତି ନିଯୁକ୍ତି ସହ କୋର୍ଟ ସ୍ଥାପନ ଲାଗି ଦାବି ଉଠୁଛି।

ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା ଫଇସଲା କ୍ଷେତ୍ରରେ ଓଡ଼ିଶା ବହୁତ ପଛରେ ପଡ଼ିଛି। ୨୦୨୬ ମଇ ମାସରେ ପ୍ରକାଶ ପାଇଥିବା ଭାରତ ସରକାରଙ୍କ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟର ତଥ୍ୟ ମୁତାବକ ୨୦୨୪ ବର୍ଷରେ ଏସ୍‌ସି ବର୍ଗଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୨୩,୯୬୮ଟି ଓ ଏସ୍‌ଟି ବର୍ଗଙ୍କ ପ୍ରତି ଘଟିଥିବା ମାମଲାରୁ ୭୬୯୭ଟି ବିଚାର ପାଇଁ ଥିଲା। ଏସ୍‌ସି ମାମଲାରୁ ୧୦୫ଟି ଫଇସଲା ହୋଇଥିବାବେଳେ ସେଥିରୁ ୯୧ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିଲେ ଓ ମାତ୍ର ୧୧ଟିରେ ଦଣ୍ଡବିଧାନ କରାଯାଇଥିଲା। ଏ କ୍ଷେତ୍ରରେ ଦଣ୍ଡବିଧାନ ହାର ୧୦.୮ ପ୍ରତିଶତ ଥିବାବେଳେ ମାମଲା ଫଇସଲା ହାର ଥିଲା ମାତ୍ର ଦଶମିକ ୪ ପ୍ରତିଶତ।

ସେହିପରି ଅନୁସୂଚିତ ଜନଜାତି ବର୍ଗଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ମାତ୍ର ୩୪ଟିର ଫଇସଲା ହୋଇଥିବାବେଳେ ୩୨ଟିରେ ଅଭିଯୁକ୍ତ ଖଲାସ ହୋଇଥିବାବେଳେ ମାତ୍ର ୨ଟିରେ ଦଣ୍ଡବିଧାନ କରାଯାଇଥିବା ଏହି ରିପୋର୍ଟରୁ ଜଣାପଡିଛି। ଅର୍ଥାତ୍ ଉକ୍ତ ବର୍ଷରେ ଏଭଳି ସମ୍ବେଦନଶୀଳ ମାମଲାରେ ଦଣ୍ଡବିଧାନ ହାର ମାତ୍ର ୫.୯ ପ୍ରତିଶତ ଥିବାବେଳେ ମାମଲା ଫଇସଲା ହାର ବି ରହିଥିଲା ମାତ୍ର ଦଶମିକ ୪ ପ୍ରତିଶତ।

ସେହିପରି କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୩ ରିପୋର୍ଟ ମୁତାବକ ଓଡ଼ିଶାରେ ଏସ୍‌ସି ମାମଲାରେ ଦଣ୍ଡବିଧାନ ହାର ମାତ୍ର ୦.୪ ପ୍ରତିଶତ ଥିବାବେଳେ ଏସ୍‌ଟି ମାମଲାରେ ଗୋଟିଏ ହେଲେ କ୍ଷେତ୍ରରେ ବି ଦଣ୍ଡବିଧାନ ହୋଇନଥିଲା। ୨୦୨୨ର କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ ଏସ୍‌ସିଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରେ ସେ ବର୍ଷ ଦଣ୍ଡବିଧାନହାର ୧୬.୧ ପ୍ରତିଶତ ଥିବାବେଳେ ଏସ୍‌ଟିଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରେ ଦଣ୍ଡବିଧାନ ହାର ୧୯.୬ ପ୍ରତିଶତ ଥିଲା। ଏହି ବର୍ଷଗୁଡ଼ିକରେ ବି ମାମଲା ଫଇସଲା ହାର ଢେର କମ୍ ରହିଥିଲା।

୨୦୨୨ର କ୍ରାଇମ୍ ଇନ୍ ଇଣ୍ଡିଆର ରିପୋର୍ଟ ତଥ୍ୟ ମୁତାବକ ଏସ୍‌ଟିଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ଗୋଟିଏ ହେଲେ ହୋଇନଥିବାବେଳେ ୨୪ଟି ମାମଲାରେ ଅଭିଯୁକ୍ତ ଖଲାସ ହୋଇଥିଲେ। ସେହିପରି ଏସ୍‌ସିଙ୍କ ପ୍ରତି ଘଟିଥିବା ଅପରାଧିକ ସଂକ୍ରାନ୍ତୀୟ ମାମଲାରେ ଏହି ବର୍ଷ ଫଇସଲା ହୋଇଥିବା ୧୪୫ଟି ମାମଲରୁ ୧୪୪ଟିରେ ଅଭିଯୁକ୍ତ ଖଲାସହୋଇଥିବାବେଳେ ମାତ୍ର ଗୋଟିଏରେ ଦଣ୍ଡବିଧାନ କରାଯାଇଥିଲା। ଉକ୍ତ ବର୍ଷରେ ବି ଏସ୍‌ସି ଓ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହାର ଏକ ପ୍ରତିଶତରୁ କମ୍ ରହିଥିଲା। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୨୫ ଜୁଲାଇ ୨୦୨୬, ଭୁବନେଶ୍ୱର
Saturday 25 July 2026, Bhubaneswar



# ଯୁଦ୍ଧର ତୀବ୍ରତା ଓ ପରମାଣୁ ଭୟ

ବର୍ତ୍ତମାନର ମଧ୍ୟପ୍ରାଚ୍ୟ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ୨୦୨୬ ମସିହାର ଫେବୃଆରୀରୁ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧ ଜୁଲାଇ ମାସରେ ପୁନର୍ବାର ତୀବ୍ର ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର ସହଯୋଗରେ ଇରାନ ଉପରେ ଆକ୍ରମଣ ଜାରି ରହିଛି, ଏବଂ ଇରାନ ମଧ୍ୟ ଷ୍ଟ୍ରେଟ ଅଫ୍ ହର୍ମୁଜ ଦେଇ ଜାହାଜ ଉପରେ ଆକ୍ରମଣ କରି ପ୍ରତିଶୋଧ ନେଉଛି। ଯୁକ୍ତରାଷ୍ଟ୍ରର ସୈନ୍ୟମାନେ ଇରାନରେ ପ୍ରବେଶ ପାଇଁ ପ୍ରସ୍ତୁତ ଥିବା ଖବର ଏହି ସଂଘର୍ଷକୁ ଆହୁରି ଜଟିଳ କରିଛି। ଏହି ପରିପ୍ରେକ୍ଷୀରେ ଇରାନର ଭବିଷ୍ୟତ କ'ଣ ହେବ ଏବଂ ସେ ପରମାଣୁ ଅସ୍ତ୍ର ବ୍ୟବହାର କରିବ କି ନାହିଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଯୁଦ୍ଧର ଆରମ୍ଭରୁ ଇରାନର ଅର୍ଥନୈତିକ ଏବଂ ସାମରିକ ଅବସ୍ଥା ଦୁର୍ବଳ ହୋଇଛି। ସୁପ୍ରିମ ଲିଡର ଆଲି ଖାମେନେଇଙ୍କ ମୃତ୍ୟୁ ପରେ ରାଜନୈତିକ ଅସ୍ଥିରତା ବଢ଼ିଛି। ଯୁକ୍ତରାଷ୍ଟ୍ରର ବିମାନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣରେ ଇରାନର ସାମରିକ ସଂସ୍ଥାନ, ତୈଳ କ୍ଷେତ୍ର ଏବଂ ଅବକାଠାମୋ ଧ୍ୱଂସ ହୋଇଛି। ହଜାର ହଜାର ନାଗରିକ ନିହତ ହୋଇଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଷ୍ଟ୍ରେଟ ଅଫ୍ ହର୍ମୁଜର ଅବରୋଧ କାରଣରୁ ବିଶ୍ୱ ତୈଳ ଯୋଗାଣ ପ୍ରଭାବିତ ହୋଇଛି, ଯାହା ଇରାନର ଅର୍ଥନୀତିକୁ ଆହୁରି ଦୁର୍ବଳ କରୁଛି। ଯଦି ଯୁକ୍ତରାଷ୍ଟ୍ରର ସୈନ୍ୟ ଇରାନ ଭୂମିରେ ପ୍ରବେଶ କରନ୍ତି, ତେବେ ଏହା ଏକ ପୂର୍ଣ୍ଣାଙ୍ଗ ସ୍ଥଳ ଯୁଦ୍ଧର ରୂପ ନେବ, ଯାହା ଇରାନର ସାମରିକ ଶକ୍ତିକୁ ପୂର୍ଣ୍ଣ ଧ୍ୱଂସ କରିପାରେ। ଇରାନର ପ୍ରକ୍ସି ଗୋଷ୍ଠୀ ଯେପରିକି ହେଜବୋଲା, ହୁଥି ଏବଂ ଅନ୍ୟାନ୍ୟ ମିଲିଶିଆ ସକ୍ରିୟ ଥିଲେ ମଧ୍ୟ, ସେମାନଙ୍କର ପ୍ରଭାବ ସୀମିତ ହୋଇଛି।

ଇରାନର ଭବିଷ୍ୟତ ଅନିଶ୍ଚିତ। ଯଦି ଯୁଦ୍ଧ ଜାରି ରହେ, ତେବେ ଖେମେନି ଶାସନର ପତନ ହୋଇପାରେ ଏବଂ ଦେଶରେ ଗୃହଯୁଦ୍ଧ ଲାଗିପାରେ। ଇରାନର ଜନସାଧାରଣ ଅର୍ଥନୈତିକ ସଙ୍କଟ, ମୂଲ୍ୟବୃଦ୍ଧି ଏବଂ ଘୋର ବିଦ୍ୟୁତ ଶଙ୍କଟରେ ପୀଡ଼ିତ। ଯୁଦ୍ଧ ପରେ ପୁନର୍ନିର୍ମାଣ ପାଇଁ ବିପୁଳ ଆନ୍ତର୍ଜାତିକ ସହାୟତା ଆବଶ୍ୟକ ହେବ। କିନ୍ତୁ ଯଦି ଏକ ଚୁକ୍ତି ହୁଏ, ତେବେ ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମ ତ୍ୟାଗ କରି ଆର୍ଥିକ ଉନ୍ନତି ପାଇଁ ପଥ ଖୋଲିପାରେ। ଟ୍ରମ୍ପ ପ୍ରଶାସନ ଇରାନକୁ ଅଧିକ ଚାପ ଦେଇ ଏକ ଚୁକ୍ତି ପାଇଁ ଚେଷ୍ଟା କରୁଛି, କିନ୍ତୁ ଇରାନର କଠିନ ମନୋଭାବ ଏହାକୁ କଷ୍ଟକର କରୁଛି।

ତେଣୁ ପ୍ରଶ୍ନ ଉଠୁଛି, ଇରାନ ନିଜର ସୁରକ୍ଷା ପାଇଁ ଶେଷ ଅସ୍ତ୍ର ଭାବେ ପରମାଣୁ ଅସ୍ତ୍ର ବ୍ୟବହାର କରିବ କି? ଏହା ଅତ୍ୟନ୍ତ ଅସମ୍ଭବ। ଇରାନ ଏପର୍ଯ୍ୟନ୍ତ ପରମାଣୁ ବୋମା ତିଆରି କରିନାହିଁ, ଯଦିଓ ସେମାନଙ୍କର ଇଉରାନିୟମ ସମୃଦ୍ଧିକରଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉନ୍ନତ। ଆନ୍ତର୍ଜାତିକ ଆଣବିକ ଶକ୍ତି ଏଜେନ୍ସି ଅନୁଯାୟୀ, ଇରାନର କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ବୋମା ତିଆରି ପର୍ଯ୍ୟାୟରେ ପହଞ୍ଚି ନାହିଁ। ଯଦି ସେ ପରମାଣୁ ଅସ୍ତ୍ର ବ୍ୟବହାର କରେ, ତେବେ ଯୁକ୍ତରାଷ୍ଟ୍ର ଏବଂ ଇସ୍ରାଏଲର ପ୍ରତିଶୋଧ ଅତ୍ୟନ୍ତ ଭୟଙ୍କର ହେବ. ଯାହା ଇରାନର ସମ୍ପୂର୍ଣ୍ଣ ଧ୍ୱଂସକୁ ଆମନ୍ତ୍ରଣ କରିପାରେ। ଇରାନର ଧର୍ମୀୟ ନେତୃତ୍ୱ ମଧ୍ୟ ପରମାଣୁ ଅସ୍ତ୍ରକୁ ଧର୍ମୀୟ କାରଣରୁ ବିରୋଧ କରିଛନ୍ତି। ତେଣୁ ଏହା ଏକ ଆତ୍ମହତ୍ୟାମୂଳକ ପଦକ୍ଷେପ ହେବ।

ତଥାପି, ଯୁଦ୍ଧର ଦୀର୍ଘସ୍ଥାୟୀତ୍ୱ ଇରାନକୁ ପରମାଣୁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିପାରେ। ଏହା ବିଶ୍ୱ ନିରାପତ୍ତା ପାଇଁ ବଡ଼ ବିପଦ। ଆନ୍ତର୍ଜାତିକ ସମ୍ପ୍ରଦାୟକୁ ଏହି ସଂଘର୍ଷ ସମାଧାନ ପାଇଁ କୂଟନୀତିକ ପ୍ରୟାସ ବଢ଼ାଇବା ଉଚିତ୍। ଚୀନ୍, ରୁଷିଆ ଏବଂ ଅନ୍ୟାନ୍ୟ ଦେଶମାନେ ମଧ୍ୟସ୍ଥତା କରିପାରନ୍ତି। ଇରାନର ଭବିଷ୍ୟତ ଯୁଦ୍ଧ ନୁହେଁ, ଶାନ୍ତି ଉପରେ ନିର୍ଭର କରୁଛି। ଯଦି ରେଜିମ୍ ପରିବର୍ତ୍ତନ ହୁଏ ଏବଂ ନୂତନ ନେତୃତ୍ୱ ଆନ୍ତର୍ଜାତିକ ନିୟମ ମାନେ, ତେବେ ଇରାନ ଏକ ସମୃଦ୍ଧ ଦେଶ ହୋଇପାରେ। ଅନ୍ୟଥା, ଏହା ଏକ ବିନାଶର ପଥ ହେବ। ବିଶ୍ୱ ନେତୃତ୍ୱ ଏହି ପରିସ୍ଥିତିକୁ ଗମ୍ଭୀରତାର ସହିତ ଦେଖିବା ଉଚିତ୍, ଯାହା ଫଳରେ ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ସ୍ଥାପିତ ହୋଇପାରେ।

# ମହାପ୍ରଭୁଙ୍କ ଅଧରପଣା ନୀତି ଓ ଶୟନୋତ୍ସବ



ବିକ୍ରମ ମହାପାତ୍ର

ଜଗନ୍ନାଥ ଚେତନା ହେଉଛି ଜଗନ୍ନାଥଙ୍କ ତତ୍ତ୍ୱ ପ୍ରକୃତ ସ୍ୱରୂପର ଚେତନା। ଏ ବିଷୟରେ ସ୍କନ୍ଦ ପୁରାଣରେ ଅନେକ ତଥ୍ୟ ମିଳେ। ମହାପ୍ରଭୁଙ୍କ ଅଧରାମୃତ ହେଉଛି ଦିବ୍ୟ ଅଧରପଣା। ଏଥି ନିମିତ୍ତ ତିନୋଟି ରଥରେ ନଅ ଗୋଟି ସ୍ୱତନ୍ତ୍ର ଭାବେ ନିର୍ମିତ ମାଟିର ଲମ୍ବକାର ହାଣ୍ଡି ପ୍ରସ୍ତୁତ ହୋଇଥାଏ। ଏହି ହାଣ୍ଡି ଗୁଡ଼ିକ ଦେଖିବାକୁ ତୁମ୍ବ ପରି। ଏଥି ନିମିତ୍ତ ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣି ମଠ ସମ୍ମୁଖ କୂଅରୁ ଶୁଦ୍ଧପୂତ ଭାବେ ବିଧିପୂର୍ବକ ଜଳ ଆଣି ପ୍ରତ୍ୟେକ ରଥରେ ଥିବା ପିତ୍ତଳ ହଣ୍ଡାରେ ରଖିଥାନ୍ତି। ପାଳିଆ ମହାସୁଆର ଏଥିରୁ ପାଣି ନେଇ ପଣା ପ୍ରସ୍ତୁତ କରିଥାନ୍ତି। ଶ୍ରୀଜୀଉଙ୍କ ପରମ୍ପରାକ୍ରମେ ଦ୍ୱାଦଶ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବାହୁଡ଼ା ଯାତ୍ରା ପରଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଏକାଦଶୀ ହରି ଶୟନ ଏକାଦଶୀ ରୂପେ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁମାନେ ପବିତ୍ର ତିଥି ଭାବରେ ବିଚାର କରିଥାନ୍ତି। ମହାପ୍ରଭୁଙ୍କ ସୁନାବେଶ ନୀତି ହୋଇଥାଏ ଯାହାକୁ ରାଜବେଶ କୁହାଯାଏ। ମହାପ୍ରଭୁଙ୍କର ଏହି ଦିନ ମଧ୍ୟାହ୍ନ ଧୂପ ସମୟରେ ରଥ ଉପରେ ଅଧରପଣା ଭୋଗ ହୁଏ। ଏହା ଏକ ବିଶେଷ ନୀତି। ବର୍ଷକୁ ଥରେ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ରଥାରୂଢ଼ ଭାବରେ ଅଧରପଣା ଅର୍ପଣ ହୋଇଥାଏ। ବିଶ୍ୱାସ ରହିଛି ସ୍ୱର୍ଗର ଦେବାଦେବୀମାନେ ଏବଂ ସେମାନଙ୍କ ସହିତ ତିନି ରଥରେ ପାର୍ଶ୍ୱଦେବତାମାନେ ମଧ୍ୟ ଉପସ୍ଥିତ ରହିଥାନ୍ତି। ଶ୍ରୀଜୀଉଙ୍କ ନିୟମିତ ମଧ୍ୟାହ୍ନ ଧୂପନୀତି ପରେ ଏହି ନୀତି ସମ୍ପାଦନ ହୋଇଥାଏ। ଏହି ନୀତି ଭିତରଚ୍ଛୁ ମହାପାତ୍ର, ତଳିଚ୍ଛ ମହାପାତ୍ର ଓ ପୂଜାପଣ୍ଡାଙ୍କ ଦ୍ୱାରା ସମାହିତ ହୋଇଥାଏ। ଏହି ନୀତି ନିମନ୍ତେ ରାଘବ ଦାସ ମଠ ଓ ଓଡ଼ିଆ ମଠ ତରଫରୁ ଅଧରପଣା ପାଇଁ ଆବଶ୍ୟକୀୟ ସାମଗ୍ରୀ ରୂପେ ସାଚି, ଛେନା, କଦଳୀ ଆଦି ଯୋଗାଇ ଦିଆଯାଇଥାଏ।

ପାଳିଆ ମହାସୁଆରମାନେ ଏହି ସବୁ ଦ୍ରବ୍ୟରେ ନିଷ୍ଠାର ସହିତ ପଣା ପ୍ରସ୍ତୁତ କରନ୍ତି। ରଥ ଉପରେ ମହାପ୍ରଭୁଙ୍କ ପାଟି ପାଖକୁ ପାଇବା ଭଳି ତିନୋଟି ବଡ଼ ଖମ୍ବାକୃତି ମାଟିହାଣ୍ଡି ଥୁଆ ହୋଇଥାଏ। ଏଥିରେ ସେହି ପଣାକୁ ଢ଼ାଳିବା ପରେ ପଣ୍ଡାମାନେ ପଞ୍ଚୋପଚାରରେ ଏହାକୁ ପୂଜା କରିବା ପରେ ପଣାହାଣ୍ଡିକୁ ଭାଙ୍ଗି ଦିଆଯାଏ। ଏହି ପଣାହାଣ୍ଡି ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ଲାଗିଥିବାରୁ ଏହାର ନାମ ଅଧର ପଣା ହୋଇଛି। ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ସର୍ବମୋଟ ଛଅଗୋଟି ଅଧରପଣା ଭୋଗ ହୁଏ। ଯଦି ଏକାଦଶୀ ଦିନ ସମସ୍ତ ଅଧରପଣା ହୋଇ ନପାରେ ତେବେ ଦ୍ୱାଦଶୀ ଦିନ ମଧ୍ୟ ଏହି ବିଧାନ କରାଯାଇଥାଏ। ପ୍ରଥମେ ବଳଭଦ୍ରଙ୍କ ରଥ ତାଳଧ୍ୱଜ, ତାପରେ ସୁଭଦ୍ରାଙ୍କ ରଥ ଦେବଦଳନ ଓ ଶେଷରେ ଜଗନ୍ନାଥଙ୍କ ରଥ ନନ୍ଦିଘୋଷରେ ଏହି ପଣା ପ୍ରସ୍ତୁତ କରାଯାଏ ଓ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜା କରିଥାନ୍ତି। ପଞ୍ଚ ମହାଭୂତର ଶାନ୍ତି ଓ ତୁଷ୍ଟି ପାଇଁ ହାଣ୍ଡି ସବୁକୁ ରଥ ଉପରେ ହିଁ ଭାଙ୍ଗି ଦିଆଯାଏ। ଅଧର ପଣା ପରଦିନ ହୋଇଥାଏ ନୀଳାଦ୍ରି ବିଜେ। ଠାକୁରେ ମନ୍ଦିର ଭିତରକୁ ବାହୁଡ଼ି ଯାଆନ୍ତି। ଏହି ଅଧରପଣାର କାରଣ ରୂପେ ଦୁଇଟି ଜନଶ୍ରୁତି ପ୍ରଚଳିତ। ସେଥିରୁ ଗୋଟିଏ କାରଣ ହେଉଛି, ରଥସ୍ଥ ବିଭିନ୍ନ ଦେବଦେବୀଙ୍କୁ ଶାନ୍ତି ଦେବା ଓ ଅନ୍ୟଟି ମହାପ୍ରଭୁଙ୍କ ପଥଶ୍ରମ ଜନିତ କ୍ଳାନ୍ତି ଦୂର କରିବା। ଏହି ଏକାଦଶୀ ଦିନ ସୁନାବେଶ, ଅଧରପଣା ଭୋଗ ଆଦି ସରିବା ପରେ ବଡ଼ସିଂହାର ଭୋଗ ହୋଇଥାଏ। ତା'ପରେ ମହାପ୍ରଭୁଙ୍କର ମହାସ୍ନାନ ବିଧାନ ହୋଇ ଶୟନୋତ୍ସବ ନିମନ୍ତେ ପ୍ରସ୍ତୁତି ହୁଏ। ଏଥିପାଇଁ ଭଣ୍ଡାର ମେକାପ ଭଣ୍ଡାରଘରୁ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କ ବାଡ଼ ନିମନ୍ତେ ଯଥାକ୍ରମେ ବାସୁଦେବ, ନାରାୟଣ ଓ ଭୁବନେଶ୍ୱରୀ ଆଦି ଶୟନ ଠାକୁରଙ୍କୁ ଯଥାକ୍ରମେ ତିନି ରଥରେ ବିଜେ କରାନ୍ତି। ଏହି ଠାକୁରମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ହେଲାପରେ ତିନି ଜଣ ପୂଜାପଣ୍ଡା ମହାସ୍ନାନ କରାନ୍ତି। ତାପରେ ସର୍ବାଙ୍ଗ ଲାଗି, ନୂଆପତନି ଲୁଗା ଲାଗି ଓ ମାଳଫୁଲ ଲାଗି ଆଦି ହୁଏ। ପାଣିପଡ଼ି ଟେରା ବନ୍ଧାହେଲେ ପଢ଼ିଆରୀ, ତିଳଚ୍ଛ ମହାପାତ୍ର ଓ ପ୍ରଧାନୀ ଘଣ୍ଟ, କାହାଳୀ ଓ ଛତି ସହ ବଲ୍ଲଭ ବଡ଼ସିଂହାର ଭୋଗ ରଥ ଉପରକୁ ଆଣନ୍ତି। ବଡ଼ସିଂହାର ଭୋଗ ପରେ ଏହି ଭୋଗ କରାଯାଉଥିବାରୁ ଏହା ବଲ୍ଲଭ ବଡ଼ସିଂହାର ଭୋଗ ଭାବେ କଥିତ। ପୂଜାପଣ୍ଡାମାନେ ଷୋଡ଼ଶ ଉପଚାରରେ ଏହି ଭୋଗକୁ ରଥ ଉପରେ ସମାପନ କରନ୍ତି। କର୍ପୂର ଆଳତି କରିବା ପରେ ପୂଜାପଣ୍ଡା ତିନି ରଥରୁ ଶୟନ ଠାକୁରଙ୍କୁ ହାତରେ ଧରି ମନ୍ଦିର ମଧ୍ୟରୁ ସାତପାହାଚ, ଜଗମୋହନ ଦେଇ ଭଣ୍ଡାରପାଖସ୍ଥ ଶୟନ ଘରକୁ ନିଅନ୍ତି। ସେଠାରେ କୋଠସୁଆଁସିଆ ଦେଇଥିବା ତାଟପେଡ଼ି, ଦରଜି ଦେଇଥିବା ଶେଯ, ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଏ। ମୁଦିରଥ ହାତୁଆଣି ନେଇ ପ୍ରସାଦଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି ଓ ସାତକାହାଳି ସଞ୍ଜବତି, ଦୂର୍ବାକ୍ଷତ ବନ୍ଦାପନା ଆଦି କରନ୍ତି। ତା'ପରେ ପେଡ଼ିକୁ ବନ୍ଦ କରିଦିଆଯାଏ। ପେଡ଼ି ଉପରେ ଖୋଳ ପକାନ୍ତି ଓ ସମସ୍ତେ ବାହାରି ଆସିବା ପରେ ଶୟନ ଘର ଦ୍ୱାରକୁ ମଦନମୋହନ ମୁଦ ଦ୍ୱାରା ବନ୍ଦ କରାଯାଏ। ଏହି ଘରେ ଠାକୁରଙ୍କୁ ଆଷାଢ଼ ମାସ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ବାସ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ରଖାଯାଏ।

**ଜ୍ୟୋସ୍ନା ଫର୍ଣ୍ଣିଚର, ଚଣ୍ଡୀମନ୍ଦିର ମାର୍ଗ, କଟକ-୧**

# ରଥ ଉପରେ ଶ୍ରୀବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ



ସନ୍ତୋଷ କୁମାର ଦାଶ



ପୁରୀ ଶ୍ରୀ ମନ୍ଦିର ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମାନବୀୟ ଲୀଳା କରୁଛନ୍ତି। ମହାପ୍ରଭୁ ଯେତିକି ରସିକ ସେତିକି ଶୃଙ୍ଗାର ପ୍ରିୟ। ବର୍ଷ କ ବାର ମାସ ରେ ମହାପ୍ରଭୁ ଅନେକ ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ମହାପ୍ରଭୁ ଙ୍କ ସୁନା ବେଶ ସବୁଠାରୁ ଅନନ୍ୟ ଓ ଦୁର୍ଲ୍ଲଭ ବେଶ ଅଟେ। ଶ୍ରୀ ମନ୍ଦିର ର ରତ୍ନ ସିଂହାସନ ଉପରେ ମହାପ୍ରଭୁ ୪ ଥର ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଓ ଦଶହରା ଦିନ ସୁନା ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ବାହୁଡ଼ା ଏକାଦେଶୀ ବା ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ମହାପ୍ରଭୁ ଯେଉଁ ସୁନା ବେଶ ରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି ତାହାକୁ ବ୍ରାହ୍ମଣ ଙ୍କ ଠାରୁ ଚଣ୍ଡାଳ ଆଉ ସ୍ଥାନୀୟ ଅଧିବାସୀ ଙ୍କ ଠାରୁ ଆରମ୍ଭ କରି ବିଦେଶୀ ଭକ୍ତ ମାନେ ଦର୍ଶନ କରି କୃତ୍ୟ କୃତ୍ୟ ହୋଇଥାନ୍ତି। ଶ୍ରୀ ଜିଉ ମାନଙ୍କର ଏହି ସୁନା ବେଶ କୁ ରାଜରାଜେଶ୍ୱର ବେଶ ଓ ବଡ଼ତଢାଉ ବେଶ ମଧ୍ଯ କୁହା ଯାଇଥାଏ। ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଭିତରଛୁ ମହାପାତ୍ର ସେବକ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ବାଡ଼ ରେ, ତଳିଛୁ ମହାପାତ୍ର ସେବକ ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ବାଡ଼ରେ ଓ ପୁଷ୍ପାଳକ ସେବକମାନେ ଦେବୀ ସୁଭଦ୍ରା ଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ,ତାଳଧ୍ୱଜ ଓ ଦେବଦଳନ ରଥରେ ଶ୍ରୀ ବିଗ୍ରହ ମାନଙ୍କୁ ସୁନା ବେଶ ରେ ସଜ୍ଜିତ କରିଥାନ୍ତି। ରଥ ଉପରେ ଏହି ଅନନ୍ୟ ଓ ଦୁର୍ଲ୍ଲଭ ସୁନା ବେଶ କେବେ ଠାରୁ କିପରି ଓ କାହିଁକି ଆରମ୍ଭ ହୋଇଥିଲା ସେ ସମ୍ପର୍କ ରେ ନିର୍ଦ୍ଦିଷ୍ଟ ସୂଚନା ମିଳେ ନାହିଁ। ତେବେ ଏ ନେଇ କିଛି କିମ୍ବଦନ୍ତୀ ଓ ଲୋକ କଥା ରହିଛି। ଗଜପତି କପିଳେନ୍ଦ୍ର ଦେବ କୃଷ୍ଣା ନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରି ଥିଲେ। ସେ ବହୁ ରାଜ୍ୟ ର ରାଜା ଙ୍କୁ ପରାସ୍ତ କରି

ସେମାନଙ୍କ କିରୀଟ, ମୁକୁଟ, ସିଂହାସନ ଓ ମହଣ ମହଣ ସୁନା ଓ ରତ୍ନ ଅଳଙ୍କାର ୧୬ ଟି ହାତୀ ପିଠିରେ ବୋଝାଇ କରି ପୁରୀ ଆଣିଥିଲେ । ସେହି ସବୁ ସୁନା ଓ ରତ୍ନ କୁ ନିଜେ ବ୍ୟବହାର ନ କରି ମହାପ୍ରଭୁ ଙ୍କୁ ଦାନ କରି ଦେଇଥିଲେ।ସେହି ସବୁ ସୁନା ଓ ରତ୍ନ ରେ ବିଭିନ୍ନ ଅଳଙ୍କାର ନିର୍ମାଣ ହୋଇ ଶ୍ରୀ ଜିଉ ମାନଙ୍କର ସୁନା ବେଶ ଆରମ୍ଭ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ହେଉଛି ରାଜା ଅନଙ୍ଗଭୀମ ଦେବ

ପବିତ୍ର ଆଷାଢ଼ ମାସ ଏକାଦଶୀ ଅର୍ଥାତ ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନ ଠାରୁ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି। ରତ୍ନ ସିଂହାସନ ଉପରେ ଅନୁଷ୍ଠିତ ହୋଇ ଆସୁଥିବା ମହାପ୍ରଭୁ ଙ୍କ ଦୁର୍ଲ୍ଲଭ ସୁନା ବେଶ କୁ ସବୁ ବର୍ଗର ଲୋକ, ବିଦେଶୀ ଭକ୍ତ ମାନେ ଦର୍ଶନ କରି ପାରୁ ନାହାଁନ୍ତି ବୋଲି ବଡ଼ତଢାଉ ସେବକ ଗଜପତି କପିଳେନ୍ଦ୍ର ଦେବ ଙ୍କୁ ବିନତି କରି ଶ୍ରୀ ବିଗ୍ରହ ମାନଙ୍କୁ ରଥ ଉପରେ ସୁନା ବେଶ ରେ ସଜ୍ଜିତ କରିବାକୁ ଅନୁରୋଧ କରିଥିଲେ। ଏହାପରେ ରାଜା ତାଙ୍କ ବିନତି କୁ ରଖି ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନ ଠାରୁ ରଥ ଉପରେ ଶ୍ରୀ ବିଗ୍ରହ ମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି। ଶ୍ରୀ ମନ୍ଦିର ପୁସ୍ତକ ରୁ ଜଣାଯାଏ ଯେ, ରଥ ଉପରେ ଅନୁଷ୍ଠିତ ହେଉଥିବା ସୁନା ବେଶ ରେ ପ୍ରଥମେ ଶ୍ରୀ ବିଗ୍ରହ ମାନଙ୍କୁ ୧୩୮ ପ୍ରକାର ର ରତ୍ନ ଖଚିତ ଅଳଙ୍କାର ଲାଗି ହେଉଥିଲା। ଏବେ ଆଉ ଏତେ ପରିମାଣ ର ଅଳଙ୍କାର ଲାଗି ହେଉନାହିଁ । ଶ୍ରୀ ମନ୍ଦିର ରତ୍ନ ଭଣ୍ଡାର ରୁ ପାଳିଆ ମେକାପ ଖୁଣ୍ଟିଆ ସେବକ ଜଣେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଗଣତି କରି ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାର ସବୁ ବାହାରକୁ କାଢିବା ପରେ ସେ ସବୁ କୁ ତିନି ରଥ କୁ ବୋହି ନିଆଯାଏ। ରଥ ଉପରେ ଦଇତାପତି ସେବକ,ପୁଷ୍ପାଳକ ସେବାୟତ, ଖୁଣ୍ଟିଆ ମେକାପ ସେବାୟତ, ତଳଛୁ,

ଭିତରଛୁ ସେବକ ମାନେ ଶ୍ରୀ ଜୀଉ ମାନଙ୍କୁ ସୁନା ବେଶ ରେ ସଜ୍ଜିତ କରିଥାନ୍ତି।ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ କିରୀଟ, ଶ୍ରୀ ପୟର, ଶ୍ରୀ ଭୁଜ, ସ୍ୱର୍ଣ୍ଣ ଚକ୍ର, ରୌପ୍ୟ ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରୀଖଣ୍ଡିକା, କମରପଟି ପ୍ରଭୃତି ଅଳଙ୍କାର ଲାଗି କରାଯାଉଥିବା ବେଳେ ବଡ଼ଠାକୁର ଶ୍ରୀ ବଳଭଦ୍ର ଙ୍କୁ କିରୀଟ, ଶ୍ରୀ ପୟର, ଶ୍ରୀ ଭୁଜ, ହଳ ଓ ମୂଷଳ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡା ମାଳି, ବାଘ ନଖ ମାଳି, ସେବତୀ ମାଳି, ତିଳକ,ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରୀ ଖଣ୍ଡିକା, କମରପଟି ଅଳଙ୍କାର ଲାଗି କରାଯାଇଥାଏ। ଦେବୀ ସୁଭଦ୍ରା ଙ୍କୁ କିରୀଟ, କାନ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଘାଗଡା ମାଳି, ସେବତୀ ମାଳି, କଦମ୍ବ ମାଳି, ତଗଡି ପ୍ରଭୃତି ଅଳଙ୍କାର ଲାଗି କରାଯାଇଥାଏ। ମହଣ ମହଣ ସୁନା ଓ ରତ୍ନ ଖଚିତ ଅଳଙ୍କାର ରେ ଭୂଷିତ ହୋଇ ଶ୍ରୀ ଜିଉ ମାନେ ରଥ ଉପରେ ଝଟକି ଉଠନ୍ତି। ଏହି ଦୁର୍ଲ୍ଲଭ ଓ ଅନନ୍ୟ ସୁନା ବେଶ ଦେଖି ଭକ୍ତ ମାନେ ବିମୋହିତ ହୋଇ ପଡ଼ିଥାନ୍ତି।

ତୁଳସୀପୁର,ପୁରୀ, ମୋବାଇଲ୍:୯୪୩୯୩୬୧୮୮

# ମହାପ୍ରଭୂଙ୍କ ମାନବୀୟ ଲୀଳା ନୀଳାଦ୍ରିବିଜେ



ଡ. ଚନ୍ଦ୍ରକଳା ନାୟକ

ବ୍ରହ୍ମ ପୁରାଣର ବାଖ୍ୟାନୁଯାୟୀ କ୍ଷେତ୍ର ଶବ୍ଦର ଅର୍ଥ 'କ୍ଷୀୟନ୍ତେ ନମନ୍ତି ପାପାନି ଅତ୍ର ତତ୍ର କ୍ଷେତ୍ର' ଅର୍ଥାତ ଯେଉଁ ସ୍ଥାନରେ ପାପ ସମୂହର କ୍ଷୟ ହୁଏ ତାକୁ କ୍ଷେତ୍ର କହନ୍ତି। ସେମିତି ଏକ କ୍ଷେତ୍ର ନୀଳାଚଳ, ନୀଳକନ୍ଦର, ନୀଳାଦ୍ରୀ, ଭୌମକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ଶଙ୍ଖ କ୍ଷେତ୍ର, ଜଗନ୍ନାଥ ଧାମ, ଦିବ୍ୟକ୍ଷେତ୍ର ଇତ୍ୟାଦି ବହୁ ନାମରେ ବିଖ୍ୟାତ ଶ୍ରୀକ୍ଷେତ୍ର। ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନିତ୍ୟ ନିବାସ ସ୍ଥାନ। କପିଳ ସଂହିତାରେ ଏହି କ୍ଷେତ୍ରକୁ ସାକ୍ଷାତ ବୈକୁଣ୍ଠ, ଶ୍ରେଷ୍ଠ ତୀର୍ଥ ବୋଲି କୁହାଯାଇଛି। ଏହି ତୀର୍ଥର ପରମ ଆରାଧ୍ୟ ଶ୍ରୀ ଜଗନ୍ନାଥ ମହାପ୍ରଭୂ ଆମ ଓଡିଆ ସଂସ୍କୃତିର ସର୍ବମାନ୍ୟ ରାଷ୍ଟ୍ର ଦେବତା। ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ମହୋତ୍ସବ ପୃଥିବୀ ପ୍ରସିଦ୍ଧ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଳିତ ହୁଏ। ଏହା ନବଦିନାତ୍ମକ ଯାତ୍ରା। ଶ୍ରୀ ଜୀୟୁମାନେ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରୁ ବାହାରି ଶ୍ରୀ ଗୁଣ୍ଡିଚା ଘରକୁ ଯାତ୍ରା କରିଥାନ୍ତି। ସେଠାରେ ଆଡପ ମଣ୍ଡପରେ ସାତଦିନ ଅବସ୍ଥାନ ପରେ ଦଶମୀ ତିଥି (ବାହୁଡା) ରେ ଶ୍ରୀ ମନ୍ଦିର ସିଂହଦ୍ୱାରକୁ ଫେରି ଆସନ୍ତି।

ଶ୍ରୀ ଗୁଣ୍ଡିଚା ଯାତ୍ରାର ଅନ୍ତିମ ପର୍ଯ୍ୟାୟ। ହେଉଛି, ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନୀଳାଦ୍ରି ବିଜୟ ଉତ୍ସବ। ମହାପ୍ରଭୂଙ୍କର ଦକ୍ଷୀଣାଭିମୁଖୀ ଯାତ୍ରା ଅବସରରେ ଅନ୍ତିମପର୍ବ ହେଉଛି ଅତ୍ୟନ୍ତ ପ୍ରୀତିକର, ଆନନ୍ଦ ଦାୟକ ତଥା ଚିତ୍ତାକର୍ଷକ। ଏହି ପ୍ରୀତିକର ଉତ୍ସବକୁ ନୀଳାଦ୍ରି ବିଜେ କୁହାଯାଏ। ଆଷାଢ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୂ ମାନେ ରତ୍ନ ସିଂହାସନକୁ ବାହୁଡା ବିଜେରେ ଗମନ କରିଥାନ୍ତି। ନୀଳାଦ୍ରି ବିଜେ ଉତ୍ସବ ଅତ୍ୟନ୍ତ ଦୂର୍ଲଭ। ଏହା ପ୍ରଭୂଙ୍କର ଏକ ପାରିବାରିକ ମାନବୀୟ ଲୀଳା। ପୁରାଣରେ ବର୍ଣ୍ଣନା ଅଛି, ଯେଉଁ ମାନବ ଗଣ ଏହି ଉତ୍ସବକୁ ନୀରିକ୍ଷଣ କରନ୍ତି, ଉତ୍ତର କାଳରେ ଶ୍ରୀହରିଙ୍କ ପ୍ରୀୟ ସ୍ଥାନ ବୈକୁଣ୍ଠ ଧାମକୁ ଗମନ କରିଥାନ୍ତି। ଯେଉଁ ମାନବ ନୀଳାଚଳସ୍ଥ ପ୍ରାସାଦକୁ ଗମନ କରିବାର ଦୃଶ୍ୟକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଦେଖି ପ୍ରଣିପାତ କରେ, ସେମାନଙ୍କୁ ଦଃଖମୟ ସଂସାରକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡେ ନାହିଁ। ବାହୁଡା ଯାତ୍ରାରେ ଶ୍ରୀମନ୍ଦିର ସମ୍ମୁଖରେ ରଥତ୍ରୟ ବିରାଜମାନ କରିବା ପରେ ଏକାଦଶୀ ତିଥିରେ ଶ୍ରୀ ବିଗ୍ରହ ମାନଙ୍କର ସୁନାବେଶ ବା ଶୟନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶୀରେ ମହାପ୍ରଭୂ ମାନଙ୍କୁ ନିବେଦିତ ସର୍ବବୃହତ ଅଧରପଣା ନୀତି ଅନୁସୃତ ହୁଏ।

ନୀଳାଦ୍ରିବିଜେ ଦିନ ତିନିରଥରେ ଠାକୁର ମାନଙ୍କୁ ସନ୍ଧ୍ୟାଧୂପ ସମାପନ ପରେ ଗୋଷ୍ଠୀବଦ୍ଧ ହୋଇ ଭୋଇ ସେବକ ମାନେ ରଥରେ ଚାରମାଳ ବନ୍ଧାକାର୍ଯ୍ୟ



ସମାପନ କରନ୍ତି। ଏହାପରେ ମୁଦିରସ୍ତ ସେବକଙ୍କ ଦ୍ୱାରା ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନରେ ପୁଷ୍ପାଞ୍ଜଳୀ ଏବଂ ଡୋରୀ ଲାଗି ନୀତି କରାଯାଏ। ପରେ ପରେ କାହାଳିଆ ସେବକଙ୍କ ଦ୍ୱାରା ବିଜେ କାହାଳୀ ବାଜିବା ପରେ ନୀଳାଦ୍ରୀବିଜେର ବାହୁଡା ପହଣ୍ଡି ଆରମ୍ଭ ହୋଇଥାଏ। ଶ୍ରୀ ବିଗ୍ରହ ମାନଙ୍କ ପହଣ୍ଡି ପୂର୍ବରୁ ରତ୍ନ ସିଂହାସନ ଉପରିସ୍ଥ କନକମୁଣ୍ଡି ତଳେ ଚୁନରା ସେବକ ମାନଙ୍କ ଦ୍ୱାରା ତ୍ରିମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥାଏ। ଠିକ ପରେ ଅଖଣ୍ଡ ମେକାପ ସେବକଙ୍କ ଦ୍ୱାରା ଅଖଣ୍ଡ ବସାଯାଏ। ଦୀର୍ଘ ପାଞ୍ଚଶହ ବର୍ଷ ଧରି ବଡ ଓଡିଆ ମଠର ମଠାଧୀଶମାନେ ଶ୍ରୀମନ୍ଦିରରେ ଶାଢୀ ବନ୍ଧାଇ ଅନ୍ୟାନ୍ୟ ସେବା ମଧ୍ୟରେ ନୀଳାଦ୍ରି ବିଜେ ଦିନ ମାର୍ଜନା ସେବା ନିରନ୍ତର ଭାବେ କରି ଆସୁଛନ୍ତି। ଏଥିରେ ଅଧସେର ଘୋରା ଚନ୍ଦନ, ଚାରିଭରି କେସର, ଶହେଗ୍ରାମ କର୍ପୁର ଓ କସ୍ତୁରୀ ଉତ୍ତମ ରୂପେ ମିଶ୍ରଣ କରି ସେହିଦିନ ମଠର ବ୍ରହ୍ମଚାରୀ, ପୁରୋହିତ ଓ ସେବାଧିକାରୀ ଶୁଦ୍ଧପୂତ ହୋଇ, ସେହିଠାରେ ଉପସ୍ଥିତ ହୁଅନ୍ତି। ବଡଓଡିଆ ମଠର ଅଧିକାରୀ ସେଦିନ ମକୁଟାବସ୍ତ୍ର, ତୁଳସୀମାଳ, ତିଳକ ଧାରଣ କରି ଏକ ମେହେନାରେ ଆରୋହଣ ପୂର୍ବକ ଛତ୍ରୀ, ତ୍ରାସ, ସଂକୀର୍ତ୍ତନ ସହ ପଟୁଆରରେ ପଶ୍ଚିମ ଦ୍ୱାର ବାଟେ ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ଏହା ପୂର୍ବରୁ ମାର୍ଜନା ନିମିତ୍ତ ପ୍ରତିହାରୀ ସେବକ ଗର୍ଭ ଗୃହରେ ଜଗମୋହନ ଶୋଧ କରିଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ପିଣ୍ଡିରେ କର୍ପୁର କେଶର, କସ୍ତୁରୀ ଚନ୍ଦନ ମିଶ୍ରିତ ଲେପନ ଲେପ କରାଯାଏ। ତତପରେ ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ବାଡରେ ଚକାମାର୍ଜନା ହୋଇଥାଏ। ଏହି ମାର୍ଜନା ସେବା ସମ୍ପୂର୍ଣ୍ଣ ରୂପେ ଗୁପ୍ତ ସେବା ଅଟେ। ଏହି ସେବା ନସରିବା ପର୍ଯ୍ୟନ୍ତ ବଡଓଡିଆ ମଠର ମଠାଧୀଶ କୌଣସି ଖାଦ୍ୟ ଦ୍ରବ୍ୟାଦି ଗ୍ରହଣ କରି ନଥାନ୍ତି।

ନୀଳାଦ୍ରିବିଜେ ପହଣ୍ଡି ପରମ୍ପରା ଅନୁଯାୟୀ ଘଣ୍ଟ, ମର୍ଦ୍ଦଳ, ବଜନ୍ତ୍ରୀ ବାଦ୍ୟ ବାଜି ତାଳଧ୍ୱଜ ରଥରୁ ରାମ, କୃଷ୍ଣ ଓ ନନ୍ଦୀଘୋଷ ରଥରୁ ମଦନ ମୋହନଙ୍କୁ ପୁଷ୍ପାଞ୍ଜଳୀ ପ୍ରଦାନ ପରେ ମହାଜନ ସେବକ ମାନେ ପଟୁଆରରେ ଶ୍ରୀମନ୍ଦିରସ୍ଥ ଦକ୍ଷୀଣ ଘରକୁ ବିଜେ କରାଇଥାନ୍ତି। ତତପଶ୍ଚାତ ଦର୍ପଦଳନ ରଥରେ ଅଧିଷ୍ଠିତ ଶ୍ରୀ ସୁଦର୍ଶନ ମହାପ୍ରଭୂଙ୍କୁ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ବିଜେ କାହାଳୀ ବାଜି ଦଇତାପତି ସେବକ ଗୋଟି ପହଣ୍ଡିରେ ରଥସ୍ଥିତ ଚାରମାଳ ଉପରେ ବିଜେ କରାଇଥାନ୍ତି। ଶ୍ରୀ ସୁଦର୍ଶନଙ୍କୁ ବିଜେ କରାଯିବା ମାର୍ଗରେ ପତି ମହାପାତ୍ରଙ୍କ ଦ୍ୱାରା ବିଡିଆ ସବର୍ପଣ କରାଯାଏ। ଏହାପରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଗୋଟି ପହଣ୍ଡିରେ ଅନୁରୂପ ଭାବେ ରତ୍ନ ସିଂହାସନରେ ବିଜେ କରାଯାଏ।

ବଡ ଠାକୁରଙ୍କ ପହଣ୍ଡି ସମୟରେ ଜଗମୋହନଠାରେ ଭଣ୍ଡାର ଦ୍ୱାର ପାଖରେ ଖଟ ଉପରେ ଲକ୍ଷ୍ମୀ ଠାକୁରାଣୀଙ୍କ ସମ୍ମୁଖ ଭାଗରେ ଲୁଗା ବାଡ ଦିଆଯାଏ। ମହାପ୍ରଭୂଙ୍କ ଶ୍ରୀ ମସ୍ତକରେ ବୃହତକାୟ ପୁଷ୍ପ ବିମଣ୍ଡିତ ଟାହିଆ ଲାଗି ପରେ ହରିବୋଲ ହୁଳହୁଳି ଧ୍ୱନୀରେ ଜଗତ ପ୍ରକମ୍ପିତ ହୋଇଉଠେ। ପ୍ରଭୂ ଶ୍ରୀ ଜଗନ୍ନାଥଙ୍କର ସବୁଠାରୁ ବିଶେଷ ମାନବୀୟ ଲୀଳା ପ୍ରକଟର ସମୟ ହେଉଛି, ଏହିଠାରେ ଲକ୍ଷ୍ମୀ ନାରାୟଣଙ୍କ ଚାରିଚକ୍ଷୁର ମିଳନ। ଚାର ଉପରେ ପ୍ରଭୂ ବିଜେ କରି ପହଣ୍ଡି ଜନିତ ନୀତି ସମାପନ କରିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ମହାଜନ ସେବକଙ୍କ ଦ୍ୱାରା ଭେଟ ମଣ୍ଡପ ଠାରେ ଖଟଶେଯ ମେକାପ ପକାଇଥିବା ଡମ୍ବରୁ ଉପରେ ବିଜେ ହୋଇଥାନ୍ତି। ପ୍ରଭୂଙ୍କ ଆଳତୀ, ବନ୍ଦାପନା, ଦହିପତି, ଘଷାଜଳ, ବିଡିଆ, ମଣୋହୀ ନୀତି ହେବା ସମୟରେ ଭେଟ ମଣ୍ଡପ ଠାରେ ଭିତରଛୁ ମହାପାତ୍ର ଲକ୍ଷ୍ମୀ ଠାକୁରାଣୀଙ୍କୁ ବନ୍ଦାପନା କରିଥାନ୍ତି। ଏହିଠାରେ ଭିତରଛୁ ମହାପାତ୍ର ଏକ କୁଡୁଆ ରସଗୋଲା ଭୋଗ ମାଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ କରିଥାନ୍ତି। ଅଭିମାନିନୀ ମା ଲକ୍ଷ୍ମୀ ଭେଟ ମଣ୍ଡପରୁ ଶ୍ରୀ ମନ୍ଦିର ଭଣ୍ଡାର ଅଭିମୁଖେ ଯାତ୍ରା କରିଥାନ୍ତି। ମହାପ୍ରଭୂଙ୍କର ଘଣ୍ଟ ମର୍ଦ୍ଦଳ ଥାଇ ପହଣ୍ଡି ବିଜେରେ ଚାରମାଳ ତଳକୁ ଅବତରଣ ହେବାବେଳେ ସିଂହଦ୍ୱାରରେ ମା ଲକ୍ଷ୍ମୀ ସାଆନ୍ତାଣୀ ଅଭିମାନରେ କିଛି ସମୟ ଦ୍ୱାର ବନ୍ଦ କରି ପୁଣି ଖୋଲି ଦିଅନ୍ତି। ମହାପ୍ରଭୂ ଜୟ ବିଜୟ ଦ୍ୱାର ଠାରେ ପହଞ୍ଚିବା କ୍ଷଣି ପୁନର୍ବାର ମା ଲକ୍ଷ୍ମୀ ଦ୍ୱାର ବନ୍ଦ କରନ୍ତି। ଗୁଣ୍ଡିଚା ଯାତରେ ମାଙ୍କୁ ସାଙ୍ଗରେ ନେଇ ନଥିବାରୁ ଲକ୍ଷ୍ମୀ ଠାକୁରାଣୀ କ୍ରୋଧରେ ଜର୍ଜରିତ ହୋଇ ଉଠନ୍ତି। ମା ସାଆନ୍ତାଣିଙ୍କ ତରଫରୁ ଦେବଦାସୀ ଗଣ ଓ ଶ୍ରୀ ଜଗନ୍ନାଥଙ୍କ ତରଫରୁ ବାଡଭାଗାରୀ ଦଇତାଙ୍କ ମଧ୍ୟରେ ବଚନିକା ହୋଇଥାଏ। ପ୍ରଭୂ ଶ୍ରୀ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର ଏହି ବଚନିକା ପ୍ରଭୂଙ୍କ ସାଂସାରିକ ଜୀବନର ଏକ ଲୀଳାକୁ ସମାଜ ପ୍ରତି ଉତ୍ସର୍ଗିକୃତ କରିଛନ୍ତି। ଏହାପରେ ପାଟ ପିତାମ୍ବରୀ ଆଣିଥିବା କଥା ପ୍ରଭୂଙ୍କ ତରଫରୁ ଦଇତା ପ୍ରକାଶ କରିଥାନ୍ତି। ଠିକ ସାଧାରଣ ନାରୀଟିଏ ପରି ମା ସାଆନ୍ତାଣୀ ଶାନ୍ତ ପଡ଼ି ଯାଇଥାନ୍ତି। ସଙ୍ଗେ ସଙ୍ଗେ ପ୍ରତିହାରୀଙ୍କୁ କବାଟ ଖୋଲିବାକୁ ଆଦେଶ ଦେଇଥାନ୍ତି। ମହାପ୍ରଭୂ ଭଣ୍ଡାର ଘରଠାରେ ଉତ୍ତରାଭିମୁଖୀ ହୋଇ ଓ ଲକ୍ଷ୍ମୀ ସାଆନ୍ତାଣୀ ଦକ୍ଷୀଣାଭିମୁଖୀ କରାଯାଇ, ଏହିଠାରେ ପରସ୍ପରକୁ ଅବଲୋକନ କରାଯାଏ। ଏହାପରେ ମହାଲକ୍ଷ୍ମୀ ଓ ଶୀ ଜଗନ୍ନାଥଙ୍କୁ ଏକତ୍ର ଭାବେ ବନ୍ଦାପନା କରାଯାଇ ଥାଏ। ଘଷାଜଳ, ବିଡିଆ, ମଣୋହୀ ସରିବା ପରେ ପ୍ରଭୂଙ୍କୁ ଟାହିଆ ମଇଲମ କରାଯାଇ କଳାହାଟ ଦ୍ୱାର ଦେଇ ରତ୍ନ ସିଂହାସନକୁ ବିଜେ କରାଯାଇ ଥାଏ।

ପ୍ରତିବର୍ଷ ଏହି ନିଳାଦ୍ରୀବିଜେ ଉତ୍ସବ ସବୁଠାରୁ ଅତି ମନୋରମ ଓ ଆହ୍ଲାଦ ପ୍ରଦାନକାରୀ ପର୍ବ। ଶ୍ରୀ ମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବାଦେବୀ ପ୍ରତିବର୍ଷ ଏହି ମୁହୁର୍ତ୍ତକୁ ଚାତକ ପରି ଅନାଇ ରହିଥାନ୍ତି। ମହାପ୍ରଭୂଙ୍କ ମାନବୀୟ ଲୀଳାର ଏହି ଅନ୍ତିମ ପର୍ବ କାହାପାଇଁ ଆହ୍ଲାଦ ଆଣିଦିଏ ତ ଆଉ କାହା ଆଖିରେ ଭକ୍ତି ଓ ଭାବର ଲୋତକ ଭରିଦିଏ। ସମାଜରେ ପାରିବାରିକ ଜୀବନରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଶାଶ୍ୱତ ଚିରନ୍ତନ ପ୍ରେମର ଏକ ବିରଳ ଚିତ୍ର, ମହାପ୍ରଭୂଙ୍କ ନିଳାଦ୍ରୀବିଜେ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋବାଇଲ୍:୯୪୩୭୯୫୭୬୧୭**

### ୧୭ ଦେଶ ଉପରେ ଅତିରିକ୍ତ ଟାରିଫ୍ ବୋଝ

# ୧୦% ନିମ୍ନ ଟାରିଫ୍ ସ୍ଲାବ୍‌ରେ ଭାରତ

ନୂଆଦିଲ୍ଲୀ,୨୪।୭: ଯୁଦ୍ଧ ଭିତରେ ଟାରିଫ୍ ବୋମା ଫୁଟାଇଛି ଆମେରିକା। ୨ ଦିନ ତଳେ ଜେନେରିକ ଔଷଧ ନେଇ ଭାରତ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଦିବାକୁ ଘୋଷଣା କରିଥିଲେ। ଆଜି ପୁଣି ଆଉ ଏକ ଟାରିଫ୍ ବୋମା ଫୁଟାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବାଧ୍ୟତାମୂଳକ ଶ୍ରମରେ ତିଆରି ଉତ୍ପାଦ ଉପରେ ନିୟନ୍ତ୍ରଣ କଡ଼ାକଡ଼ି କରିବା ପାଇଁ ଆମେରିକା ଭାରତ ସମେତ ୧୭ଟି ଦେଶରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଘୋଷଣା କରିଛି। ଧାରା ୩୦୧ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ଧାରା ୩୦୧ ତଦନ୍ତ ପରେ ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ନୂତନ ଶୁଳ୍କ ଶୁକ୍ରବାରଠାରୁ ଲାଗୁ ହେବ।




ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ସେହି ଦେଶଗୁଡ଼ିକ ବିରୋଧରେ ନିଆଯାଇଛି ଯେଉଁମାନେ ବାଧ୍ୟତାମୂଳକ ଶ୍ରମରେ ତିଆରି ଉତ୍ପାଦକ ଆମଦାନୀକୁ ସୀମିତ କରିବା ପାଇଁ ପର୍ଯ୍ୟାପ୍ତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇ ନାହାନ୍ତି। କିମ୍ବା ଏହି ସମ୍ପର୍କରେ ନୂଆ ନିୟମ ଲାଗୁ କହିନାହାନ୍ତି। ଭାରତକୁ ୧୦ ପ୍ରତିଶତ ନିମ୍ନ ଟାରିଫ୍ ସ୍ଲାବରେ ରଖାଯାଇଛି। ଅନ୍ୟ କିଛି ଦେଶ ୧୨.୫ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ, ୬୦ଟି ବିଣିଜ୍ୟିକ ଅଂଶୀଦାର ଦେଶର ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ କୁହାଯାଉଥିଲା ଯେ, ଭାରତ ଅତିରିକ୍ତ ୧୨.୫ ପ୍ରତିଶତ ଶୁଳ୍କ ସମ୍ମୁଖୀନ ହୋଇପାରେ। କିନ୍ତୁ ଶ୍ରମ ମାନଦଣ୍ଡ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ସକରାତ୍ମକ ଆଲୋଚନା ପରେ, ଭାରତକୁ ୧୦ ପ୍ରତିଶତ ସ୍ଲାବରେ ରଖାଯାଇଛି। ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର କହିଛନ୍ତି ଯେ, ଦଶନ୍ଧି ଧରି ଆବେଦନ ସତ୍ତ୍ୱେ ବିଶ୍ୱ ଯୋଗାଣ ଶୃଙ୍ଖଳରୁ ବାଧ୍ୟତାମୂଳକ ଶ୍ରମିକକୁ ଦୂର କରାଯାଇନାହିଁ। ସେ କହିଛନ୍ତି ଯେ, ଆମେରିକା ଦୀର୍ଘ ସମୟ ଧରି ବାଧ୍ୟତାମୂଳକ ଶ୍ରମିକରେ ତିଆରି ସାମଗ୍ରୀ ଆମଦାନୀ ଉପରେ କଟକଣା ଜାରି କରିଆସିଛି। ଏବେ ଚାହୁଁଛି ଯେ, ଏହା ବାଣିଜ୍ୟିକ ଅଂଶୀଦାରମାନେ ସମାନ ପ୍ରଭାବଶୀଳ ପଦକ୍ଷେପ ନିଅନ୍ତୁ।

ଭାରତ ବ୍ୟତୀତ ଆର୍ଜେଣ୍ଟିନା, ବାଂଲାଦେଶ, କାମ୍ବୋଡିଆ, କାନାଡା, ଇକ୍ୟୁଏଡର୍, ଏଲ ସାଲଭାଡୋର, ଗୁଆଟେମାଲା, ହୋଣ୍ଡୁରାସ, ଇଣ୍ଡୋନେସିଆ, ଜୋର୍ଡାନ, ମାଲେସିଆ, ମେକ୍ସିକୋ, ପାକିସ୍ତାନ, ଶ୍ରୀଲଙ୍କା, ତ୍ରିନିଦାଦ ଏବଂ ଟୋବାଗୋ ଏବଂ ବ୍ରିଟେନ ମଧ୍ୟ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଗୋଷ୍ଠୀରେ ଅଛନ୍ତି। ଅନ୍ୟାନ୍ୟ ଦେଶ ୧୨.୫% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କର ସମ୍ମୁଖୀନ ହେବେ। ସୂତ୍ର ଅନୁଯାୟୀ, ୧୨.୫ ପ୍ରତିଶତ ଶୁଳ୍କ ଲାଗୁ ହେବା ଆଶଙ୍କାରେ ଭାରତ ବାଧ୍ୟତାମୂଳକ ଶ୍ରମ ସହିତ ଜଡିତ ଉତ୍ପାଦଗୁଡ଼ିକର ଚିହ୍ନଟ ଓ ତଦାରଖକୁ ବୃଦ୍ଧି କରୁଛି।

## ସଂସଦରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିକଲା କଂଗ୍ରେସ



ନୂଆଦିଲ୍ଲୀ, ୨୪।୭: ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ବାହାରେ ଏକତରଫା 'ମନ୍ କି ବାତ୍' ନକରି ଗୃହରେ ନିଜର ବିବୃତି ରଖନ୍ତୁ ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଦାବି କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ ସମାଲୋଚନା କରି ଖଡଗେ କହିଛନ୍ତି ଯେ ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ରାତିଅଧିଆ ଭିଡିଓ ଜାରି କରିବା ବଦଳରେ ସଂସଦ ଗୃହରେ ଆସି ଜବାବ ଦେବା ଉଚିତ। ଏହାସହ ଖଡଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ନିକଟରେ ସରକାର କ୍ଷମା ପ୍ରାର୍ଥନା କରନ୍ତୁ ଓ ସେମାନଙ୍କ ଉପରେ ଲାଠିଚାଳନା ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଗ୍ରହଣ କରାଯିବା ପରେ ହିଁ ବିରୋଧୀ ଦଳ ଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ଜାରି କରିଥିବା ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆସନ୍ତା ସପ୍ତାହରେ ସଂସଦରେ ଏକ କଠୋର ଆଇନ ଆଗତ କରାଯିବ ବୋଲି ଘୋଷଣା କରିଥିଲେ। ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାକୁ ସରକାର ତୁରନ୍ତ ପୁନଃ ପରୀକ୍ଷା କରାଇଥିବା ସେ ପ୍ରକାଶ କରିଥିଲେ। ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ୍ୟ ମୋଦୀଙ୍କ ଏହି ଭିଡିଓକୁ ସମାଲୋଚନା କରି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇଛନ୍ତି।

## କୋର୍ଟ କାର୍ଯ୍ୟର ରେକର୍ଡିଂ ଓ ଭିଡିଓ ଶେୟାର ଉପରେ କଟକଣା




ନୂଆଦିଲ୍ଲୀ, ୨୪।୭: ଅଦାଲତ କାର୍ଯ୍ୟର ରେକର୍ଡିଂକୁ ସୋସିଆଲ ମିଡିଆରେ ଅନିୟନ୍ତ୍ରିତ ଭାବେ ପ୍ରସାରଣ କରିବାକୁ ସୁପ୍ରିମକୋର୍ଟ ଏକ 'ବିପଦଜନକ' ସମସ୍ୟା ବୋଲି କହିଛନ୍ତି। ଏଣୁ ସୁପ୍ରିମକୋର୍ଟ ସମ୍ପର୍କିତ କୋର୍ଟଙ୍କ ପୂର୍ବ ଅନୁମତି ବିନା କୋର୍ଟ କାର୍ଯ୍ୟର ଅଡିଓ ଭିଡିଓ ରେକର୍ଡିଂକୁ ସୋସିଆଲ ମିଡିଆରେ ପୋଷ୍ଟ ଅଥବା ଅପଲୋଡ ଉପରେ କଟକଣା ଲଗାଇ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବିଚାରପତି ଜଷ୍ଟିସ୍ ଭି.ମୋହନାଙ୍କ ପୀଠ କୋର୍ଟ କାର୍ଯ୍ୟର ଲାଇଭ ଷ୍ଟ୍ରିମିଂ ଓ ଭିଡିଓ ପ୍ରସାରଣ ଉପରେ ରୋକ ଲଗାଇବା ଦାବିରେ ରୁଜୁ ଜନସ୍ୱାର୍ଥ ମାମଲାରେ ଶୁକ୍ରବାର ଅନ୍ତର୍ବୀଣ ରାୟ ଗୃହୀତ କରିଛନ୍ତି।

## ସାଉଦି ରାଜକୁମାରଙ୍କ ମୃତଦେହ ଉଦ୍ଧାର



ଲଣ୍ଡନ, ୨୪।୭: ଲଣ୍ଡନର ଏକ ବିଳାସପୂର୍ଣ୍ଣ ହୋଟେଲରେ ମଦ, ଡ୍ରଗ୍ସ ଓ ମାନସିକ ଚାପ ସମସ୍ୟା ପାଇଁ ନିଆଯାଉଥିବା ଔଷଧର ମାତ୍ରାଧିକ ସେବନ ଯୋଗୁଁ ୨୯ ବର୍ଷୀୟ ସାଉଦି ରାଜକୁମାର ଅବଦୁଲ୍ଲା ବିନ୍ ଫହଦଙ୍କ ମୃତ୍ୟୁ ଘଟିଛି। ରାଜକୁମାର ଅବଦୁଲ୍ଲା କେନ୍ସିଂଟନସ୍ଥିତ ମ୍ୟାରିଅଟ୍ ହୋଟେଲର ନିଜ ରୁମରେ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ହୋଟେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ପରେ ପାରାମେଡିକ୍ସ ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ଓ ଟକ୍ସିକୋଲୋଜି ରିପୋର୍ଟରୁ ଜଣାପଡ଼ିଛି ଯେ, ତାଙ୍କ ରକ୍ତରେ ଆଲକୋହଲର ମାତ୍ରା ନିର୍ଦ୍ଧାରିତ ଆଇନଗତ ସୀମାଠାରୁ ପ୍ରାୟ ତିନି ଗୁଣ ଅଧିକ ଥିଲା, ଯାହା ମଣିଷକୁ କୋମାକୁ ନେଇଯିବା ପାଇଁ ଯଥେଷ୍ଟ। ଏହାସହ ତାଙ୍କ ଶରୀରରୁ ପ୍ରାଣଘାତୀ ଡ୍ରଗ୍ସ, ଗଞ୍ଜେଇ ଓ ଆଙ୍କଜାଇଟି ପାଇଁ ବ୍ୟବହୃତ ହେଉଥିବା ଜାନାକ୍ସ ଭଳି ଔଷଧର ଅଂଶ ମିଳିଥିଲା।

## ଫ୍ରାନ୍ସ ଓ ସ୍ପେନ୍‌ରେ ଜଙ୍ଗଲ ନିଆଁ
## ୧୦ ହଜାରରୁ ଅଧିକ ଲୋକ ସ୍ଥାନାନ୍ତର



ପ୍ୟାରିସ୍/ମାଡ୍ରିଡ୍, ୨୪।୭: ଲଗାତାର ଗ୍ରୀଷ୍ମପ୍ରବାହ ପରେ ଫ୍ରାନ୍ସ ଓ ସ୍ପେନ୍‌ର ବିଭିନ୍ନ ଅଞ୍ଚଳରେ ଭୟଙ୍କର ଜଙ୍ଗଲ ନିଆଁ ବ୍ୟାପିଛି। ଅତ୍ୟଧିକ ତାପମାତ୍ରା, ଶୁଖିଲା ଗଛଲତା ଓ ପ୍ରବଳ ପବନ ଯୋଗୁଁ ନିଆଁ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବାରୁ ଦକ୍ଷିଣ ୟୁରୋପର ଅନେକ ଅଞ୍ଚଳ ବିପଦରେ ପଡ଼ିଛି। ନିଆଁରୁ ରକ୍ଷା ପାଇବା ପାଇଁ ୧୦ ହଜାରରୁ ଅଧିକ ବାସିନ୍ଦା ଓ ପର୍ଯ୍ୟଟକଙ୍କୁ ନିରାପଦ ସ୍ଥାନକୁ ନିଆଯାଇଛି। ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ବୋର୍ଡୋ ସହରର ପଶ୍ଚିମରେ ଥିବା ଆର୍କାଚୋନ୍ ଉପସାଗର ଅଞ୍ଚଳରେ ନିଆଁ ଅତି ଭୟଙ୍କର ରୂପ ନେଇଛି। ଲେଜ୍-କ୍ୟାପ୍-ଫେରେଟ୍ ଓ ଲେ ପୋର୍ଜ ନିକଟରେ ଜଙ୍ଗଲ ନିଆଁ ପ୍ରାୟ ୨ ହଜାର ହେକ୍ଟର ଅଞ୍ଚଳକୁ ପୋଡ଼ିଦେଇଛି। ଗୁରୁବାର ରାତି ସୁଦ୍ଧା ଉପକୂଳବର୍ତ୍ତୀ ପର୍ଯ୍ୟଟନସ୍ଥଳର ୮ଟି ଶିବିର ଓ ଛୁଟି କଟାଇବା ସ୍ଥାନରୁ ହଜାର ହଜାର ପର୍ଯ୍ୟଟକଙ୍କୁ ବାହାର କରାଯାଇଛି। ଜଙ୍ଗଲ ସୀମା ନିକଟ ବସତିରୁ ମଧ୍ୟ ୧ ହଜାରରୁ ଅଧିକ ଲୋକଙ୍କୁ ହଟାଯାଇଛି।

## ରାଜ୍ୟସଭାରେ 'ବନ୍ଦେ ମାତରମ' ବିଲ୍ ଆଗତ



ନୂଆଦିଲ୍ଲୀ,୨୪।୭: ଗୃହରେ ହଙ୍ଗଗୋଳ ପରେ, ରାଜ୍ୟ ସଭାର କାର୍ଯ୍ୟ ଅପରାହ୍ନ ୨ଟାରେ ପୁଣି ଆରମ୍ଭ ହୋଇଥିଲା। ଏହାପରେ 'ବନ୍ଦେ ମାତରମ୍'ର ସମ୍ମାନ ସମ୍ପର୍କରେ ସଂସଦର ଉଚ୍ଚ ସଦନ ରାଜ୍ୟ ସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ 'ବନ୍ଦେ ମାତରମ୍' ବିଲ୍ ଆଗତ କରିଥିଲେ। ଏହା ଜାତୀୟ ସମ୍ମାନ ସହିତ ଜଡିତ ବ୍ୟବସ୍ଥା ସଂଶୋଧନ କରିବା ପାଇଁ ଲକ୍ଷ୍ୟ ରଖିଛି। ବିଲ୍ ଆଗତ ହେବା ପରେ, ରାଜ୍ୟ ସଭାକୁ ମୁଲତବି ଘୋଷଣା କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ଯଦି କୌଣସି ବ୍ୟକ୍ତି 'ବନ୍ଦେ ମାତରମ୍' ଗାନରେ ଉଦ୍ଦେଶ୍ୟମୂଳକ ଭାବରେ ବାଧା ସୃଷ୍ଟି କରନ୍ତି କିମ୍ବା କୌଣସି ପ୍ରକାରେ ଅପମାନ କରନ୍ତି, ତେବେ ଏହାକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରାଯିବ। କେବଳ ଏତିକି ନୁହେଁ ଏହି ବିଲ୍ ଆଇନରେ ପରିଣତ ହେବା ପରେ, 'ବନ୍ଦେ ମାତରମ୍'ର ଅସମ୍ମାନ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ଯେକୌଣସି ବ୍ୟକ୍ତିଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜୋରିମାନା କିମ୍ବା ଉଭୟ ହୋଇପାରେ।

## ୧୫ରୁ କମ୍ ବୟସର ପିଲାଙ୍କୁ ସୋସିଆଲ ମିଡିଆ ମନା
## ସଂସଦରେ ବିଲ ଗୃହୀତ

ପ୍ୟାରିସ,୨୪।୭: ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନେତୃତ୍ୱରେ, ବିଶ୍ୱର ସବୁଠାରୁ ଆଧୁନିକ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଫ୍ରାନ୍ସର ସଂସଦ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସଂସଦ ୧୫ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବା ସପକ୍ଷରେ ଭୋଟ ଦେଇଛି। ମାକ୍ରନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏକ୍ସ କୁ ଯାଇ ସାଂସଦମାନଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, 'ମୁଁ ଏହା ପ୍ରତିଶ୍ରୁତି ଦେଇଥିଲି। ଏବେ, ଭୋଟ ହୋଇଛି। ସ୍କୁଲଗୁଡ଼ିକ ପୁନର୍ବାର ଖୋଲିବା ପର୍ଯ୍ୟନ୍ତ ୧୫ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲାଗୁ କରାଯିବ। ସମସ୍ତ ସାଂସଦଙ୍କୁ ଧନ୍ୟବାଦ। ଏବେ ସାମ୍ବିଧାନିକ ପରିଷଦକୁ ବିବରଣୀ ଚୂଡ଼ାନ୍ତ କରିବାକୁ ପଡିବ। ଆମକୁ ଆମର ପିଲାମାନଙ୍କୁ ଅନଲାଇନରେ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବାକୁ ପଡିବ।' ଉଲ୍ଲେଖଯୋଗ୍ୟ, ଏହି ଭୋଟ ସହିତ, ଫ୍ରାନ୍ସ ସୋସିଆଲ ମିଡିଆ ବ୍ୟବହାର ପାଇଁ ଏପରି ବୟସ ସୀମା ସ୍ଥିର କରିଥିବା ପ୍ରଥମ ଦେଶ ହୋଇଛି।

## ନିଟ୍ ଆଶାୟୀ ଛାତ୍ରୀ ଗଣଦୁଷ୍କର୍ମର ଶିକାର



ନୂଆଦିଲ୍ଲୀ, ୨୪।୭: ଉତ୍ତର ପ୍ରଦେଶର ଚିତ୍ରକୂଟରେ ଜଣେ ୨୦ ବର୍ଷୀୟ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବତୀ ଦୁଷ୍କର୍ମର ଶିକାର ହୋଇଛନ୍ତି। ତାଙ୍କ ଘର ମଧ୍ୟପ୍ରଦେଶରେ ସତନାରେ। ତାଙ୍କୁ ତିନି ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ବୁଧବାର ଯୁବତୀଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ମିଶି ଚିତ୍ରକୂଟ ନିକଟବର୍ତ୍ତୀ ଦେବାଙ୍ଗନା ଭ୍ୟାଲୀ ବୁଲି ଯାଇଥିଲେ। ସେଠାରେ ତାଙ୍କୁ ବନବିଭାଗର ତିନି ଜଣ ବ୍ୟକ୍ତି ଦୁଷ୍କର୍ମ କରିଥିଲେ। ଏପରିକି ତାଙ୍କ ପୁରୁଷବନ୍ଧୁଙ୍କୁ ବାନ୍ଧି ପକାଇଥିଲେ।

ପୁଲିସର କହିବା ଅନୁସାରେ, ପୀଡିତାଜଣଙ୍କ ମଧ୍ୟପ୍ରଦେଶର ସତନାରେ ରୁହନ୍ତି। ସେ କୋଟାରେ ନିଟ୍ ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କର ପୁରୁଷବନ୍ଧୁ ୧୭ ବର୍ଷର ଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ପଢନ୍ତି। ଉଭୟ ଉତ୍ତର ପ୍ରଦେଶର ଚିତ୍ରକୂଟ ନିକଟରେ ଥିବା ଦେବାଙ୍ଗନା ଭ୍ୟାଲିକୁ ଏକ ବାଇକରେ ବୁଲିବାକୁ ଯାଇଥିଲେ। ସେମାନେ ବସିଥିବା ବେଳେ ତିନିଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ। ସେମାନେ ନିଜକୁ ବନ ବିଭାଗର କର୍ମଚାରୀ ବୋଲି କହିଥିଲେ। ଏହାପରେ ପୁରୁଷବନ୍ଧୁଙ୍କ ହାତକୁ ବାନ୍ଧି ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ଏପରିକି କାହାକୁ କିଛି ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କୌଶଳକ୍ରମେ ପୁରୁଷବନ୍ଧୁ ସେଠାରୁ ଖସି ଆସି ପୋଲିସକୁ ଖବର ଦେଇଥିଲେ। ମୋବାଇଲ୍ ନେଟୱର୍କ ନଥିବାରୁ ଖବର ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହାପରେ ପୋଲିସ ଗାଡି ତୁରନ୍ତ ସେଠାରେ ପହଞ୍ଚି ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପୁଲିସ ଘଟଣାରେ ସିସିଟିଭିକୁ ଯାଞ୍ଚ କରିଛି। ଏଥିରେ ତିନି ଜଣ ବ୍ୟକ୍ତି ଏକ ମୋଟର ସାଇକେଲରେ ବାହାରୁଥିବା ଦେଖିବାକୁ ମିଳିଛି। ତଦନ୍ତ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଘଟଣାରେ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି।

### ଭିଡିଓ ଦେଖିବାକୁ ସମୟ ନାହିଁ ପ୍ରସଙ୍ଗ

## ମନ୍ତବ୍ୟକୁ କଦର୍ଥ କରାଯାଇଛି: ସିଜେଆଇ



ନୂଆଦିଲ୍ଲୀ, ୨୪।୭: ଆମ ପାଖରେ ସମୟ ନାହିଁ। କୋର୍ଟଙ୍କ ସମୟ ବରବାଦ କରନ୍ତୁ ନାହିଁ। ବିରୋଧ ପ୍ରଦର୍ଶନ ବେଳେ କକରୋଚ୍ ଜନତା ପାର୍ଟିର ପ୍ରଦର୍ଶନକାରୀଙ୍କୁ ମାଡ଼ ଘଟଣାରେ ଦାଖଲ ଆବେଦନର ଶୁଣାଣି ସମୟରେ କିଛି ଏମିତି ସୁପ୍ରିମକୋର୍ଟ କହିଥିଲେ ବୋଲି ଖବର ଆସିଥିଲା। ଯାହାକୁ ନେଇ ନେଟିଜେନ୍ସ ସୋସିଆଲ ମିଡିଆରେ ଅନେକ ଆଲୋଚନା ଏବଂ ସମାଲୋଚନା କରିଥିଲେ। କିନ୍ତୁ ଏହି ସବୁ ଖବରକୁ ଭ୍ରାମାତ୍ମକ ଏବଂ ଭୁଲ ରିପୋର୍ଟ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି।

ରିପୋର୍ଟ ଅନୁସାରେ, ଗତ ୨୦ ତାରିଖରେ ସିଜେପିର ଏକ ଶୋଭାଯାତ୍ରା ସଂସଦ ଅଭିମୁଖେ ବାହାରିଥିଲା। ଯାହାକୁ ରୋକିବାକୁ ପୋଲିସ ବଳପ୍ରୟୋଗ କରିଥିଲା। ଉଭୟ ପ୍ରଦର୍ଶନକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଶତାଧିକ ଆହତ ମଧ୍ୟ ହୋଇଥିଲେ। ଏହାକୁ ନେଇ ଜୁଲାଇ ୨୨ ତାରିଖରେ ନରେନ୍ଦ୍ର ମିଶ୍ରା ନାମକ ଜଣେ ଆଇନଜୀବୀ ସୁପ୍ରିମକୋର୍ଟରେ ଆବେଦନ କରି କୋର୍ଟ ଏହି ମାମଲାକୁ ଗୁରୁତର ସହ ନେବାକୁ ଅନୁରୋଧ କରିଥିଲେ। ପୋଲିସର କାର୍ଯ୍ୟାନୁଷ୍ଠାନ ଏବଂ ଭିଡିଓ ଫୁଟେଜ୍ ଦେଖିବାକୁ ମଧ୍ୟ ସେ ଅପିଲ କରିଥିଲେ। ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆମର ଏବଂ ଆପଣଙ୍କର ସମୟ ବରବାଦ ନକରିବା ସହ ଭିଡିଓ ଦେଖିବାକୁ ଆନ୍ତରିକତା ନଥିବା କହିଥିଲେ।ଏହାସହ ମାମଲାର ତ୍ୱରିତ ଶୁଣାଣି ପାଇଁ କୋର୍ଟ ମନା କରିଦେଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ନେଇ ନେଟିଜେନ୍ସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## ଜେରୁଜେଲମରେ ଭାରତୀୟଙ୍କୁ ହତ୍ୟା
### ଇସ୍ରାଏଲୀ ନାଗରିକ ଗିରଫ




ଜେରୁଜେଲମ, ୨୪।୭: ଇସ୍ରାଏଲର ଜେରୁଜେଲମ୍‌ରେ ଜଣେ ୪୦ ବର୍ଷୀୟ ଭାରତୀୟ ନାଗରିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ଜଣେ ୩୧ ବର୍ଷୀୟ ଇସ୍ରାଏଲୀ ନାଗରିକଙ୍କୁ ଗିରଫ କରିଛି। ଜେରୁଜେଲମର କାଟାମୋନ୍ ଆବାସିକ ଅଞ୍ଚଳସ୍ଥିତ ଏକ ଘର ଭିତରୁ ଭାରତୀୟ ବ୍ୟକ୍ତିଙ୍କ ରକ୍ତଭିଜା ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାର ସୂଚନା ପାଇ ମୋରିଆ ପୁଲିସ ଷ୍ଟେସନର ଅଧିକାରୀ ଓ ଫୋରେନସିକ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲେ। ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ଅପରାଧିକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଛି। ପୁଲିସ ତୁରନ୍ତ ଇଲାଟ୍ ଅଞ୍ଚଳର ଜଣେ ବାସିନ୍ଦାଙ୍କୁ ଏହି ହତ୍ୟାକାଣ୍ଡ ସନ୍ଦେହରେ ଗିରଫ କରି ଅଧିକ ପଚରାଉଚୁରା ଜାରି ରଖିଛି। ତେବେ ମୃତ ଭାରତୀୟ ନାଗରିକ ଏବଂ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ପରିଚୟ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଜେରୁଜେଲମ ଜିଲ୍ଲା କମାଣ୍ଡର ଆଭଶାଲୋମ ପେଲେଡ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଜେରୁସାଲେମ୍ ଜିଲ୍ଲା ସେଣ୍ଟ୍ରାଲ୍ ୟୁନିଟକୁ ତଦନ୍ତ ଭାର ହସ୍ତାନ୍ତର କରିଛନ୍ତି।

## ଆନ୍ଦୋଳନକାରୀଙ୍କ ବିରୋଧରେ ହେବନି ପୁଲିସ ମାମଲା



ଗୁରୁଗ୍ରାମ୍, ୨୪।୭: କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଜିତେନ୍ଦ୍ର ସିଂହ ଓ ନିଜ ପତ୍ନୀଙ୍କ ଉପସ୍ଥିତିରେ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ୍ ତାଙ୍କର ୨୬ ଦିନିଆ ଆମରଣ ଅନଶନ ଭଙ୍ଗ କରିଛନ୍ତି। ନୂଆଦିଲ୍ଲୀର କୋକରୋଚ୍ ଜନତା ପାର୍ଟି (ସିଜେପି)ର 'ସଂସଦ ଚଲୋ' ଆନ୍ଦୋଳନରେ ଶାନ୍ତିପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିବା ଛାତ୍ର ଓ ଯୁବକମାନଙ୍କ ବିରୋଧରେ କୌଣସି ପୁଲିସ କାର୍ଯ୍ୟାନୁଷ୍ଠାନ କିମ୍ବା ମାମଲା ରୁଜୁ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୱାଙ୍ଗଚୁକ୍ ନିଜ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟରେ ସରକାରଙ୍କ ଏହି ଲିଖିତ ସ୍ପଷ୍ଟୀକରଣକୁ ସେୟାର କରିଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନା ଅନିୟମିତତାକୁ ନେଇ ଗତ ଜୁନ୍ ୨୮ ରୁ ସେ ଆମରଣ ଅନଶନରେ ବସିଥିଲେ, ଯାହା ଫଳରେ ତାଙ୍କ ଓଜନ ପ୍ରାୟ ୧୧ କିଲୋଗ୍ରାମ ହ୍ରାସ ପାଇଥିଲା। ଗୁରୁବାର ରାତିରେ କେନ୍ଦ୍ରମନ୍ତ୍ରୀମାନେ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ପହଞ୍ଚି ତାଙ୍କୁ ଭେଟିଥିଲେ। କେନ୍ଦ୍ର ସରକାର ସଂସଦରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ସଂସ୍କାର ଉପରେ ବିସ୍ତୃତ ଆଲୋଚନା କରିବା ପାଇଁ ରାଜି ହୋଇଛନ୍ତି। ଏହାସହ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା ନେଇ ସରକାର ସହାନୁଭୂତିର ସହ ବିଚାର କରୁଥିବା ଲିଖିତ ଭାବେ ଜଣାଇଛନ୍ତି।

### ପ୍ରଭାବିତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ମିଳିବ: ନଡ୍ଡା

ନୂଆଦିଲ୍ଲୀ,୨୪।୭: ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗରୁ ସୃଷ୍ଟି ହୋଇଥିବା ପ୍ରତିବାଦ ଏବେ ଧୀରେ ଧୀରେ ସାରା ଦେଶରେ ବ୍ୟାପିବାରେ ଲାଗିଛି। ଏହାରି ଭିତରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଶୁକ୍ରବାର 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ଏକ ପ୍ରତିନିଧି ଦଳ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବିଠଲଭାଇ ପଟେଲ ହାଉସରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ଓ ଛାତ୍ରଙ୍କ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜେପି ନଡ୍ଡା କହିଛନ୍ତି ଯେ ସିଜେପି ପ୍ରତିନିଧି ଦଳ ସହିତ ଆଲୋଚନା ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ପ୍ରତିନିଧିମାନେ ସରକାରଙ୍କୁ ପରୀକ୍ଷା ସଂସ୍କାର ସମ୍ପର୍କରେ ତିନୋଟି ପ୍ରମୁଖ ଦାବି ଏବଂ ପାଞ୍ଚଟି ପରାମର୍ଶ ପ୍ରଦାନ କରିଥିଲେ। ଆଭ୍ୟନ୍ତରୀଣ ପରାମର୍ଶ ପରେ ଶନିବାର ଅପରାହ୍ନରେ ସେମାନଙ୍କର ପ୍ରତିକ୍ରିୟା ଜଣାଇବା ପାଇଁ ସିଜେପିକୁ ଭେଟିବେ ବୋଲି କହିଛନ୍ତି ।

ଏହା ଉଲ୍ଲେଖନୀୟ ଯେ ସିଜେପିର ମୁଖପାତ୍ର ସୌରଭ ଦାସ ଏବଂ ଜାତୀୟ ମୁଖପାତ୍ର ଆଶୁତୋଷ ରାଙ୍କା ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ସିଜେପି ସରକାରଙ୍କ ସହିତ ଆଲୋଚନା ପାଇଁ ଦୁଇଟି ସର୍ତ୍ତ ରଖିଥିଲେ। ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ ପ୍ରଭାବିତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ମିଳିବ। ତଥାପି, ସଂଗଠନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ଏହାର ପ୍ରାଥମିକ ଦାବିରେ ଅଟଳ ରହିଛି।



### ମଣିପୁର ହିଂସା

## ସ୍ୱତନ୍ତ୍ର କୋର୍ଟ ଗଠନ ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୨୪।୭: ଶୁକ୍ରବାର ସୁପ୍ରିମ୍ କୋର୍ଟ ୨୦୨୩ ମଣିପୁର ଜାତିଗତ ହିଂସା ସମ୍ପର୍କିତ ଅପରାଧିକ ମାମଲାଗୁଡ଼ିକର ଦୈନନ୍ଦିନ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାସହ ଚାଲିଥିବା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ପୀଡ଼ିତଙ୍କ ପରିବାରକୁ ଚାର୍ଜସିଟର ନକଲ ଯୋଗାଇଦେବାକୁ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ସମୟରେ ଲକ୍ଷ୍ୟ କରିଥିଲେ ଯେ, ସିବିଆଇ ଓ ରାଜ୍ୟ ଏସଆଇଟି ଦ୍ୱାରା ଦାଖଲ କରାଯାଇଥିବା ଚାର୍ଜସିଟର କପି ଅନେକ ପୀଡ଼ିତ ପାଇନାହାନ୍ତି। ଏଥିପାଇଁ ଗୌହାଟୀ ଓ ମଣିପୁର ହାଇକୋର୍ଟଙ୍କ ଜରିଆରେ ଗୋଟିଏ ସପ୍ତାହ ମଧ୍ୟରେ ଏହି ଦସ୍ତାବିଜ୍ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ହିଂସା କାରଣରୁ ନିଖୋଜ ଥିବା ୩୦ ଜଣ ବ୍ୟକ୍ତିଙ୍କ ମାମଲାର ସମୀକ୍ଷା କରିବାକୁ ମଣିପୁର ହାଇକୋର୍ଟଙ୍କୁ କୁହାଯାଇଛି। ସିବିଆଇ, ଏସଆଇଟି ଓ ପୂର୍ବତନ ମହାରାଷ୍ଟ୍ର ଡିଜିପି ଦତ୍ତାତ୍ରୟ ପଡ଼ସାଲଗୀକରଙ୍କ ନେତୃତ୍ୱାଧୀନ ମୋନିଟରିଂ କମିଟିକୁ ତଦନ୍ତର ତାଜା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ମିଳିଛି। ୨୦୨୩ ମେ' ୩ ରୁ ମଣିପୁରରେ ଆରମ୍ଭ ହୋଇଥିବା ଜାତିଗତ ହିଂସାରେ ୨୦୦ ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ।

## ସୌରମଣ୍ଡଳ ବାହାରେ ଆଉ ଏକ ଜହ୍ନ



ନୂଆଦିଲ୍ଲୀ, ୨୪।୭: ଦୁନିଆର ଆବିଷ୍କାର ପରଠୁ ନକ୍ଷତ୍ର ବିଜ୍ଞାନୀମାନେ ବାରମ୍ବାର ବାହ୍ୟ ଗ୍ରହ ସଂସ୍ପର୍ଶରେ ଆସୁଛନ୍ତି। ନାସାର ତାଲିକାରେ ୬ ହଜାରରୁ ଅଧିକ ବାହ୍ୟଗ୍ରହ ବିଷୟରେ ସ୍ପଷ୍ଟ ହୋଇଥିବା ବେଳେ ଏଗୁଡ଼ିକ ଚତୁଃପାର୍ଶ୍ୱରେ ବୁଲୁଥିବା ଚନ୍ଦ୍ର ଚିହ୍ନଟ ସେମାନଙ୍କ ପାଇଁ ଆହୁରି କଷ୍ଟକର ହୋଇଛି।

ଏହି କ୍ରମରେ ସିଡି-୩୫-୨୭୨୨ ନାମକ ଏକ ଅଦ୍ଭୁତ ନକ୍ଷତ୍ର ପ୍ରଣାଳୀର ଅଧ୍ୟୟନ ସମୟରେ ବୈଜ୍ଞାନିକମାନେ ଏକ ବସ୍ତୁ ଆବିଷ୍କାର କରିଛନ୍ତି। ଏହା ବାହ୍ୟଚନ୍ଦ୍ର ହୋଇପାରେ ଅଥବା ଚନ୍ଦ୍ର ଓ ଗ୍ରହର ସଂଜ୍ଞା ବିଷୟରେ ପୁନଃବିଚାର କରିବାକୁ ବୈଜ୍ଞାନିକଙ୍କୁ ବାଧ୍ୟ କରିପାରେ। ସିଡି-୩୫-୨୭୨୨ ନକ୍ଷତ୍ର ପୃଥିବୀଠୁ ପ୍ରାୟ ୬୩ ଆଲୋକବର୍ଷ ଦୂରରେ ଅବସ୍ଥିତ ଓ ସୂର୍ଯ୍ୟ ଓଜନର ପ୍ରାୟ ଅଧା। ଏକ 'ବିଫଳ ନକ୍ଷତ୍ର ବା ଧୂସର କ୍ଷୁଦ୍ର ନକ୍ଷତ୍ର ଚତୁଃପାର୍ଶ୍ୱରେ ଏହା ପରିକ୍ରମା କରୁଛି। ଅନ୍ୟ ନକ୍ଷତ୍ରଙ୍କ ଭଳି ଏହି ପିଣ୍ଡ ସୃଷ୍ଟି ହୁଅନ୍ତି। କିନ୍ତୁ ନିଜ କେନ୍ଦ୍ରରେ ହାଇଡ୍ରୋଜେନରୁ ହିଲିୟମର ଫ୍ୟୁଜନ୍ ପର୍ଯ୍ୟନ୍ତ ବସ୍ତୁ ଗଚ୍ଛିତ ରଖିବାରେ ବିଫଳ ହୁଅନ୍ତି।

ଘନତ୍ୱ ମାମଲାରେ ଧୂସର କ୍ଷୁଦ୍ର ନକ୍ଷତ୍ରଗୁଡ଼ିକ ବିଶାଳତମ ଗ୍ୟାସୀୟ ଗ୍ରହ ତୁଳନାରେ ଅଧିକ ବିଶାଳ। କିନ୍ତୁ ସବୁଠୁ ଛୋଟ ନକ୍ଷତ୍ର ତୁଳନାରେ ଛୋଟ। ଏଗୁଡ଼ିକ ବୃହସ୍ପତିର ଘନତ୍ୱର ହାରାହାରି ୧୩ରୁ ୮୦ ଗୁଣ କିମ୍ବା ସୂର୍ଯ୍ୟ ଘନତ୍ୱର ୦.୦୧୩ରୁ ୦.୦୮ ଗୁଣ। ସଦ୍ୟ ଆବିଷ୍କୃତ ପିଣ୍ଡ ସିଡି-୩୫-୨୭୨୨ ଚନ୍ଦ୍ର ଭଳି। କିନ୍ତୁ ସୌରମଣ୍ଡଳରେ ଚନ୍ଦ୍ର ଯେମିତି ଗ୍ରହ ଚତୁଃପାର୍ଶ୍ୱରେ ପରିକ୍ରମା କରନ୍ତି, ଏହା ସେମିତି କରୁନାହିଁ। ଏହା ନକ୍ଷତ୍ର ମଣ୍ଡଳର ଧୂସର କ୍ଷୁଦ୍ର ନକ୍ଷତ୍ରକୁ ପରିକ୍ରମା କରୁଛି।

ସୌରମଣ୍ଡଳର ଗ୍ରହ ଓ ଚନ୍ଦ୍ର ଭଳି ଶବ୍ଦ ଜରିଆରେ ଏହାକୁ ପରିଭାଷିତ କରିବା କଷ୍ଟକର। ଏହି ବାହ୍ୟ ଉପଗ୍ରହଟି ଗ୍ରହ ହେବା ଲାଗି ଯଥେଷ୍ଟ ବିଶାଳ। କିନ୍ତୁ ଏହା ନକ୍ଷତ୍ରକୁ ପରିକ୍ରମା କରୁନାହିଁ। ନକ୍ଷତ୍ରକୁ ପରିକ୍ରମା କରୁଥିବା ଏକ ପିଣ୍ଡ ଚତୁଃପାର୍ଶ୍ୱରେ ଏହା ଘୁରୁଛି ବୋଲି ଡିଗୋ ପୋର୍ଟେଲସ୍ ଓ ମିଲେନିୟମ ନ୍ୟୁକ୍ଲିସସ ଅଫ୍ ଏକ୍ସୋପ୍ଲାନେଟ୍ସର ମୁଖ୍ୟ କେଭିନ ହେୟ କହିଛନ୍ତି।

## କରେଣ୍ଟ ଲାଗି ବିଏସଏଫ୍ ଯବାନଙ୍କ ମୃତ୍ୟୁ

ଫିରୋଜପୁର, ୨୪।୭: ପଞ୍ଜାବର ଫିରୋଜପୁର ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ସୀମାରେ ଡ୍ୟୁଟିରେ ଥିବା ବେଳେ କରେଣ୍ଟ ଲାଗି ବିହାରର ୩୦ ବର୍ଷୀୟ ବିଏସଏଫ୍ ଯବାନ ଚନ୍ଦନ ସିଂହଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ପରେ ତାଙ୍କ ପୈତୃକ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ, ପରିବାର ଲୋକେ ହତ୍ୟା ବା ନିର୍ଯାତନା ଅଭିଯୋଗ ଆଣି ପୃଥକ ତଦନ୍ତ ଦାବି କରିଛନ୍ତି। ଏହା କେବଳ ଏକ ଦୁର୍ଘଟଣା ନୁହେଁ ବୋଲି ଚନ୍ଦନ ସିଂହଙ୍କ ସ୍ତ୍ରୀ ଅଞ୍ଜୁ ଦେବୀ ଦାବି କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ ତାଙ୍କୁ କ୍ରମାଗତ ଭାବେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଚନ୍ଦନ ପୂର୍ବରୁ ଫୋନରେ ଜଣାଇଥିଲେ ଏବଂ ଚାକିରି ଛାଡ଼ିବାକୁ ମଧ୍ୟ ଚିନ୍ତା କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି। ଶବ ବ୍ୟବଚ୍ଛେଦ ଏବଂ ଅଫିସିଆଲ୍ ପ୍ରକ୍ରିୟା ଶେଷ ହେବା ପରେ ମୃତଦେହ ଗାଁକୁ ପଠାଯିବ, ଯେଉଁଠାରେ ଶେଷକୃତ୍ୟ ସମ୍ପନ୍ନ ହେବ।

# ମହେଶ କର ଫାଉଣ୍ଡେସନ ପକ୍ଷରୁ ପାଣି ବଣ୍ଟନ

ଗରଦପୁର,୨୪।୭(ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅଞ୍ଚଳର ଅନ୍ୟତମ କ୍ଷେତ୍ର ଶ୍ରୀ ହରିହର କ୍ଷେତ୍ର ମାହାଳଠାରେ ଆଜି ବାହୁଡ଼ା ଯାତ୍ରା ପାଳିତ ହୋଇଛି। ପ୍ରଥମେ ତିନିଠାକୁରଙ୍କୁ ପହଣ୍ଡି ବିଜେ ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର ସଂଖ୍ୟାରେ ଭକ୍ତ ଭିଡ଼ ଜମାଇବା ସହ ରଥ ଟାଣିଥିଲେ। ପ୍ରବଳ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାର ମହେଶ କର ଫାଉଣ୍ଡେସନ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର ଉପଦେଷ୍ଟା ତଥା ସମାଜସେବୀ ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭକ୍ତମାନଙ୍କୁ ପାଣି ବୋତଲ ବଣ୍ଟାଯାଇଥିଲା। ଏଥିରେ ଅନ୍ୟତମ ସଦସ୍ୟ ଭାଗୀରଥି ଜେନା, ସମାଜସେବୀ ଦେବେନ୍ଦ୍ର ଦାସ, ଆକାଶ ପ୍ରସାଦ ସେନାପତି, ପ୍ରମୋଦ କୁମାର ଭୋଳ, ସାମ୍ବାଦିକ ରାକେଶ ମହାନ୍ତି ଓ ମୁକ୍ତେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାଉଣ୍ଡେସନର ପୃଷ୍ଠପୋଷକ ତଥା ସ୍ୱର୍ଗତଃ କରଙ୍କ ସୁପୁତ୍ର ହିଂମାଂଶୁ ଭୂଷଣ କର ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥିଲେ।




# ଯୋବ୍ରା ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା



କଟକ,୨୪।୭(ସଂଚାର ବ୍ୟୁରୋ): ଆଜି ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ଯୋବ୍ରା ନୂଆସାହିସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅପରାହ୍ଣ ୨ଟାରେ ସୂର୍ଯ୍ୟ ପୂଜା ସହ ରଥ ଅନୁକୂଳ ସମ୍ପାଦିତ ହୋଇଥିଲା। ଏହାପରେ ଠାକୁରମାନେ ଗୋଟି ପହଣ୍ଡିରେ ଆସି ରଥରେ ବିଜେ କରିଥିଲେ। ଅପରାହ୍ଣ ୩ଟାରେ ସାହି ଅଧିକାରୀ କାଶୀନାଥ ନାୟକ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋବ୍ରା ଶାରଳା ମନ୍ଦିର, ଲକ୍ଷ୍ମୀ ବଜାର, ଡିପୁ ଛକ, ବ୍ୟାରେଜ ଛକ ଓ ଶନି ମନ୍ଦିର ଦେଇ ରଥ ନୂଆସାହି ଛକ ନିକଟରେ ସନ୍ଧ୍ୟା ୬ଟା ପହଞ୍ଚିଥିଲା। ରଥ ସହ ପ୍ରବଚକ ଭାଗିରଥୀ ସାମନ୍ତରାୟ ଓ ସୁରେନ୍ଦ୍ର ମହାପାତ୍ର ପ୍ରଚାରକ ରୂପେ ବାହୁଡ଼ା ଯାତ୍ରାର ଧାରା ବିବରଣୀ ଦେଇଥିଲେ। ପୁଲିସ ପ୍ରଶାସନ ଓ ବିଦ୍ୟୁତ ବିଭାଗ କର୍ମଚାରୀମାନେ ରଥଟଣା ସମୟରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ନୂଆସାହି ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଉପସଭାପତି ନାରାୟଣ ବେହେରା, ସମ୍ପାଦକ ଅମ୍ବିକା ସାମଲ, ସହସମ୍ପାଦକ ଶୁଭମ ପଟ୍ଟନାୟକ, କୋଷାଧ୍ୟକ୍ଷ ଆଶିଷ ମହାନ୍ତି, ମହନ୍ତ ଶିବେନ୍ଦ୍ର ନାୟକ, ଉପଦେଷ୍ଟା ଭରତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ ତ୍ରିପାଠୀ, ପ୍ରସନ୍ନ ନାୟକ, ଜଗନ୍ନାଥ ନାୟକ, ଆଲୋକ ନାୟକ, ଅଶୋକ ବେହେରା, ଭାବଗ୍ରାହୀ ନାୟକ ଓ ଅନ୍ୟାନ୍ୟ ସେବକଙ୍କ ସହ ଶତାଧିକ ଭକ୍ତ ରଥଟଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୨୪।୭ (ସଂଚାର ବ୍ୟୁରୋ): ଜୁଲାଇ ୨୭ ତାରିଖ ସୋମବାର କିଶନନଗର ତହସିଲ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କର୍ପୋରେଟରଙ୍କ ପିତୃ ବିୟୋଗ



କଟକ,୨୪।୭ (ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ୩୫ନଂ ୱାର୍ଡ କର୍ପୋରେଟର ଜେ. କାମେଶ୍ୱର ରାଓଙ୍କ ପିତା ଜେ. ନୋକା ରାଓଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତ କିଛିଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରକାଶ ବେହେରା, ମହମ୍ମଦ ମୋକିମ୍, ମେୟର ସୁବାସ ସିଂହ, ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଜନାର୍ଦ୍ଦନ ପରିଡ଼ା, ଶୁଭାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ ପ୍ରମୁଖ ତାଙ୍କ କଟକ ବକ୍ସିବାଜାରସ୍ଥିତ ବାସଭବନକୁ ଯାଇ ମରଶରୀରକୁ ଶେଷଦର୍ଶନ କରିଥିଲେ। କଟକ କାଳିଆବୁଦା ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ବଡ଼ପୁଅ କର୍ପୋରେଟର ଜେ. କାମେଶ୍ୱର ରାଓ ମୁଖାଗ୍ନି ଦେଇଥିଲେ।

# ନିଟ୍ ପରୀକ୍ଷାରେ ପାର୍ଥସାରଥୀଙ୍କ ସଫଳତା



କଟକ, ୨୪।୭ (ସଂଚାର ବ୍ୟୁରୋ): ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ନିଟ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ଉକୁସାହି ନିବାସୀ ତଥା ସାମ୍ବାଦିକ ଉମାକାନ୍ତ ଜେନା ଓ ମା' ସବିତା ଜେନାଙ୍କ ଏକମାତ୍ର ପୁତ୍ର ପାର୍ଥସାରଥୀ ଜେନା ଏହି ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସେ କଟକ ରାଜେନ୍ଦ୍ର ନଗରରେ ରହି ଶିକ୍ଷାଲାଭ କରୁଛନ୍ତି। ସେ ସର୍ବମୋଟ ୭୨୦ରୁ ୫୬୯ ନମ୍ବର ରଖି ସର୍ବଭାରତୀୟସ୍ତରରେ ୨୩୯୩୫ ଓ ଇଡବ୍ଲ୍ୟୁଏସରେ ୨୮୪୨ ନମ୍ବରରେ ସ୍ଥାନିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାପା-ମା', ଗୁରୁଜୀ-ଗୁରୁମା'ଙ୍କୁ ଏହି ଶ୍ରେୟ ଦେଇଥିବା ବେଳେ ଆଗାମୀ ଦିନରେ ଜଣେ ସୁ-ଡାକ୍ତର ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିବେ ବୋଲି ପାର୍ଥସାରଥୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆଠଗଡ଼ରେ ଶ୍ରୀଅଟାଳୀ ଜଗନ୍ନାଥଦେବଙ୍କ ବାହୁଡ଼ା ଯାତ୍ରା



କଟକ, ୨୪ ।୭(ସଂଚାର ବ୍ୟୁରୋ): ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀଅଟାଳୀ ଜଗନ୍ନାଥଦେବଙ୍କ ପବିତ୍ର ବାହୁଡ଼ା ଯାତ୍ରା ଶୁକ୍ରବାର ଭକ୍ତି, ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି। ପୂର୍ବନିର୍ଦ୍ଧାରିତ ନୀତି ଓ ସମୟସୂଚୀ ଅନୁଯାୟୀ ବଡ଼ପଣ୍ଡା ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ସମସ୍ତ ପଣ୍ଡା, ପଢ଼ିଆରୀ, ସେବକ ଓ ମାଳୀଙ୍କ ମିଳିତ ସହଯୋଗରେ ମାଉସୀମା' ମନ୍ଦିରରେ ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୫ ମିନିଟ୍‌ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡିବିଜେରେ ରଥାରୂଢ଼ ହୋଇଥିବା ବେଳେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ମଧ୍ୟ ନିଜ ନିଜ ରଥରେ ବିରାଜମାନ କରିଥିଲେ। ପରେ ବିଧିବଦ୍ଧ ଭାବେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀଅଟାଳୀ ଜଗନ୍ନାଥଦେବଙ୍କ ରଥକୁ ପୁରୁଷ ଭକ୍ତମାନେ ଟାଣିଥିବା ବେଳେ ସାନରଥକୁ ମହିଳା ଭକ୍ତମାନେ ଟାଣିଥିଲେ। ବାହୁଡ଼ା ଯାତ୍ରାର ସୁଚାରୁ ପରିଚାଳନା ଓ ସାମଗ୍ରିକ ତଦାରଖ ପାଇଁ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ ଅଧିକାରୀ ପ୍ରହ୍ଲାଦ ନାରାୟଣ ଶର୍ମା ଉପସ୍ଥିତ ରହି କାର୍ଯ୍ୟ ସମୀକ୍ଷା କରିଥିଲେ। ବାହୁଡ଼ା ଯାତ୍ରାର ସମନ୍ୱୟ ଓ ପରିଚାଳନା ଦାୟିତ୍ୱ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଉତ୍ସବକୁ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ନବୀନଙ୍କ କୃତିତ୍ୱକୁ ନିଜର କହି ଭ୍ରମିତ କରୁଛି ବିଜେପି

## ଶିଳ୍ପରେ ଆସିଥିବା ପରିବର୍ତ୍ତନ ନବୀନଙ୍କ ଦୀର୍ଘମିଆଦୀ ଯୋଜନାର ଫଳ




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ରିପୋର୍ଟରେ ଓଡ଼ିଶାକୁ ପଞ୍ଚମ ସ୍ଥାନ ମିଳିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। କିନ୍ତୁ ବର୍ତ୍ତମାନର ବିଜେପି ସରକାର ଏହି ସଫଳତାକୁ ନିଜର କୃତିତ୍ୱ ବୋଲି ଉପସ୍ଥାପନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ଆଜି ଓଡ଼ିଶା ଭାରତର ଅନ୍ୟତମ ନିବେଶ ଅନୁକୂଳ, ଆର୍ଥିକ ଶୃଙ୍ଖଳିତ ଏବଂ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଯେଉଁ ସୁନାମ ଅର୍ଜନ କରିଛି, ତାହା କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱର ଫଳ। ବିଜେଡି ସରକାରର ୨୪ ବର୍ଷର ସ୍ଥିର ଶାସନ, ଆର୍ଥିକ ଶୃଙ୍ଖଳା ଓ ନୀତିଗତ ସ୍ଥିରତା ଯୋଗୁଁ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଗେଇ ଚାଲିଛି। କିନ୍ତୁ ବିଜେପି ସରକାର ଏହାକୁ ନିଜର ସଫଳତା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଓଡ଼ିଶାର ଶିଳ୍ପ ପରିବର୍ତ୍ତନ କୌଣସି ଆକସ୍ମିକ ଘଟଣା ନୁହେଁ କିମ୍ବା ସ୍ୱଳ୍ପକାଳୀନ ଶାସନର ପରିଣାମ ନୁହେଁ। ଏହା କେବଳ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ଦୀର୍ଘମିଆଦି ଶିଳ୍ପ ଯୋଜନା ଯୋଗୁଁ ସମ୍ଭବ ହୋଇପାରିଛି। ନବୀନ ପଟ୍ଟନାୟକ ଏକ ଦୀର୍ଘମିଆଦୀ ଶିଳ୍ପ ରଣନୀତି ପ୍ରଣୟନ କରିଥିଲେ, ଯାହା ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା, ସାମାଜିକ ଦାୟିତ୍ୱ ଏବଂ ସମାବେଶୀ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିଥିଲା। ବନ୍ଦର ଓ ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଡାଉନଷ୍ଟ୍ରିମ୍ ଶିଳ୍ପକୁ ପ୍ରୋତ୍ସାହନ ଦେଇ ଶିଳ୍ପ କରିଡର ବିକଶିତ କରିବା ଏବଂ ସ୍ୱଚ୍ଛ ଓ ନିବେଶକ ଅନୁକୂଳ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ପ୍ରଚଳନ କରିଥିଲେ ନବୀନ। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଓ ବିଭିନ୍ନ କୌଶଳ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ହଜାର ହଜାର ଯୁବକଯୁବତୀଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରାଯାଇଥିଲା ବୋଲି ସେମାନେ କହିଛନ୍ତି।

# ଅଗଷ୍ଟ ୧୮ରେ ରାଜ୍ୟବ୍ୟାପୀ ନିଶାମୁକ୍ତ ଶପଥ ଅଭିଯାନ

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ନିଶାମୁକ୍ତ ଭାରତ ଗଠନ ଦିଗରେ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ। ଆସନ୍ତା ଅଗଷ୍ଟ ୧୮ ତାରିଖରେ ସାରା ରାଜ୍ୟରେ ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯିବ। ଏହି ଅଭିଯାନରେ ରାଜ୍ୟର ଅତି କମରେ ୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ଓ ସମନ୍ୱୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ବୃଦ୍ଧି ଓ ସୁସ୍ଥ ସମାଜ ଗଠନ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ।

## ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ

# ୨୭ ଯାଏଁ ସତର୍କ ସୂଚନା ଜାରି

ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ପାଣିପାଗ ପରିସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓଡ଼ିଶା ଉପକୂଳର ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କ ସୂଚନା ଜାରି କରିଛି। ଆଜିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସୂଚନାନୁଯାୟୀ, ଉପକୂଳ ଓ ସଂଲଗ୍ନ ସମୁଦ୍ର ଅଞ୍ଚଳରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବ, ଯାହା ମାଛଧରା ଡଙ୍ଗା ଓ ଟ୍ରଲର ଚଳାଚଳ ପାଇଁ ବିପଜ୍ଜନକ ହୋଇପାରେ ବୋଲି କୁହାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ପୂର୍ବରୁ ସମୁଦ୍ର ମଧ୍ୟକୁ ଯାଇଛନ୍ତି, ସେମାନଙ୍କୁ ଶୀଘ୍ର ଉପକୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି।

# ଯକ୍ଷ୍ମା ରୋଗୀଙ୍କୁ ସହାୟତା କରୁଛି ବେଦାନ୍ତ ଆଲୁମିନିୟମର କୋଇଲା ଖଣି




ଭୁବନେଶ୍ୱର,୨୪।୭(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କୋଇଲା ଖଣି, ସୁନ୍ଦରଗଡ ଜିଲ୍ଲାର ବାଲିଶଙ୍କରା ବ୍ଲକର ୧୮୦ରୁ ଅଧିକ ଯକ୍ଷ୍ମା (ଟିବି) ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା, ପରାମର୍ଶ ଓ ପରବର୍ତ୍ତୀ ସେବା ପ୍ରଦାନ କରିଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଚିକିତ୍ସାକୁ ସୁଦୃଢ଼ କରିବା, ଆରୋଗ୍ୟ ଫଳାଫଳକୁ ଉନ୍ନତ କରିବା ଓ ରୋଗୀଙ୍କ ଚିକିତ୍ସା ଯାତ୍ରାରେ ସୁସ୍ଥତାକୁ ସମର୍ଥନ କରିବା। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, ନିୟମିତ ପରାମର୍ଶ ଓ ସଚେତନତା ଅଧିବେଶନ ସହିତ ୭୧୭ରୁ ଅଧିକ ପୁଷ୍ଟିସାଧନ କିଟ୍ ବଣ୍ଟନ କରାଯାଇଛି, ଯାହା ତୃଣମୂଳ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ନିକ୍ଷୟ ମିତ୍ର ପଦକ୍ଷେପ ଯକ୍ଷ୍ମା ମୁକ୍ତ ଭାରତର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପଦକ୍ଷେପ ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଓ ଏହାର ପରିଚାଳନା କ୍ଷେତ୍ରରେ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କମ୍ପାନୀର ବ୍ୟାପକ ପ୍ରୟାସର ଏକ ଅଂଶ ଯାହା ୨୦୨୬ ଆର୍ଥିକ ବର୍ଷ ମଧ୍ୟରେ ୧୫୪ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିଲା। ଜାତୀୟ ଯକ୍ଷ୍ମା ଦୂରୀକରଣ ଅଭିଯାନରେ ଏହାର ଅବଦାନକୁ ସ୍ୱୀକୃତିସ୍ୱରୂପ ବେଦାନ୍ତ ଆଲୁମିନିୟମ କୋଇଲା ଖଣିକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଏକ ସାର୍ଟିଫିକେଟ୍ ଅଫ୍ କମ୍ପ୍ଲିସନ୍ ପ୍ରଦାନ କରାଯାଇଛି।

ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି ଯେ ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ ସୁସ୍ଥ ସମ୍ପ୍ରଦାୟ ଗଠନ ଏକ ଅଧିକ ସ୍ଥାୟୀ ଓ ସମାବେଶୀ ଭବିଷ୍ୟତ ସୃଷ୍ଟି କରିଥାଏ। ଆମର ନିକ୍ଷୟ ମିତ୍ର ପଦକ୍ଷେପ ଜରିଆରେ ଆମେ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଯତ୍ନ, ପରାମର୍ଶ ଓ ପ୍ରୋତ୍ସାହନ ସହ ସମର୍ଥନ କରୁଛୁ ଯାହା ସେମାନଙ୍କୁ ସଫଳତାର ସହ ସେମାନଙ୍କର ଚିକିତ୍ସା ଯାତ୍ରା ସମାପ୍ତ କରିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପ ଭାରତ ସରକାର ଓ ସ୍ଥାନୀୟ ଲୋକଙ୍କ ସହ ମିଶି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ଯକ୍ଷ୍ମା ମୁକ୍ତ ଭାରତର ସ୍ୱପ୍ନରେ ଯୋଗଦାନ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ବିଏଡ୍ ନାମଲେଖା, ଚଏସ୍ ଲକିଂ କେବେ ?



ଭୁବନେଶ୍ୱର,୨୪।୭: ବିଏଡ୍ ପରୀକ୍ଷା ଫଳ ପ୍ରକାଶ ପାଇବାର ପନ୍ଦର ଦିନ ବିତିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ନାମଲେଖା ଲାଗି 'ଚଏସ୍ ଲକିଂ' ଆରମ୍ଭ ହୋଇନାହିଁ। ଫଳରେ ଶତାଧିକ ଛାତ୍ରଛାତ୍ରୀ ଅପେକ୍ଷାରେ ରହିଛନ୍ତି। ସେହିଭଳି ସିଟି ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା କେବେ ହେବ ତାହାକୁ ଚାହିଁ ବସିଛନ୍ତି।

ଚଳିତବର୍ଷ ବିଏଡ୍ ପରୀକ୍ଷା ମେ ୩୧ରେ ହୋଇଥିଲା। ଯଦିଓ ଏହି ପରୀକ୍ଷା ଓଏ ମାର୍କ ପଦ୍ଧତିରେ ହୋଇଥିଲା, କିନ୍ତୁ ଫଳ ପ୍ରକାଶ ପାଇବାକୁ ମାସେରୁ ଅଧିକ ସମୟ ଲାଗିଗଲା। ଗତ ୧୦ ତାରିଖରେ ଫଳ ପ୍ରକାଶ ପାଇବା ପରେ ପରେ ଛାତ୍ରଛାତ୍ରୀଙ୍କ ଲାଗି ଚଏସ୍ ଲକିଂ ଆରମ୍ଭ ହୋଇଯିବା କଥା। ଏହା ଫଳରେ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିଥାନ୍ତି ଓ ଏହାପରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଫଳ ପ୍ରକାଶ ପାଇବାର ୧୫ ଦିନ ପରେ ଏହି ଏହା ଆରମ୍ଭ ହୋଇପାରୁନାହିଁ। ଏଥିଯୋଗୁଁ ଛାତ୍ରଛାତ୍ରୀମାନେ ନିରାଶ ହେବାରେ ଲାଗିଛନ୍ତି।

ଗତବର୍ଷ ବିଏଡ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମତା ଦୃଷ୍ଟିରୁ ଚଳିତ ବର୍ଷ ପରୀକ୍ଷାଫଳ ପ୍ରକାଶ ପାଇବାରେ ବିଳମ୍ବ ଓ ଚଏସ ଲକିଂ ଆରମ୍ଭ ହୋଇ ନ ପାରିବାକୁ ନେଇ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଉଲ୍ଲେଖ କରାଯାଇପାରେ ଯେ ଗତବର୍ଷ ବିଏଡ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ସରକାର ନିଜ ଆଡୁ କମିଟି ଗଠନ କରି ଏହାର ତଦନ୍ତ କରିଥିଲେ। ହେଲେ ତଦନ୍ତର ଫଳାଫଳ କ'ଣ ହେଲା ଓ ସରକାର କାହା ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ତାହା ଛାତ୍ରଛାତ୍ରୀ କିମ୍ବା ଅଭିଭାବକମାନେ ଜାଣିପାରିଲେ ନାହିଁ।

ବିଏଡ୍ ଭଳି ଚଳିତ ବର୍ଷ ସିଟି ପରୀକ୍ଷାର ଅବସ୍ଥା। ବିଏଡ୍‌ରେ କମ୍ ସଂଖ୍ୟାରେ ଆସନ ଥିବାରୁ ଶିକ୍ଷକତା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ସିଟି ପରୀକ୍ଷା ପାଇଁ ଆବେନ କରିଛନ୍ତି। ଏହି ଆବେଦନକୁ ମାସାଧିକ କାଳ ବିତିଯାଇଥିବା ବେଳେ ପରୀକ୍ଷା କେବେ ଅନୁଷ୍ଠିତ ହେବ ତାହାର କୌଣସି ସୂଚନା ପାଇପାରୁନାହାନ୍ତି। ଫଳରେ ସିଟି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କ ମନୋବଳ ଭାଙ୍ଗିବାରେ ଲାଗିଛି।

ରାଜ୍ୟରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଏହି କ୍ଷେତ୍ରରେ ନିଯୁକ୍ତିର ଅଧିକ ସୁଯୋଗ ରହିଛି। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ ବିଏଡ୍ ଓ ସିଟି ଶିକ୍ଷା ପାଇଁ ଅଧିକ ଆଗ୍ରହୀ ହେଉଛନ୍ତି। ବିଏଡ୍ ପାଠ୍ୟକ୍ରମରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୭୫୦ଟି ଆସନ ରହିଥିବା ବେଳେ ଚଳିତ ବର୍ଷଠାରୁ ଇଣ୍ଟିଗ୍ରେଟେଡ୍ ବିଏଡ୍ ନାମଲେଖା ହେବ। ତେବେ ବିଏଡ୍‌ରେ ଆସନ ସଂଖ୍ୟା ବଢ଼ାଇବା ସହିତ ଏହାର ପରୀକ୍ଷା ଅଧିକ ସ୍ୱଚ୍ଛ ଓ ସମୟାନୁବର୍ତ୍ତିତା କରିବା ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

# ରାଧା ମଦନ ଜୀଉଙ୍କ ବାହୁଡ଼ା ଯାତ୍ରା

କୋଲକାତା,୨୪।୭ (ସଂଚାର ବ୍ୟୁରୋ): ବିଷ୍ଣୁପୁରରେ ରାଧା ମଦନ ଗୋପାଳ ଜୀଉଙ୍କ ବାହୁଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରାଚୀନ ପର୍ବକୁ ନେଇ ବିଷ୍ଣୁପୁରର ଲୋକମାନେ ଭାବପ୍ରବଣତାରେ ଉଚ୍ଛୁଳି ପଡ଼ିଥିଲେ। ମଲ୍ଲ ରାଜାମାନଙ୍କ ଯୁଗରୁ ଆରମ୍ଭ ହୋଇଥିବା ଏହି ରଥ ମହୋତ୍ସବ ଶୁକ୍ରବାର ମଧ୍ୟ ପାରମ୍ପରିକ ରୀତିନୀତି ଏବଂ ଶୁଭ ସମୟର କଡ଼ା ପାଳନ ସହିତ ପାଳନ କରାଯାଇଥିଲା। ଏହି ପରମ୍ପରାକୁ ପାଳନ କରି ରଥର ଦଉଡ଼ି ଟାଣିବା ପାଇଁ ସକାଳୁ ଭିଡ଼ ଜମା ହୋଇଥିଲା। ରାଧା ଏବଂ ମଦନ ଗୋପାଳ ଜୀଉଙ୍କୁ ମନ୍ଦିରରୁ ରଥକୁ ଅଣାଯାଇଥିଲା, ଏହା ପରେ ପୂଜା, ପ୍ରାର୍ଥନା ଏବଂ ରଥ ଭିତରେ ଆରତୀ କରାଯାଇଥିଲା, ତା'ପରେ ରଥ ଟାଣିବା ଯାତ୍ରା ଆରମ୍ଭ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋଷୀଙ୍କୁ ୧୦ ବର୍ଷ...

ଭବିଷ୍ୟତ ଜଡ଼ିତ ରହିଛି। ସେଥିଲାଗି ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରସ୍ତାବିତ ଏହି ଆଇନରେ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ପ୍ରସ୍ତାବିତ ବିଧେୟକରେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସର୍ବାଧିକ ୧୦ ବର୍ଷ ଜେଲ୍ ଓ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ପ୍ରାବଧାନ ରହିଛି। ଏଥିସହ ପେପର ଲିକ୍ ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କ ପାଇଁ ବର୍ତ୍ତମାନ ଆଇନରେ ସର୍ବନିମ୍ନ ଜେଲଦଣ୍ଡ ତିନି ବର୍ଷ ଥିବା ବେଳେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କ ପାଇଁ ସର୍ବନିମ୍ନ ଜେଲ୍ ଦଣ୍ଡାଦେଶକୁ ଅଧିକ ପାଞ୍ଚବର୍ଷ ଯାଏ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି। ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ କରି ଶେଷବର୍ଷ ପ୍ରତିବାଦ ମୁଖର ହେଉଥିବା ବେଳେ ପ୍ରତିଯୋଗିତା-ମୂଳକ ପରୀକ୍ଷାପଦ୍ଧତିର ଅଖଣ୍ଡତା ସୁରକ୍ଷିତ ରଖିବା ଲାଗି କଠୋର ଆଇନ ଆଣିବାକୁ ଦାବି ହେଉଥିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏଭଳି ଏକ ନିଷ୍ପତ୍ତି ନେଉଛନ୍ତି। ଆଜିର ପ୍ରସ୍ତାବିତ ବିଧେୟକ ଉପରେ ସୋମବାର ଗୃହରେ ଆଲୋଚନା ହେବ ବୋଲି ଏକ ଆନୁଷ୍ଠାନିକ ସୂତ୍ରରୁ ଜଣାପଡ଼ିଛି। ଏହି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ କରି ଦୃଢ଼ ପଦକ୍ଷେପ ନେବାକୁ କହିଥିଲେ। ଖୁବ୍ ଶୀଘ୍ର ସଂସଦରେ ଏହି ବିଲ୍ ଆଗତ ହେବା ନେଇ ଆଶା ଦିଆଯାଇଛି। ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ସୁରକ୍ଷା ଯୋଗୁଁ ଏ କ୍ଷେତ୍ରରେ ଆଉ କାଳକ୍ଷେପଣ ନକରିବାକୁ ପ୍ରଧାନମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଶିଳ୍ପ...

ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ପ୍ରତିଷ୍ଠା କରାଯିବ ଏହି ଡାଟା ସେଣ୍ଟ ଉକ୍ତ ଏଆଇ ପାର୍କ ମଧ୍ୟରେ ପ୍ରତିଷ୍ଠିତ ହେବ। ଏଚସିଏଲ ଡେଭେଲପମେଣ୍ଟ ସେଣ୍ଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ରାଜ୍ୟର ଡିଜିଟାଲ ଇକୋସିଷ୍ଟମକୁ ବହୁତ ମଜଭୁତ କରିବ। ଏହି ଗ୍ଲୋବାଲ ଡେଲିଭରି ସେଣ୍ଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଏହି ଦୁଇଟି ପ୍ରକଳ୍ପରେ ଆଗକୁ ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଡିଜିଟାଲ ଇଣ୍ଡିଆ' ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଟେକ୍ ଡେଟି ହୋଇପାରିଛି ଏବଂ ଓଡ଼ିଶା ଏହି ନବସୃଜନର ଅଗ୍ରଣୀ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ 'ସର୍ଭମ', ବିଶ୍ୱର ପ୍ରଯୁକ୍ତିବିଦ୍ୟା ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କେବଳ ଖଣିଜ-କୈନ୍ଦ୍ରିକ ଶିଳ୍ପରେ ସୀମିତ ନରହି ସେମିକଣ୍ଡକ୍ଟର, ଏଆଇ, ଟେକ୍ସଟାଇଲ, ଫାର୍ମା ଓ ଆଇଟି ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ କହିଛନ୍ତି। ସର୍ଭମ୍ ଏଆଇ ଓଡ଼ିଆ ସହିତ ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ ଏଆଇ ପ୍ଲାଟଫର୍ମ ଓ ଏଆଇ ଆପ୍ଲିକେସନ ପ୍ରସ୍ତୁତ କରିବାରେ ସଫଳ ହୋଇଛି। ଓଡ଼ିଶାରେ ଏହି ଏଆଇ ପାର୍କ ଓ ଡାଟା ସେଣ୍ଟର ପ୍ରତିଷ୍ଠା ହେବା ଫଳରେ ଓଡ଼ିଶାକୁ ହିଁ ଓଡ଼ିଆ ସହିତ ବିଭିନ୍ନ ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତ୍ତାର ସେବା ଉପଲବ୍ଧ ହୋଇପାରିବ। ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷରେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ଆସିଛି, ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇସାରିଛି। ସମ୍ପ୍ରତି ନୀତି ଆୟୋଗଙ୍କ ରିପୋର୍ଟରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଏବଂ ଆମର ଲକ୍ଷ୍ୟ ଖୁବ୍ ଶୀଘ୍ର ଟପ୍-୩ରେ ପହଞ୍ଚିବା।

### ୯୦ରୁ ଉର୍ଦ୍ଧ୍ୱ...

କିନ୍ତୁ ଏହାପରେ ଆଉ ତିନି ଛାତ୍ରୀଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ସେମାନଙ୍କର ଚିକିତ୍ସା କରାଯାଇଥିଲା। ଏପଟେ ଘଟଣା ପରେ ଡାକ୍ତରଖାନାରେ ଛାତ୍ରୀମାନଙ୍କ ଅଭିଭାବକମାନେ ଉପଜିଲ୍ଲାପାଳ ପହଞ୍ଚି ଜିଲ୍ଲାପାଳଙ୍କୁ ଖବର ଦେବା ପରେ ଉକ୍ତ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ପହଞ୍ଚି ହଷ୍ଟେଲ ପରିସରରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲି ଅନ୍ୟ ଆକ୍ରାନ୍ତ ଛାତ୍ରୀମାନଙ୍କର ଚିକିତ୍ସା କରୁଛନ୍ତି। ତେବେ ଏହି ବାସିହୋଇଥିବା ଖାଦ୍ୟ ଏଭଳି ଘଟଣା ଘଟିଛି ବୋଲି ଛାତ୍ରୀମାନଙ୍କ ଦେହ ଖରାପର କାରଣ ସାଜିଥିବା ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି କହିଛନ୍ତି। ତେବେ ଜିଲ୍ଲା ଶିକ୍ଷାଧିକାରୀ ଆକ୍ରାନ୍ତ ଛାତ୍ରୀଙ୍କ ସଂଖ୍ୟା କମ୍ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### ୧୫ ପଦବୀ...

ଏହି ଚୟନ କମିଟି ବୈଠକରେ ମୋଟ ୪୮ ଜଣ ଅଫିସରଙ୍କ ସେବା ରେକର୍ଡ, ଯୋଗ୍ୟତା ଓ ଦକ୍ଷତା ନେଇ ଆଲୋଚନା ଓ ବିଚାରବିମର୍ଶ କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୨୪୮ଟି ଆଇଏଏସ ପଦବୀ ମଧ୍ୟରୁ ୧୭୩ଟିରେ ସିଧାସଳଖ ନିଯୁକ୍ତି ଓ ୭୫ଟିରେ ରାଜ୍ୟ ପ୍ରଶାସନିକ ସେବାରୁ ପଦୋନ୍ନତି ଭିତ୍ତିରେ ପୂରଣ କରିବାର ପ୍ରାବଧାନ ରହିଛି। ଗତ ୨୦ ତାରିଖ ସୁଦ୍ଧା ୨ ଜଣ ଆଉଟ୍‌ସାଇଡ଼ ରାଜ୍ୟରେ ଆଇଏଏସ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ଆଇଏଏସ ଅଫିସରଙ୍କୁ ମିଶାଇ ରାଜ୍ୟରେ ମୋଟ ୨୦୫ ଜଣ ଆଇଏଏସ କାର୍ଯ୍ୟରତ ଅଛନ୍ତି।

### ଜନ୍ମବେଦୀରୁ ବାହୁଡ଼ିଲେ..

ଗୋଡ଼ା ଯୋଡା ଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ରଥଟଣା। ପ୍ରଥମେ ଗଡ଼ିଥିଲା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିବାରେ ଲାଗିଥିଲା। ଚଳିତବର୍ଷ ବାହୁଡ଼ା ଯାତ୍ରାରେ ପହଣ୍ଡି ଶୀଘ୍ର ଆରମ୍ଭ ହୋଇଥିଲେ ମଧ୍ୟ ପହଣ୍ଡି ଶେଷ ହେବାକୁ ବିଳମ୍ବିତ ହୋଇଥିଲା। ଏମିତି ଅନୁଭବ ହେଉଥିଲା ସତେ ଯେମିତି ମହାପ୍ରଭୁ ନିଜ ଜନ୍ମବେଦୀ ଛାଡ଼ିଯିବା ପାଇଁ ମନ କରୁ ନ ଥିଲେ। ଶନିବାର ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ତିନି ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କର ଅନନ୍ୟ ବେଶ ଦର୍ଶନ କରିବାକୁ କାଲି ପୁରୀରେ ଲାଗିବ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ। ରଥ ଉପରେ ସ୍ୱର୍ଣ୍ଣବିଭୂଷିତ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧା ମୂରତି। ସୁନାବେଶ ପାଇଁ ଅସାଧାରଣ ବିଧି ଦୁର୍ଲ୍ଲଭ ସୁନାବେଶ। ପୁରୁଣା ଯାତ୍ରାରେ ମହାପ୍ରଭୁଙ୍କ ଏହି ବେଶକୁ ବଡ଼ତଡ଼ାଉ ବେଶ, ରାଜାଧିରାଜ ବେଶ, ରାଜରାଜେଶ୍ୱର ବେଶ ବୋଲି ମଧ୍ୟ କୁହାଯାଏ। ଗଜପତି ମହାରାଜ କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା କୁହାଯାଏ। ଏହି ବେଶରେ ତିନି ଠାକୁରଙ୍କୁ ଶ୍ରୀଭୁଜ, ଶ୍ରୀପୟର ପରିଧାନ ପୂର୍ବକ ପୂର୍ଣ୍ଣାଙ୍ଗ ମୂର୍ତ୍ତି ଦେଖିବାକୁ ପାଇବେ ଭକ୍ତ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା ମଧ୍ୟ ହୋଇଛି।

### ରାଜ୍ୟ ବାହାରକୁ...

ଅବହେଳା କରି ପୂର୍ବାନୁମତି ବିନା ଯାତ୍ରା କରୁଛନ୍ତି କିମ୍ବା ଯାତ୍ରାରେ ଅଳ୍ପ କିଛି ଦିନ ପୂର୍ବରୁ ଛୁଟି ଓ ଅନୁମତି ପାଇଁ ଆବେଦନ କରୁଛନ୍ତି। ଫଳରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରେ ସମୟ ମଧ୍ୟରେ ଛୁଟି ମଞ୍ଜୁର କରିବା ଓ ଅନୁମତି ପ୍ରଦାନ କରିବା ସମ୍ଭବପର ହେଉନାହିଁ। ଏପରି ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଉକ୍ତ ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟ ଓ ଅଧୀନସ୍ଥ କାର୍ଯ୍ୟାଳୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ନିଜ ଅଧୀନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ନିୟମ ସମ୍ପର୍କରେ ଅବଗତ କରାନ୍ତୁ।

### ୯୫୦ କୋଟିର...

ଆରମ୍ଭ ହୋଇସାରିଛି। ଖମାର-ଗୋଲାବନ୍ଧ, ଗୋଲାବନ୍ଧ-ମହୁଲଡିହା ଓ ମହୁଲଡିହା-ବିମଲାଗଡ଼ ସେକ୍ସନରେ ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଖଣ୍ଡଗୁଡ଼ିକରେ ଛୋଟ ସେତୁ, ରେଳ ଓଭରବ୍ରିଜ୍ (ଆରଓବି) ଏବଂ ରେଳ ଅଣ୍ଡରବ୍ରିଜ୍ (ଆରୟୁବି) ନିର୍ମାଣ କାର୍ଯ୍ୟ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରଗତି କରୁଛି। ମହୁଲଡିହା-ବିମଲାଗଡ଼ ଖଣ୍ଡ ପାଇଁ ବନ ଏବଂ ବନ୍ୟପ୍ରାଣୀ ସମ୍ପର୍କିତ ଆବଶ୍ୟକ ଅନୁମତି ମିଳିସାରିଛି। ତଥାପି ରେଳ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଲାଗି କୌଣସି ସମୟସୀମା ନିର୍ଦ୍ଦିଷ୍ଟ କରିନାହିଁ ଓ ଦର୍ଶାଇଛି ଯେ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଉପଯୋଗିତା ସ୍ଥାନାନ୍ତର, ଭୌଗୋଳିକ ଅନୁମୋଦନ, ଭୌଗୋଳିକ ପରିସ୍ଥିତି ଓ ଆଇନଶୃଙ୍ଖଳା ପରିସ୍ଥିତି ଭଳି କାରଣ ଉପରେ ନିର୍ଭର କରେ।

### ଦିଲ୍ଲୀ ଆନ୍ଦୋଳନ...

କଂଗ୍ରେସ କର୍ମୀଙ୍କ ଜାତୀୟ କଂଗ୍ରେସର ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ବେଳେ ନବୀନଙ୍କ ନୀତି କେବଳ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫାରେ ସୀମିତ ରହିଛି। ବିଜେଡିର ଛାତ୍ର ଓ ଯୁବ ନେତୃତ୍ୱ ବିଜେପି ଆନ୍ଦୋଳନକୁ ନିଜକୁ ଦୁରେଇ ରଖିଛନ୍ତି। ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ବିଜେପିର ମୁକାବିଲା ପାଇଁ ଉଭୟ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛନ୍ତି। କାରଣ ଦେଶରେ ଏହି ଆନ୍ଦୋଳନ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାକୁ କୌଣସି ଦଳ ହାତଛଡ଼ା କରିବାକୁ ଚାହିଁ ନାହାନ୍ତି। ପିଲାଙ୍କ ଆନ୍ଦୋଳନ ପ୍ରସଙ୍ଗ ବି ଗାନ୍ଧିଙ୍କ ପାଖରେ ପହଞ୍ଚିଛି। ତେଣୁ ଏହାକୁ ନେଇ ଲୋକଙ୍କ ନିକଟକୁ ଯାଇ ଅଧିକରୁ ଅଧିକ ସମର୍ଥନ ପାଇବା ସହ ଶାସକ ଦଳକୁ ମୁକାବିଲା କରିବେ ବୋଲି ବିଚାରୁଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ହେଉଥିବା ଏକ ବୋର୍ଡ ବିରୋଧରେ ଏହି ଦୁଇ ଦଳକୁ ଅଲୁଆରେ ପକାଇ ଦେଇଛି। କେନ୍ଦ୍ର ସରକାର ଇତିମଧ୍ୟରେ ପ୍ରସ୍ତାବ ତୋରି ମାମଲାର ବିଚାର ପାଇଁ ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା କରିବା ସହ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ମୁଖ୍ୟ ଅଧିକାରୀଙ୍କୁ ବିଦା କରିଛନ୍ତି। କେନ୍ଦ୍ର ଶିକ୍ଷା ସଚିବଙ୍କୁ ବି ବଦଳାଇଛନ୍ତି। ଆଗକୁ ଆହୁରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ବିଜେଡି ଅଭାପତି ନବୀନ ପଟ୍ଟନାୟକ ଇସ୍ତଫା ଦାବି ଏକତ୍ରକାର ପାଣିଠିଆ ହୋଇଯାଇଥିବା ବେଳେ କଂଗ୍ରେସ ନେତାମାନେ ଏବେ ଜିଲ୍ଲାରେ ଦଳ କେଉଁଠି ଅବସ୍ଥାରେ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି। ରାଜ୍ୟରେ ତୃତୀୟସ୍ଥି ପ୍ରସ୍ତୁତ ପ୍ରସଙ୍ଗକୁ ଛାଡ଼ି ଦୁଇ ବିରୋଧୀ ଦଳ ଯେଉଁଭଳି ଜାତୀୟ ପ୍ରସଙ୍ଗକୁ କାବୁରେ ଲାଭ ଆଶାରେ ଥିଲେ ତାହା ଧିରେ ମହଳ ଯାଉଥିବା ବେଳେ ଏମାନଙ୍କ ଭରସାରେ ଥିବା କର୍ମୀମାନେ ବି ବାଉଳା ହେବାରେ ଲାଗିଛନ୍ତି।

# ଅସ୍ତରଙ୍ଗରେ ୟୁନିଫର୍ମ ନାଁରେ ଅର୍ଥ ହଡ଼ପ ମସୁଧା



## ଟେଣ୍ଡର ତନ୍ତ୍ରକୁ ବୁଢ଼ାଙ୍ଗୁଳି, ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଲାଭ

## ମାପ ବିନା ବଣ୍ଟନ, ଗୁଣବତ୍ତା ନେଇ ପ୍ରଶ୍ନ

## କାଗଜରେ କାମ ସାରିଲା, ଅଭିଭାବକଙ୍କ ଅସନ୍ତୋଷ

କାକଟପୁର/ଅସ୍ତରଙ୍ଗ,୨୪।୭ (ସଂଚାର ବ୍ୟୁରୋ): ସରକାରଙ୍କ ଘୋଷଣା ଥିଲା ସ୍ପଷ୍ଟ। ଖରାଛୁଟି ପୂର୍ବରୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ହାତରେ ନୂଆ ୟୁନିଫର୍ମ ପହଞ୍ଚିବା କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ ସାଧନ କେନ୍ଦ୍ର, ୧୩୧ ପ୍ରାଥମିକ-ଉଚ୍ଚ ପ୍ରାଥମିକ ଏବଂ ୨୨ ଉଚ୍ଚ ବିଦ୍ୟାଳୟରେ ଏହି ନିର୍ଦ୍ଦେଶ କେବଳ ଫାଇଲ୍ ଭିତରେ ସୀମିତ ରହିଗଲା।

ବାସ୍ତବ ଚିତ୍ର ଅଲଗା। କିଛି ବିଦ୍ୟାଳୟରେ ଔପଚାରିକତା ରକ୍ଷା ପାଇଁ ୟୁନିଫର୍ମ ବଣ୍ଟନ ହୋଇଥିବା ବେଳେ ଅଧିକାଂଶ ସ୍କୁଲରେ ପିଲାମାନେ ଆଜି ମଧ୍ୟ ଚିରା ଓ ରଙ୍ଗ ଫିକା ପଡିଯାଇଥିବା ପୁରୁଣା ଡ୍ରେସ ପିନ୍ଧି ଶ୍ରେଣୀକୁ ଆସୁଛନ୍ତି। ଅଭିଯୋଗ ହେଉଛି ଯେ ଛାତ୍ରଛାତ୍ରୀଙ୍କ ଠିକ୍ ମାପ ନ ନେଇ କେବଳ ଆନୁମାନିକ ସଂଖ୍ୟା ଅନୁଯାୟୀ ପୋଷାକ ଆଣି ବାଣ୍ଟି ଦିଆଯାଉଛି। ଫଳରେ ଅଭୁତ ଦୃଶ୍ୟ। କାହାର ସାର୍ଟ ହାତରୁ ତଳକୁ ଝୁଲୁଛି ତ ଆଉ କାହାର ପ୍ୟାଣ୍ଟ ଆଣ୍ଠୁ ଉପରକୁ ଉଠିଯାଉଛି।

ଜଣେ ଅଭିଭାବକ କ୍ଷୋଭ ପ୍ରକାଶ କରି କହିଛନ୍ତି "ସମାନତା ପାଇଁ ସରକାର ଡ୍ରେସ୍ ଦେଉଛନ୍ତି। ଆଉ ସେହି ଡ୍ରେସ୍ ପାଇଁ ଆମ ପିଲା ସ୍କୁଲରେ ହସର ପାତ୍ର ହେଉଛନ୍ତି। ଏହା କି ବ୍ୟବସ୍ଥା?"

ନିୟମ ଅନୁଯାୟୀ ଟେଣ୍ଡର ମାଧ୍ୟମରେ ଚୟନ ହୋଇଥିବା ସଂସ୍ଥା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ମାପ ନେଇ ନିର୍ଦ୍ଦିଷ୍ଟ ମାନର କପଡା ଯୋଗାଇବା କଥା। କିନ୍ତୁ ଅଭିଯୋଗ ଆସୁଛି ଯେ କିଛି ବିଦ୍ୟାଳୟରେ ଶିକ୍ଷକ ଓ ସ୍ୱତନ୍ତ୍ର ଟିମ୍ ଯାଞ୍ଚ ବିନା ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କଠୁ କମ୍ ଗୁଣବତ୍ତାର କପଡା କିଣି ଆଣି କାମ ସାରି ଦେଉଛନ୍ତି। ଧୋଇବା ପରେ ରଙ୍ଗ ଛାଡିବା ସହ କପଡା ଶୀଘ୍ର ଫାଟୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

କିଛି ଦିନ ପୂର୍ବେ କାକଟପୁର ବ୍ଲକ ବାଙ୍ଗୁରୀଗାଁ ହାଇସ୍କୁଲ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ ସ୍ପଷ୍ଟ କରିଥିଲେ ଯେ ନିର୍ଦ୍ଧାରିତ ସମୟରେ ସମସ୍ତଙ୍କୁ ୟୁନିଫର୍ମ ଯୋଗାଇ ଦିଆଯିବ। କିନ୍ତୁ ତାଙ୍କର ଏହି ନିର୍ଦ୍ଦେଶ ବିଦ୍ୟାଳୟ ସ୍ତରରେ କେତେ କାର୍ଯ୍ୟକାରୀ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଳମ୍ବ ଓ ଅନିୟମିତତା ସତ୍ତ୍ୱେ ଶିକ୍ଷାବିଭାଗ ତରଫରୁ କୁହାଯାଉଛି ଯେ ବଣ୍ଟନ ପ୍ରକ୍ରିୟା ପ୍ରାୟ ସମ୍ପୂର୍ଣ୍ଣ। କିନ୍ତୁ ଅଭିଭାବକମାନଙ୍କର ସିଧା ଅଭିଯୋଗ - "କାଗଜରେ ସବୁ ହୋଇଗଲା। ପିଲାଙ୍କ କଥା କେହି ଭାବୁନାହାନ୍ତି। ଦାୟିତ୍ୱ ସାରିଲେ, କିନ୍ତୁ ଉତ୍ତରଦାୟିତ୍ୱ ନେଉନାହାନ୍ତି।" ଏହି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଦାବୀ କରିଛନ୍ତି ଯେ ଜିଲ୍ଲା ଶିକ୍ଷାଧିକାରୀ ଓ ଉଚ୍ଚ ସ୍ତରୀୟ ଟିମ୍ ତୁରନ୍ତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରନ୍ତୁ। ଟେଣ୍ଡର ପାଇଥିବା ସଂସ୍ଥା ନିୟମ ମାନିଛି କି ନାହିଁ, କେଉଁ ଆଧାରରେ କ୍ରୟ ହେଲା ତାହାର ସ୍ୱଚ୍ଛ ତଦନ୍ତ ହେଉ।

## ଉମରକୋଟରେ ଏସବିଆଇ ଏଟିଏମ୍‌ରୁ ବଡ଼ ଧରଣର ଟଙ୍କା ଲୁଟ୍




ନବରଙ୍ଗପୁର/ଉମରକୋଟ,୨୪।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଘଟିଛି ଏକ ଚାଞ୍ଚଲ୍ୟକର ଏଟିଏମ୍ ଲୁଟ୍ ଘଟଣା। ଉମରକୋଟ-ରାଇଘର ରୋଡ୍ ସ୍ଥିତ ଏସବିଆଇ ଏଟିଏମ୍‌ରୁ ଗ୍ୟାସ କଟର ବ୍ୟବହାର କରି ବଡ଼ ପରିମାଣର ଟଙ୍କା ଲୁଟି ନେଇଛନ୍ତି ୬ ଜଣ ଦୁର୍ବୃତ୍ତ। ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ, ଦୁର୍ବୃତ୍ତମାନେ ପାଖପାଖି ଥିବା କିଛି ସିସିଟିଭି କ୍ୟାମେରାରେ କଳା ରଙ୍ଗର ସ୍ପ୍ରେ ମାରି ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ଉମରକୋଟ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କୋଣ୍ଡାଗାଁ ରୋଡ୍ ସ୍ଥିତ ଏସବିଆଇ ଏଟିଏମ୍‌କୁ ଟାର୍ଗେଟ କରିଥିଲେ ୬ ଜଣ ଦୁର୍ବୃତ୍ତ। ଗ୍ୟାସ କଟର ସାହାଯ୍ୟରେ ଏଟିଏମ୍ ମେସିନ୍ କାଟି ଭିତରେ ଥିବା ଟଙ୍କା ଲୁଟି ନେଇଥିବା ସୂଚନା ମିଳିଛି। ଲୁଟ୍ ସମୟର ଦୃଶ୍ୟ ଏଟିଏମ୍‌ର ସିସିଟିଭିରେ କଏଦ ହୋଇଥିବା ବେଳେ, ଦୁର୍ବୃତ୍ତମାନେ ଏକ ଧଳା ରଙ୍ଗର କାରରେ ଆସିଥିବା ଜଣାପଡ଼ିଛି। ତେବେ ପାଖରେ ଥିବା କିଛି ସିସିଟିଭି କ୍ୟାମେରାରେ କଳା ରଙ୍ଗର ସ୍ପ୍ରେ ମାରି ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଘଟଣା ପରେ ଉମରକୋଟ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଟିଏମ୍‌ରୁ ୫ଲକ୍ଷ୍ୟ ୭୦ହଜାର ଟଙ୍କା ଲୁଟ ହୋଇଥିବା ଓ୍ୱିଭାଗ ତରଫରୁ ଜଣାପଡ଼ିଛି। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଛାନଭିନ୍ ଜୋରଦାର କରିଛି। ଉକ୍ତ ଘଟଣାରେ ଉମରକୋଟ ପୋଲିସ ୩୦୧(୪)'୩୦୫ଇ ରେ ଏକ ମାମଲା ରୁଜୁ କରିଛି।

● ନୂଆଡ଼ିହିରେ ଜଘନ୍ୟ ହତ୍ୟାକାଣ୍ଡ

## ବଡଭାଇ ଟାଙ୍ଗିଆ ଚୋଟରେ ସାନଭାଇ ମୃତ

ସୁନ୍ଦରଗଡ଼,୨୪।୭ (ସଂଚାର ବ୍ୟୁରୋ): ହେମଗିର ଥାନା ଅର୍ନ୍ତଗତ ନୂଆଡିହିରେ ଘଟିଛି ଏକ ଜଘନ୍ଯ ହତ୍ୟାକାଣ୍ଡ। ସାନଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ବଡ଼ଭାଇ। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଏ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତ ସାନଭାଇ ହେଲେ ଦେଲାଲ ପଟେଲ, ଘଟଣା ପରେ ଅଭିଯୁକ୍ତ ବଡ଼ଭାଇ ବେଦଲାଲ ପଟେଲ ଙ୍କୁ ପୁଲିସ ଗିରଫ କରିଥିବା ର ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ କୌଣସି କଥାକୁ ନେଇ ଗତ ରାତିରେ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ବଢ଼ିବା ପରେ ବଡ଼ଭାଇ ବେଦଲାଲ ଉତ୍ୟକ୍ତ ହୋଇ ଘରୁ ଟାଙ୍ଗିଆ ଆଣି ସାନ ଭାଇ ଦେଲାଲଙ୍କୁ ହାଣି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ସେଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାପାଇ ହେମଗିର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ପହଂଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ପଠେଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ମହିଳାଙ୍କ ସମେତ ୨ ଗିରଫ



ଫୁଲବାଣୀ,୨୪।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବ୍ରାଉନ ସୁଗର ମାମଲାରେ ପୁଣି ୨ ଜଣକୁ ଗିରଫ୍ କରିଛି ଟାଉନ୍ ଥାନା ପୁଲିସ। ଗିରଫ ଦୁଇ ଜଣ ହେଲେ ଖଜୁରିପଡା ଥାନା ଆର୍ ନୂଆଗାଁ ବର୍ତ୍ତମାନ ଫୁଲବାଣୀ ଅରବିନ୍ଦ ନଗରରେ ରହୁଥିବା କୁଶ ମୁଖୀର ପୁଅ ପ୍ରକାଶ ମୁଖୀ ଓ ଫୁଲବାଣୀ ସାହିର ଅରୁଣ ମହାନ୍ତିଙ୍କ ସ୍ତ୍ରୀ ସୁକାନ୍ତି ମହାନ୍ତି ବୋଲି ପୁଲିସ କହିଛି। ଏ ଦୁଇ ଜଣଙ୍କୁ ମିଶାଇ ବ୍ରାଉନ ସୁଗର ମାମଲାରେ ଗିରଫ ସଂଖ୍ୟା ୧୭ରେ ପହଞ୍ଚିଛି। ପୂର୍ବରୁ ୧୬୮/୨୬ରେ ଓ ଆଜି ୧୫୯/୨୬ରେ ମାମଲା ରୁଜୁ ହୋଇଛି । କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବ୍ରାଉନ ସୁଗର ମାମଲାର ତଦନ୍ତ କରାଯାଉଛି। ଡ୍ରଗସ ମାମଲାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ରମେନ୍ଦ୍ର ପ୍ରସାଦ କହିଛନ୍ତ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ପୋଲିସ ଡ୍ରଗସ ମାଫିଆଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ଜଣାପଡ଼ିଛି।

## ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଫୁଲବାଣୀ,୨୪।୭ (ସଂଚାର ବ୍ୟୁରୋ): ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍ସୋ କୋର୍ଟ ଅଭିଯୁକ୍ତ ଜନକ ଜାନୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପୀଡ଼ିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଡିଏଲଏସଏକୁ ନିର୍ଦ୍ଦେଶ ଦିଆଯାଇଛି। ଭିନ୍ନକ୍ଷମ ନାବାଳିକା ସୂଚନା ଅନୁଯାୟୀ, ବେଲଘର ଥାନା ଅଞ୍ଚଳର ଜନକ ଜାନୀ ୨୦୨୪ ମସିହାରେ ମାନସିକ ଭାବେ ଅସୁସ୍ଥ ଓ ବାକ୍‌ଶକ୍ତିହୀନ ଜଣେ ନାବାଳିକାଙ୍କୁ ଏକ ପରିତ୍ୟକ୍ତ ଘରକୁ ନେଇ ଦୁଷ୍କର୍ମ କରିଥିଲେ। ଘଟଣା ସମୟରେ ଦୁଇ ଜଣ ଯୁବକ ଘର ଭିତରୁ ଶବ୍ଦ ଶୁଣି ସେଠାରେ ପହଞ୍ଚି ଘଟଣା ଦେଖି ସେମାନେ ଗାଁ ଲୋକଙ୍କୁ ଏ ବିଷୟରେ ଜଣାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ପରେ ଗାଁରେ ବୈଠକ ବସିଥିଲେ ମଧ୍ୟ ସମାଧାନ ନହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ମାମଲା ରୁଜୁ କରି ଜନକ ଜାନୀଙ୍କୁ ଗିରଫ କରିଥିଲା। ଆଜି ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ମାମଲାର ଶୁଣାଣି କରି ପୀଡିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି।

# ବୋରିଗୁମ୍ମାରେ ବଢୁଛି ଚୋରି, ପୁଲିସ ନିଷ୍କ୍ରିୟ

## ସୁରକ୍ଷା ବ୍ୟବସ୍ଥା ଢିଲା, ରାତି ପାଟ୍ରୋଲିଂରେ ଅବହେଳା



ବୋରିଗୁମ୍ମା, ୨୪।୭ (ସଂଚାର ବ୍ୟୁରୋ): ବୋରିଗୁମ୍ମା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ବୋରିଗୁମ୍ମା ବ୍ଲକର ଥିବା ବିଭିନ୍ନ ମନ୍ଦିରରେ ଲୁଟେରାଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଥିବା ଓ ଲୁଟ ମଧ୍ୟ ବଢ଼ିଚାଲିଛି । ରାତି ପାହିଲେ ଚୋରି, ଲୁଟ ଓ ଛିନତାଇ ଘଟଣା ଶୁଣିବାକୁ ମିଳୁଛି। ହୁଣ୍ଡୀ ଭାଙ୍ଗିବାଠାରୁ ଆରମ୍ଭ କରି ଠାକୁରଙ୍କ ଅଳଙ୍କାର ପର୍ଯ୍ୟନ୍ତ ଲୁଟିଆ ଦଳ ଯୋଜନା ବଦ୍ଧ ଭାବେ ମନ୍ଦିରରେ କଳକନା ବୁଲାଉଛନ୍ତି। ମାତ୍ର ଅଧିକାଂଶ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା ଓ ପୁଲିସ ରାତ୍ରି କାଳୀନ ପେଟ୍ରୋଲିଂରେ ଅବହେଳା ପାଇଁ ବୋରିଗୁମ୍ମା ଅଞ୍ଚଳରେ ବଢୁଛି ଚୋରଙ୍କ ଆତଙ୍କ ଓ ଅସନ୍ତୋଷ ।

ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ବୋରିଗୁମ୍ମା ସ୍ଥିତ ପ୍ରସିଦ୍ଧ ଆରୋଧ୍ୟ ଦେବୀପୀଠ ଭୈରବ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି।ଦୁର୍ବୃତ୍ତମାନେ ୨ଟି ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି । ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ସୂଚନା ଅନୁଯାୟୀ, ଆଜି ସକାଳେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଆସିଥିବା ବେଳେ ଦାନବାକ୍ସ (ହୁଣ୍ଡି) ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ଘଟଣା ସମ୍ପର୍କରେ ମନ୍ଦିର କମିଟି ପୁଲିସକୁ ଅବଗତ କରିଥିଲେ । ଅଞ୍ଚଳରେ ମନ୍ଦିର ଚୋରି ଏବଂ ଲୁଟ୍ ଘଟଣା ଏବେ ନୂଆ ନୁହେଁ ଗତକାଲି ରାତିରେ କାମରା ସ୍ଥିତ ଡ଼ଙ୍ଗର ଦେବୀ ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା । ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବା ଓ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ ପାଇଁ ଦାବୀ ହୋଇଛି ।

## ନିଟ୍‌ରେ ମନୀଷଙ୍କ ସଫଳତା



ଯାଜପୁର ରୋଡ୍,୨୪।୭(ସଂଚାର ବ୍ୟୁରୋ): ଚଳିତ ବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୋରେଇ ବ୍ଲକ କାଚରାସାହି ପଂଚାୟତ ତାଳଗଡିଆ ଗ୍ରାମର ଅଧ୍ୟାପକ ମଳୟ କୁମାର ମଲ୍ଲିକ ଓ ସାମ୍ବାଦିକା ରଶ୍ମିରେଖା ମଲ୍ଲିକଙ୍କ ସୁପୁତ୍ର ମନିସ ରଞ୍ଜନ ମଲ୍ଲିକ ୫୬୪ନମ୍ବର ରଖି କୃତିତ୍ୱ ଅର୍ଜନ କରିବା ସହିତ କୋରେଇ ବ୍ଲକ ଓ ଶିକ୍ଷାଦାନ କରିଥିବା ପ୍ରୟାସ କୋଚିଂ କେନ୍ଦ୍ର ପାଇଁ ଗର୍ବ ଓ ଗୌରବ ଆଣିଥିବା ପିତାମାତା କହିଥିଲେ। ମନିସ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଥମେ ତାଙ୍କ ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ, ଗୁରୁଜନ, ମାମୁଁମାଇଁ, ଅଜାଆଇ ଓ ଜେଜ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଦେଇଥିବା ନେଇ କହିଥିଲେ । ନିଜରର ଅକ୍ଳାନ୍ତ ପରିଶ୍ରମ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ଗୁଣାତ୍ମକ ଶିକ୍ଷାଦାନ ଓ ଗୁରୁଜନଙ୍କ ଆଶୀର୍ବାଦ ପାଇଁ ସେ ଆଜି ଏହି ଡାକ୍ତରୀ ପାଇବାର ସଫଳତା ହାସଲ କରିଥିବା ସୂଚନା ଦେଇଥିଲେ। ମନିସର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ସୁଟିଛି।

## ରେଳ ଫାଟକ ପାଖରେ ପଚୁଛି ଷଣ୍ଢର ମୃତଦେହ

### ଦୁର୍ଗନ୍ଧରେ ଅତିଷ୍ଠ ସ୍ଥାନୀୟ ବାସିନ୍ଦା

### ଅଭିଯୋଗ ପରେ ବି ନିଦ୍ରାରେ ରେଳ ବିଭାଗ



ସତ୍ୟବାଦୀ, ୨୪।୭ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ବଜାର ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ଘଟିଥିଲେ ମଧ୍ୟ ଘଟଣାର କିଛି ଦିନ ବିତିଯାଇଥିଲେ ସୁଦ୍ଧା ରେଳ ବିଭାଗ ପକ୍ଷରୁ ମୃତଦେହକୁ ଅପସାରଣ କରାଯାଇନାହିଁ। ଫଳରେ ମୃତଦେହଟି ପଚିଯାଇ ସମଗ୍ର ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଦୁର୍ଗନ୍ଧ ଯୋଗୁଁ ରେଳ ଫାଟକ ନିକଟରେ ଥିବା ଜଳଖିଆ ଦୋକାନୀମାନେ ବ୍ୟବସାୟ କରିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଦୁର୍ଗନ୍ଧ ଯୋଗୁଁ ଅତିଷ୍ଠ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ରେଳ ଫାଟକ ବନ୍ଦ ହେବା ସମୟରେ ଅପେକ୍ଷାରତ ଯାତ୍ରୀମାନେ ନାକରେ ହାତ ଦେଇ ଠିଆ ହେବାକୁ ବାଧ୍ୟ ହେଉଛନ୍ତି।

ଏନେଇ ସ୍ଥାନୀୟ ଦୋକାନୀ ଭ୍ରମରବର ସ୍ୱାଇଁ, ସମନୀ ସାହୁ, ଚିନ୍ମୟୀ ରଥ ଓ ଉତ୍ତମ ଗୁରୁ ପ୍ରମୁଖ ସାକ୍ଷୀଗୋପାଳ ଷ୍ଟେସନ ମାଷ୍ଟରଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ରେଳ ବିଭାଗର ଉଦାସୀନ ମନୋଭାବ ପ୍ରତି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

ତେବେ ଶୀଘ୍ର ମୃତଦେହ ଅପସାରଣ କରି ସ୍ଥାନଟିକୁ ପରିଷ୍କାର କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ରେଳ ବିଭାଗ ନିକଟରେ ଦାବି କରିଛନ୍ତି।

## ଏସ୍‌ଆଇଆର୍ ଅଗ୍ରଗତିର ସମୀକ୍ଷା କଲେ ଅତିରିକ୍ତ ସଚିବ

ସୁନ୍ଦରଗଡ଼, ୨୪।୭ (ସଂଚାର ବ୍ୟୁରୋ): ଶୁକ୍ରବାର ଗୃହ (ନିର୍ବାଚନ) ବିଭାଗ, ଓଡ଼ିଶାର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ସଞ୍ଜୟ ଲୁଗୁନ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ସେହିଭଳି ଟାଙ୍ଗରପାଲି ଏବଂ ଲେଫ୍ରିପଡ଼ା ବ୍ଲକ ଗସ୍ତ କରି ଏସ ଆଇ ଆର୍ ପ୍ରକ୍ରିୟାର ଆପତ୍ତି, ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ କରିଥିଲେ। ସେ ଶିବିରରେ ଆପତ୍ତି ଗ୍ରହଣ, ଶୁଣାଣି ଓ ଆବେଦନର ନିଷ୍ପତ୍ତି ପ୍ରକ୍ରିୟାର ଅନୁଧ୍ୟାନ କରିବା ସହ ସ୍ୱଚ୍ଛ, ନିରପେକ୍ଷ ଓ ସମୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ସମ୍ମିଳନୀ କକ୍ଷ ଠାରେ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ଏସ ଆଇ ଆର୍ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ବିଏଲଓ ମାନେ ନିଜ ନିଜର ଅନୁଭୂତି ବାଣ୍ଟି ଥିଲେ।



## ଏସ୍‌ଆଇଆର୍ ଜନଶୁଣାଣି ଶିବିର




କୋରାପୁଟ, ୨୪।୭ (ସଂଚାର ବ୍ୟୁରୋ): କୋରାପୁଟ ପୌର ପରିଷଦ ସଭାଗୃହ ଠାରେ ଆୟୋଜିତ ଏସଆଇଆର(ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ)ଜନ ଶୁଣାଣୀରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ୫ ଜଣଙ୍କ ଅଭିଯୋଗ ଶୁଣାଣୀ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ମୁନସିପାଲଟି ଇଞ୍ଜିନିୟର ମନୋଜ କୁମାର ପାତ୍ର,କାର୍ଯ୍ୟାଳୟର ସୀମାଞ୍ଚଳ ପଢ଼ିହାରୀ, ଉମେଶ ଚନ୍ଦ୍ର ବେହେରାଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଏବଂ ବିଏଲଓ ମାନେ ଉପସ୍ଥିତ ଥିଲେ।କୋରାପୁଟ ପୌର ପରିଷଦରେ ସମୁଦାୟ ୧୪୬୩ ଜଣ ଆପତ୍ତି ଅଭିଯୋଗ ଦାଖଲ କରିଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରାୟ ୯୦୦ ଆପତ୍ତି ଅଭିଯୋଗର ଶୁଣାଣୀ ଶେଷ ହୋଇଥିବା କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ଯୁବ ମାନସିକତା ଓ ଦୃଢ଼ମନା ଯୁବ ସମାଜ ବିଷୟବସ୍ତୁକୁ ନେଇ ସୋଆରେ କର୍ମଶାଳା




ଭୁବନେଶ୍ୱର, ୨୪।୭ (ସଂଚାର ବ୍ୟୁରୋ): ଯୁବ ସମାଜର ମାନସିକ ସ୍ୱାସ୍ଥ୍ୟ, ଭାବନା ଓ ମାନସିକ ଚାପ, ଜୀବନଶୈଳୀ, ଡିଜିଟାଲ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗକୁ ନେଇ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ ନଅ ଦିନିଆ କର୍ମଶାଳା ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି।

'ଯୁବ ମାନସିକତା, ଦୃଢ଼ମନା ଯୁବପିଢ଼ି, ଉଜ୍ଜ୍ୱଳ ଭବିଷ୍ୟତ' ପ୍ରସଙ୍ଗକୁ ନେଇ ଆୟୋଜିତ କର୍ମଶାଳାର ଶୀର୍ଷକ ରହିଥିଲା "ଯୁବ ସମାଜକୁ ଦୃଢ଼ିଭୂତ କରିବା: ସାମଗ୍ରିକ ସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା"। ଏହି କର୍ମଶାଳାରେ ଅନୁଭୂତି ଭିତିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଅସ୍ୱାସ୍ଥ୍ୟକର ଭାବନାତ୍ମକ ଆଚରଣ ଉପରେ ସିମ୍ୟୁଲେସନ୍, ଦୃଢ଼ତା ଏବଂ ସୁସ୍ଥ ମୁକାବିଲା କୌଶଳ ସମ୍ପର୍କିତ ବିଭିନ୍ନ ଆଲୋଚନା ଆୟୋଜିତ ହୋଇଥିଲା।

କର୍ମଶାଳାରେ କିଶୋରାବସ୍ଥାର ମାନସିକ ସ୍ୱାସ୍ଥ୍ୟ, ଭାବନା ଓ ମାନସିକ ଚାପ, ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ, ଜୀବନ କୌଶଳ, ସମସ୍ୟା ସମାଧାନ କ୍ଷମତା, ଡିଜିଟାଲ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା, ଦୃଢ଼ତା ଓ ସୁସ୍ଥ ମୁକାବିଲା କୌଶଳ ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଅଂଶଗ୍ରହଣକାରୀମାନେ ଇମୋସନାଲ ହ୍ୱିଲ୍, ଷ୍ଟ୍ରେସ୍ ବେଲୁନ୍, ରେଜିଲିଏନ୍ସ ଟ୍ରି ଆଣ୍ଡ ଭିଜନ୍ ବୋର୍ଡ ଭଳି ଅଭିନବ କାର୍ଯ୍ୟକଳାପରେ ଉତ୍ସାହର ସହ ଭାଗ ନେଇ ନିଜର ଭାବନାକୁ ଚିହ୍ନଟ କରିବା, ମାନସିକ ଚାପ ପରିଚାଳନା, ବ୍ୟକ୍ତିଗତ ସାମର୍ଥ୍ୟର ବିକାଶ, ସହଯୋଗୀ ବ୍ୟବସ୍ଥା ଗଢ଼ି ତୋଳିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଆଧ୍ୟାତ୍ମିକତା, ଭାବନାତ୍ମକ ସୁସ୍ଥତା, ବ୍ୟକ୍ତିଗତ ବିକାଶ, କ୍ୟାରିୟର ଓ ପରିବାର କ୍ଷେତ୍ରରେ ଭବିଷ୍ୟତ ଲକ୍ଷ୍ୟ ସ୍ଥିର କରିବା ସମ୍ପର୍କରେ ଶିକ୍ଷାଲାଭ କରିଥିଲେ। ଏହାଛଡ଼ା କେସ୍ ଷ୍ଟଡି, ପୁସ୍ତକ, ଜର୍ଣ୍ଣାଲ, ପୋଷ୍ଟର ଓ ଖବରକାଗଜର ପ୍ରବନ୍ଧ ମାଧ୍ୟମରେ ଆଲୋଚନାକୁ ଅଧିକ ସମୃଦ୍ଧ କରାଯାଇଥିଲା।

କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଅତିରିକ୍ତ ଡିନ୍ ପ୍ରଫେସର ତପତୀ ସାହା ଏବଂ ସହଯୋଗୀ ପ୍ରଫେସର ଦେବଜାନୀ ନାୟକ ଉପସ୍ଥିତ ଥିଲେ।

ବୈଜ୍ଞାନିକ ଅଧିବେଶନରେ ସହଯୋଗୀ ପ୍ରଫେସର ସୁଚିସ୍ମିତା ପାହାନ୍ତା ସିଂହ, ଡା. ଅମିୟ କୃଷ୍ଣ ପଣ୍ଡା, ଡା. ରିୟା ଶେଟ୍ଟୀ, ଡା. କୀର୍ତ୍ତି ଅନୁରାଗ, ଡା. ଶୁଭେନ୍ଦୁ ନାରାୟଣ ମିଶ୍ର, ଡା. ହିରଣ୍ମୟ ମହାପାତ୍ର, ରୀତା ରାଣୀ ନାୟକ ଏବଂ ଶେଫାଳୀ ମହାରଣା ବିଶେଷଜ୍ଞ ଭାବେ ଅଧିବେଶନ ପରିଚାଳନା କରିଥିଲେ।

## ବାଘ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୨୪।୭ (ସଂଚାର ବ୍ୟୁରୋ): କୁଳଡିହା ଅଭୟାରଣ୍ୟରେ ବାଘ ଆକ୍ରମଣରେ ଜଣେ ଯୁବକ ଗୁରୁତର। ସୂଚନା ମୁତାବକ ବରହମପୁର ଥାନା କେସିପୁର ପଞ୍ଚାୟତ ବାଲିଆନାଳ ନଟାପଡା ଗ୍ରାମର ନାରଣ ସିଂଙ୍କ ପୁଅ ସୁନୀଲ କୁମାର ସିଂ (୨୬) ଚାଷକାର୍ଯ୍ୟ ପାଇଁ ହଳଲଙ୍ଗଳ ନେଇ ନିକଟସ୍ଥ ବିଲକୁ ଯାଇଥିଲେ। ତେବେ ହଳଫିଟାଇ ବଳଦଗୁଡ଼ିକ ଛାଡ଼ିଦେଇ ଖାଇ ବସିଥିଲେ। ବଳଦ ଗୁଡ଼ିକ ଚରିଚରି ଜଙ୍ଗଲ ମଧ୍ୟକୁ ପଶିଯାଇଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨.୩୦ଟା ସମୟରେ ସୁନୀଲ ବଳଦ ଖୋଜିବାକୁ ଜଙ୍ଗଲ ମଧ୍ୟକୁ ଯାଇଥିବା ବେଳେ ହଠାତ୍ ଏକ ବାଘ ସୁନୀଲକୁ ଆକ୍ରମଣ କରିଥିଲା।

କିଛି ସମୟ ପାଇଁ ଉଭୟ ବାଘ ଏବଂ ସୁନୀଲ ମଧ୍ୟରେ ଖଣ୍ଡଯୁଦ୍ଧ ଚାଲିଥିଲା। ପାଖରେ ଚାଷକାମରେ ଲିପ୍ତଥିବା ଚାଷୀମାନେ ବାଘର ଗର୍ଜନ ସହିତ ସୁନୀଲର ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଲୋକମାନଙ୍କୁ ଦେଖି ବାଘ ପଳାଇ ଯାଇଥିଲା । ସ୍ଥାନୀୟଲୋକେ ସୁନୀଲକୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ନୀଳଗିରି ହସ୍ପିଟାଲ ଆଣିଥିଲେ। ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ଆଉଟଡୋର ଟିକେଟରେ ଆଶୁଚିକିତ୍ସା କରି ଅବସ୍ଥା ଗୁରୁତର ଥିବାରୁ ରେମୁଣା ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରିଦେଇଥିବା ବେଳେ



ଦେଢ଼ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହସ୍ପିଟାଲ ପରିସରରେ ସୁନୀଲ ପଡିରହିଥିଲେ। ରେଫର କରିବା ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସାଲାଇନ୍ ଦିଆଯାଇ ଥିବା ଦେଖିବାକୁ ମିଳିଥିଲା।

# ମରାମତି ହେଲାନି ସହରର ମୁଖ୍ୟ ପ୍ରବେଶ ପଥ

ନୀଳଗିରି,୨୪।୭ (ସଂଚାର ବ୍ୟୁରୋ): ନୀଳଗିରି ସହରର ମୁଖ୍ୟ ପ୍ରବେଶ ପଥ ତଥା ବିଜୁ ପଟ୍ଟନାୟକ ଛକ ନିକଟରେ ୪ଦିଗକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ କାର୍ଯ୍ୟ ହୋଇ ପାରିଲା ନାହିଁ। ଶେରଗଡ଼- ନୀଳଗିରି -ଝରଣଘାଟି (ଏସଏନଜେ) ୧୯ ନଂ ରାଜ୍ୟ ରାଜପଥର ନୀଳଗିରି ବାଇପାସ ଛକ ଠାରେ ରାସ୍ତା ଓ ନୀଳଗିରି ସହରକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥର ରାସ୍ତା ଖାଲ ଖମାରେ ପୂର୍ଣ୍ଣ ଏବଂ ବର୍ଷା ହେଲେ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି, ଯାତାୟାତ କରିବା ବିପଦଜନକ ହୋଇ ପଡିଛି। ଏହି ରାସ୍ତା ରାଜ୍ୟ ସରକାରଙ୍କ ବାଲେଶ୍ୱର ପୂର୍ତ୍ତ ବିଭାଗ-୧ ଦାୟିତ୍ୱରେ ଥିବାବେଳେ ଏହି ବାଇପାସ ଛକ ରାସ୍ତା ଦେଇ ସାଳନ୍ଦୀ କେନାଲ ଡିଭିଜନ, ଆନନ୍ଦପୁର ବ୍ୟାରେଜ ପକ୍ଷରୁ ନିର୍ମିତ ହେଉଥିବା ନଦୀ ସଂଯୋଗୀକରଣ ଯୋଜନାରେ, ନୀଳଗିରି ସହର ମଧ୍ୟଦେଇ ଯାଉଥିବା କେନାଲ ପାଇଁ ନୀଳଗିରି ବାଇପାସ୍‌ସ୍ଥିତ ରାସ୍ତା ରହିଥିଲା। କେନାଲ ସଂସ୍ଥା କେନାଲ କାର୍ଯ୍ୟ ସାରିବା ପରେ ରାସ୍ତା କାର୍ଯ୍ୟକୁ ଶେଷ କରି ନାହାଁନ୍ତି ।

ନୀଳଗିରି ଦେଇ ଯାଇଥିବା ବାଇପାସ ଛକ ରସ୍ତା ମଧ୍ୟ ମୟୂରଭଞ୍ଜକୁ ସଂଯୋଗ ହେବାରେ ମୁଖ୍ୟ ରାସ୍ତା ହୋଇଥିବା ବେଳେଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପଞ୍ଚଲିଙ୍ଗେଶ୍ୱର, ଜଗନ୍ନାଥ ମନ୍ଦିର, ଭୁଦାର ଚଣ୍ଡୀ, କୁଲ ଡିଆ ଅଭୟାରଣ୍ୟ, ମାରିଚି ମନ୍ଦିର, ଋଷିଆ ଡ୍ୟାମ, ଓଡ଼ିଶାର ୨ୟବୃହତ୍ତମ ମଧୁର ଜଳ ହ୍ରଦ, ବ୍ଲୁ ଲେଗ, ଇମାମି ଜଗନ୍ନାଥ ଓ ଗୋପୀନାଥ ମନ୍ଦିରକୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଏହି ରାସ୍ତାରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏହା ସହ ଦୈନିକ ଭକ୍ତ




## ଖାଲଖମା ଯୋଗୁଁ ରାସ୍ତା ପାଲଟିଛି ମରଣଯନ୍ତା

ରାସ୍ତାରେ ପଥଚାରୀ, ଯାତ୍ରୀବାହୀ ଓ ସ୍କୁଲ ବସ ଏବଂ ଶହ ଶହ ଭାରୀଯାନ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବାଇପାସ ଛକରୁ ନୀଳଗିରି ସହରର ମୁଖ୍ୟ ପ୍ରବେଶ ପଥକୁ ସଂଯୋଗ କରିଛି। ସହରର ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ପ୍ରତ୍ୟେକ ଦିନ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତାଦେଇ ଯାତାୟାତ କରୁଛନ୍ତି। ହେଲେ ରାସ୍ତାର ଅବସ୍ଥା ପ୍ରତି କେହି ନଜର ନଦେବା ସମସ୍ତଙ୍କୁ ଚକିତ କରିବା ସହ ଜନଅସନ୍ତୋଷ ବଢ଼ି ଚାଲିଛି।

ପ୍ରଶାସନ ରଥଯାତ୍ରା ପୂର୍ବରୁ ଏହି ନୀଳଗିରି ବାଇପାସ ଛକର ରାସ୍ତା କାମ ସାରିଦେବ ବୋଲି ରଥଯାତ୍ରା ପୂର୍ବରୁ ବୈଠକରେ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ମରାମତି କରାଯାଇ ନାହିଁ।

## କୁଡୁତୁଲି ବନ୍ଧରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଫୁଲବାଣୀ, ୨୪।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ କୁଡୁତୁଲି ଗ୍ରାମ ମଝି ସାହିର ହରି ସିଂ ପାତ୍ର (୬୨) ଆଜି ବନ୍ଧକୁ ଗାଧେଇ ଯାଇ ଆଉ ଫେରି ନଥିଲା। ତେବେ ଉକ୍ତ ବୃଦ୍ଧଙ୍କର କେହି ନଥିବାରୁ ଫେରିବାର ଜଣା ପଡ଼ିନଥିଲା। ଅପରାହ୍ନରେ ବନ୍ଧରେ ଶବ ଭାସୁଥିବା ଦେଖି ଗ୍ରାମବାସୀ ପକ୍ଷରୁ ସରପଞ୍ଚ ଓ ଭାରପ୍ରାପ୍ତ ଥାନା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ସାରଙ୍ଗଗଡ଼ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। କ.ନୂଆଗାଁ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଆଜି ରାତ୍ରି ହୋଇ ଯାଇଥିବାରୁ ଆସନ୍ତକାଲି ଶବ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ମହିଳା ଆରଆଇ



ଡେରାବିଶ, ୨୪ାଠ୭- ଡେରାବିଶ ତହସିଲ ଅଧୀନ କାଉପଡ଼ା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକା ସାଇ ପ୍ରିୟଦର୍ଶିନୀ ଲେଙ୍କା ଆଜି ଜନୈକ ବ୍ୟକ୍ତିଙ୍କ ମ୍ୟୁଟେସନ୍ କରି ତାଙ୍କ ନାମରେ ପଟ୍ଟା ପ୍ରଦାନ କରିବା ନିମନ୍ତେ ଲାଞ୍ଚ ନେବା ଅଭିଯୋଗରେ କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ କାଉପଡ଼ା ପଞ୍ଚାୟତ ବାଘିଲୋ ବାବନପୁର ଗ୍ରାମର ସୁଶାନ୍ତ ମଲିକ ନାମକ ଜଣେ ବ୍ୟକ୍ତିଙ୍କ ଜମିଜମାର ମ୍ୟୁଟେସନ୍ କରିବା ପାଇଁ ଆରଆଇ ଶ୍ରୀମତୀ ଲେଙ୍କା ୬୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଏତେ ଟଙ୍କା ଦେବାକୁ ସୁଶାନ୍ତ ଅକ୍ଷମ ହେବାରୁ ଶ୍ରୀମତୀ ଲେଙ୍କା କୁଆଡ଼େ ୫୫୦୦ ଟଙ୍କା ଦେବାକୁ ଜିଦ୍ ଧରିଥିଲେ। ଏଥିରେ ହତୋତ୍ସାହ ହୋଇ ସୁଶାନ୍ତ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ତେବେ ଆଜି ପୂର୍ବାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୁଶନ୍ତଙ୍କ ଠାରୁ ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ଲେଙ୍କା ୫୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ସମୟରେ କାଉପଡ଼ା ରାଜସ୍ୱ ସର୍କଲ କାର୍ଯ୍ୟାଳୟ ସମେତ ଶ୍ରୀମତୀ ଲେଙ୍କାଙ୍କ ଦୁହୁରିଆ ସ୍ଥିତ ବାସଭବନ ଓ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ହେପାଜତକୁ ନେଇଥିଲେ। ଏହି ଚଢ଼ାଉରେ କଟକ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ୨୭/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି।

### ୧୧ କେଭି ତାର ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ଘଟଣା

# ଶକ୍ତି ସଚିବ, ଜିଲ୍ଲାପାଳ ଓ ଏସପିଙ୍କୁ ନୋଟିସ୍



ଥୁଆମୂଳ ରାମପୁର,୨୪ା୭(ସଂଚାର ବ୍ୟୁରୋ): ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାରର ଚରମ ଅବହେଳା ଯୋଗୁ ଝୁଲନ୍ତା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜନୈକା ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)। କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍ ମାଲିଗାଁ ପଞ୍ଚାୟତ ଅନ୍ତର୍ଗତ ଡି. ଚେପଟାଘାଟ ଗ୍ରାମରେ ଘଟିଥିବା ଏହି ଦୁଃଖଦ ଅଘଟଣରେ କମିଶନ୍ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ, କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ଏସ୍ପିଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ସେମାନଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଦାଖଲ କରିବା ସକାଶେ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୨୦୨୫ ଅକ୍ଟୋବର ୧୫ ତାରିଖ ଅପରାହ୍ନ ପ୍ରାୟ ୨ଟା ସମୟରେ ଡି. ଚେପଟାଘାଟ ଗ୍ରାମର କୁମ ଝୋଡ଼ିଆଙ୍କ ସ୍ତ୍ରୀ ଗୁରୁବାରୀ ଝୋଡ଼ିଆ (୪୫) ତାଙ୍କ ବାଡ଼ିରେ ଥିବା ଅମୃତଭଣ୍ଡା ଗଛରୁ ବାଡ଼ି ସାହାଯ୍ୟରେ ଅମୃତଭଣ୍ଡା ତୋଳୁଥିଲେ। ତେବେ ଏହି ସମୟରେ ଅଜାଣତରେ




ସେଠାରେ ଅତ୍ୟନ୍ତ କମ୍ ଉଚ୍ଚତାରେ ଝୁଲୁଥିବା ଅସୁରକ୍ଷିତ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ହିଁ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ଓ ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥୁଆମୂଳ ରାମପୁର ଥାନାରେ ଏକ ମାମଲା (ନଂ.୮/୨୦୨୫) ରୁଜୁ କରାଯାଇଥିଲା। ଗ୍ରାମବାସୀଙ୍କ କହିବାନୁଯାୟୀ, ଗ୍ରାମ ଓ ଜନବସତି ନିକଟରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରଗୁଡ଼ିକ ବିପଜ୍ଜନକ ଭାବେ ଝୁଲି ରହିଥିବା ନେଇ ପୂର୍ବରୁ ବାରମ୍ବାର ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ନିୟମାନୁସାରେ ଜନବସତି ଅଞ୍ଚଳରେ ଇନ୍ସୁ୍ୟଲେଟେଡ୍ ତାର ଲଗାଇବା କଥା, ମାତ୍ର ବିଭାଗ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏହି ଚରମ ଅବହେଳା ଯୋଗୁଁ ନିରୀହ ଗୁରୁବାରୀଙ୍କ ପ୍ରାଣ ଚାଲିଗଲା, ଯାହା ସ୍ପଷ୍ଟ ଭାବେ ମାନବାଧିକାରର ଉଲ୍ଲଂଘନ। ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ପୀଡ଼ିତ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହ ଅବହେଳା ପ୍ରଦର୍ଶନ କରିଥିବା ସମ୍ପୃକ୍ତ ବିଦ୍ୟୁତ୍ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଫୌଜଦାରୀ ମକଦମା ଚଳାଇବାକୁ ଦାବି କରିଥିଲେ। ମାନବାଧିକାର ସୁରକ୍ଷା ଆଇନ୍, ୧୯୯୩ର ଧାରା-୧୨ ଅନୁଯାୟୀ କମିଶନଙ୍କ ସଦସ୍ୟ ପ୍ରିୟଙ୍କ କାନୁନଗୋଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲା କେଶ୍ ନମ୍ବର ୧୯୮୧/୧୮/୨୦୨୫ର ଶୁଣାଣି କରିବା ସହ ଉପରୋକ୍ତ ପକ୍ଷଙ୍କଠାରୁ ଜବାବ ତଲବ କରିଛନ୍ତି।

## ଆୟୁର୍ବେଦିକ ମସାଜ୍ ସେଣ୍ଟର ଉପରେ ଚଢ଼ାଉ, ଦମ୍ପତି ଗିରଫ




ଭୁବନେଶ୍ୱର,୨୪ା୭ (ସଂଚାର ବ୍ୟୁରୋ) : ରାଜଧାନୀରେ ଆୟୁର୍ବେଦିକ ମସାଜ୍ ସେଣ୍ଟରରେ ଅନୈତିକ କାର୍ଯ୍ୟ ଘଟଣାରେ ଦୁଇ ଜଣଙ୍କୁ ଗିରଫ କଲା ଚନ୍ଦ୍ରଶେଖପୁର ଥାନା ପୁଲିସ। ଦୁଇ ଗିରଫ ହେଲେ ଦୀପକ ଦାସ ଓ ତାଙ୍କ ଦ୍ୱିତୀୟ ପତ୍ନୀ। ଏହି ଦମ୍ପତି ନିଳାଦ୍ରୀ ବିହାର ବୁଦ୍ଧ ପାର୍କ ନିକଟରେ ଚଳାଇଥିଲେ ଗୋଲକ ଧନ୍ଦା। ସୂଚନାଥାଉକି, ଚାକିରି ଯୋଗାଇଦେବା ବାହାନାରେ ଜଣେ ଯୁବତୀଙ୍କୁ ଏକ ଆୟୁର୍ବେଦିକ ସେଣ୍ଟରକୁ ଡକାଯାଇଥିଲା। ସେଠାରେ ପହଞ୍ଚିବା ପରେ ତାଙ୍କୁ ଜୋରଜବରଦସ୍ତ ଅନୈତିକ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ପୀଡ଼ିତା ଯୁବତୀଜଣକ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ସମ୍ପୃକ୍ତ ଆୟୁର୍ବେଦିକ ସେଣ୍ଟରରେ ଚଢ଼ାଉ କରିଥିଲା। ରେଡ୍ ସମୟରେ ସେଠାରୁ ଜଣେ ଗ୍ରାହକଙ୍କୁ ଅଟକ ରଖାଯିବା ସହ ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

## ଡକାୟତି ଯୋଜନା ପଣ୍ଡ: ୭ ଗିରଫ



ଭବାନୀପାଟଣା,୨୪ା୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଏକ ବଡ଼ ଧରଣର ଡକାୟତି ଯୋଜନାକୁ ଭବାନୀପାଟଣା ସଦର ପୁଲିସ ପଣ୍ଡ କରିଛି। ଡକାୟତି ପାଇଁ ଏକାଠି ହୋଇଥିବା ୭ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ଭବାନୀପାଟଣା ହିଲ ଟାଉନର ପାର୍ଥ ସୁନାନୀ, ସୁଦର୍ଶନ ସୁନାନି, ବିବେକ ତ୍ରିପାଠୀ, ବଡ଼ପଡ଼ାର କୁନାଲ ନାଏକ, ରୋହିତ କୁମାର ସ୍ୱାଇଁ, ନିରଜ୍ ଖମାରୀ ଓ ଅଟାଙ୍ଗଗୁଡ଼ାର ସୁରେନ୍ଦ୍ର ଗୌଡ଼। ଅଭିଯୁକ୍ତମାନଙ୍କଠାରୁ ପୁଲିସ ଏକ ସ୍କର୍ପିଓ, ଗୋଟିଏ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ୧୫ଟି ମୋବାଇଲ, ନଗଦ ୫ ହଜାର ଟଙ୍କା ସହ ଛୁରୀ, କାଠ ଲାଠି ଭଳି ମାରଣାସ୍ତ୍ର ଜବତ କରାଯାଇଛି। ଗତ ବୁଧବାର ଅପରାହ୍ନରେ ଜିଲ୍ଲାର ପାଷ୍ଟିକୁଡ଼ି ନିକଟ ଦେଗାଡ଼ି ନାଲ ଅଞ୍ଚଳରେ ଡକାୟତି ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ସଦର ପୁଲିସ ଖବର ପାଇଥିଲା। ଏହାପରେ ପୁଲିସ ଚଢ଼ାଉ କରି ୭ ଜଣଙ୍କୁ କାବୁ କରିଥିଲା। ଏନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା କେସ୍ ନମ୍ବର (୩୧୪/୨୬) ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଶିମିଳିପାଳରୁ ୪ ଶିକାରୀ ଗିରଫ

● ଦୁଇ ହାତ ତିଆରି ବନ୍ଧୁକ ଓ ବାରୁଦ ଜବତ



ବାରିପଦା,୨୪ା୭(ସଂଚାର ବ୍ୟୁରୋ): ଶିମିଳିପାଳ ଅଭୟାରଣ୍ୟରୁ ୪ ଜଣ ଶିକାରୀ ଗିରଫ। ହାତ ତିଆରି ବନ୍ଧୁକ ଓ ବାରୁଦ ଜବତ। ଶିମିଳିପାଳ ଜଙ୍ଗଲରେ ଶିକାର ପାଇଁ ବେଆଇନ ଭାବେ ପ୍ରବେଶ କରୁଥିବା ବେଳେ ୪ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରି ଜେଲ ପଠାଇଛି। ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ ଏବଂ ବନ ବିଭାଗର ମିଳିତ ଚଢ଼ାଉ ଦ୍ୱାରା ଏହି ସଫଳତା ମିଳିଛି। ଏଆଇ କ୍ୟାମେରାରୁ ମିଳିଲା ସୁରାକ୍। ଶିକାରୀମାନେ ପ୍ରବେଶ କରୁଥିବା ସମୟରେ ଜଙ୍ଗଲରେ ଲଗାଯାଇଥିବା ଏଆଇ ଟ୍ରେଲଗାର୍ଡ କ୍ୟାମେରାରେ ସେମାନଙ୍କ ଫଟୋ କଏଦ ହୋଇଥିଲା। କ୍ୟାମେରା ଆଲର୍ଟ ମିଳିବା କ୍ଷଣି ବନ ବିଭାଗର ସ୍କ୍ୱାଡ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ୪ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଗିରଫ ଶିକାରୀମାନଙ୍କ ନିକଟରୁ ୨ଟି ହାତତିଆରି ବନ୍ଧୁକ ଓ ବାରୁଦ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।

## ଗଞ୍ଜେଇ ଚୋରା ଚାଲାଣରେ ୪ କୋଟିର ସମ୍ପତ୍ତି ବାଜ୍ୟାପ୍ତି, ୯ ଗିରଫ




ଫୁଲବାଣୀ,୨୪ା୭(ସଂଚାର ବ୍ୟୁରୋ): କନ୍ଧମାଳ ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ବହୁଚର୍ଚ୍ଚିତ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବିଶାଖାପାଟଣାରୁ ମୁଖ୍ୟ ଅଭିଯୁକ୍ତ ରୂପେଶ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏହି ଗିରଫଦାରୀ ପରେ ନିଶା କାରବାର ସିଣ୍ଡିକେଟ୍ରେ ମୋଟ ଗିରଫ ସଂଖ୍ୟା ୯ରେ ପହଞ୍ଚିଛି। କନ୍ଧମାଳ ପୁଲିସର ସ୍ୱତନ୍ତ୍ର ଟିମ୍ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଚଢ଼ାଉ କରି ରୂପେଶଙ୍କୁ ଗିରଫ କରିଛି। ଏନେଇ ପୁଲିସ କହିଛି ଯେ ରୂପେଶ ହେଉଛନ୍ତି ନାର୍କୋଟିକ୍ସ ମାଫିଆ ଦିଲୀପ କୁମାର ଗୌଡ଼ାଙ୍କ ଘନିଷ୍ଠ ସହଯୋଗୀ ଓ ସମଗ୍ର ବ୍ୟାବସାୟିକ କାରବାରର ପରିଚାଳକ। ତଦନ୍ତରୁ ଜଣାପଡ଼ିଛି ଯେ ରୂପେଶଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଓ ଯାନବାହନ ବ୍ୟବହାର କରି ବାଣିଜ୍ୟିକ ପରିମାଣରେ ଗଞ୍ଜେଇ ପରିବହନ କରାଯାଉଥିଲା। ଏହି ମାମଲା ବାଲିଗୁଡ଼ା ଥାନା କେସ୍ ନମ୍ବର ୧୦୪/୨୦୨୫ ସହ ଜଡ଼ିତ। ଗତ ବର୍ଷ ଏକ ବୋଲେରୋରୁ ପ୍ରାୟ ୯୧ କିଗ୍ରା ଗଞ୍ଜେଇ ଜବତ କରାଯିବା ସହ ଦିଲୀପଙ୍କୁ ଗିରଫ କରାଯାଇଥିଲା। ପୁଲିସର ସୂଚନାନୁସାରେ, ଏହି ଚକ୍ର ରାଜ୍ୟ ସୀମା ଦେଇ ବିପୁଳ ପରିମାଣର ନିଶାଦ୍ରବ୍ୟ ପରିବହନ ପାଇଁ ସଂଶୋଧିତ ଭାରୀ ଯାନ ବ୍ୟବହାର କରୁଥିଲା।

### ● ପୁଞ୍ଜିନିବେଶ ନାଁରେ କୋଟି କୋଟି ଟଙ୍କା ଠକେଇ ମାମଲା

## ଅଭିଯୋଗକାରୀଙ୍କ ପରିବାରକୁ ହତ୍ୟା ଧମକ

ଭୁବନେଶ୍ୱର,୨୪ା୭(ସଂଚାର ବ୍ୟୁରୋ): କୋଟି କୋଟି ଟଙ୍କା ଠକେଇ କରିଥିବା ଲୁମେକ୍ସ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ର ଅଭିଯୋଗକାରୀଙ୍କୁ ପୁଲିସ ସୁରକ୍ଷା ଦେବା ପାଇଁ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) କମିଶନରେଟ୍ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଠକେଇ ସଂସ୍ଥାର ମୁଖ୍ୟ ରାଜୀବ ଲୋଚନ ଦାସ ଓ ତାଙ୍କ ପତ୍ନୀଙ୍କୁ ଜାମିନ ମିଳିବାରେ ସହଯୋଗ କରିବା ସହ ତାଙ୍କ ବିରୋଧରେ କୋର୍ଟରେ ପ୍ରମାଣ ନ ଦେବା ପାଇଁ ଅଭିଯୋଗକାରୀ ଓ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଥିବାରୁ ମାମଲା ଏନଏଚଆରସିରେ ପହଞ୍ଚିଛି। ଅଭିଯୋଗକାରୀଙ୍କ ଦୁଇ ନାବାଳିକା ଝିଅଙ୍କୁ ଏସିଡ୍ ପକାଇଦେବାର ଧମକ ମିଳିଥିବାରୁ ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ (ଏନସିପିସିଆର)ରେ ମଧ୍ୟ ଅଭିଯୋଗ ହୋଇଛି। ଏହି ମାମଲାରେ ଗତ ୧୩ରେ ଏନସିପିସିଆରର ସଦସ୍ୟ ସଚିବ ଡ ସଞ୍ଜୀବ ଶର୍ମା ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠିରେ ମାମଲାରେ ହସ୍ତକ୍ଷେପ କରିବାକୁ କହିବା ସହ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

୪ ସପ୍ତାହ ମଧ୍ୟରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ରିପୋର୍ଟ ଦାଖଲ କରିବାକୁ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ପୁଲିସ ସୁରକ୍ଷା ନେଇ ଏନଏଚଆରସିଙ୍କ ନିର୍ଦ୍ଦେଶ




ଇନଫୋସିଟି ଥାନା ଅଧୀନସ୍ଥ ସାଇବରସିଟି ଡିଏଲଏଫ୍ କର୍ପୋରେଟ୍ ହାଉସରେ ଥିବା ଲୁମେକ୍ସ ରିସୋର୍ସେସ୍ ପ୍ରାଇଭେଟ୍ ସଂସ୍ଥା ବିଭିନ୍ନ ବିଦେଶୀ ସଂସ୍ଥାରେ ପୁଞ୍ଜିନିବେଶ କରି ଅଧିକ ରିଟର୍ଣ୍ଣ ଦେବାର ଲୋଭ ଦେଖାଇ ବହୁ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିନେଇଥିଲା। ଏହି ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୨୦୨୩ରେ ରାଜୀବ ଓ ୨୦୨୪ରେ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା। ଇଓଡବ୍ଲ୍ୟୁ କେସ ନମ୍ବର ୧୧/୨୩ ଓ ୧୨/୨୩ରେ ମାମଲା ରୁଜୁ ହୋଇଥିଲା। ଗତ ୭ ତାରିଖରେ ଅଭିଯୁକ୍ତମାନେ ଅଭିଯୋଗକାରୀ ପ୍ରଜ୍ଞା ପ୍ରକାଶଙ୍କ ଘରକୁ ଯାଇ ଧମକାଇବାରୁ ସେ ଏନେଇ ଏନଏଚଆରସି ଓ ଏନସିପିସିଆରରେ ଅଭିଯୋଗ କରିଥିଲେ।

### ● ପୁଲିସ ଉପରକୁ ବୋମାମାଡ଼

## ଏନ୍କାଉଣ୍ଟରରେ କାଳିଆ ଆହତ

ବ୍ରହ୍ମପୁର,୨୪ା୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଜଙ୍ଗଲ ରାସ୍ତାରେ ଅପରାଧୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ। ଏକାଧିକ ଲୁଟ୍ ଓ ଡକାୟତି ମାମଲାରେ ସମ୍ପୃକ୍ତ ଦୁର୍ଦ୍ଦାନ୍ତ ଅପରାଧୀ କାଳିଆ ଓରଫ ଘନଶ୍ୟାମ ବେହେରା ପୁଲିସ ଗୁଳିରେ ଆହତ ହୋଇଛନ୍ତି। ପୁଲିସ ସୂଚନାନୁଯାୟୀ, ନାଇତାଡ଼ା ସାହିର ଦୁର୍ଦ୍ଦାନ୍ତ ଅପରାଧୀ କାଳିଆକୁ ଧରିବା ପାଇଁ ପୁରୁଷୋତ୍ତମପୁର ଥାନା ଆଇଆଇସି କୁଳମଣି ସେଠୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅଭିଯାନ ଆରମ୍ଭ କରିଥିଲା। କୋଦଳା-ସିଂହାସିନୀ ଜଙ୍ଗଲ ରାସ୍ତାରେ ବାଇକ୍ରେ ଯାଉଥିବା କାଳିଆ ଓ ତା'ର ସହଯୋଗୀଙ୍କୁ ପିଛା କରିବାରୁ ସେମାନେ ହଠାତ୍ ପୁଲିସ ଟିମ୍ ଉପରକୁ ବୋମାମାଡ଼ କରିବା ସହ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ଇନ୍ସପେକ୍ଟର କୁଳମଣି ସେଠୀ ପାଲଟା ଗୁଳି ଚଳାଇବାରୁ କାଳିଆର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା।



ଆହତ କାଳିଆକୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ପରେ ଅଧିକ ଚିକିତ୍ସା ପାଇଁ ଏମ୍କେସିଜି ହସ୍ପିଟାଲକୁ ରେଫର କରାଯାଇଛି।



## ଫୁଲବାଣୀରୁ ବିହାର ଚାଲାଣ ବେଳେ ଧରାପଡ଼ିଲା ଗଞ୍ଜେଇ

ବଲାଙ୍ଗୀର,୨୪ା୭(ସଂଚାର ବ୍ୟୁରୋ): ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନଖମନ ଜଙ୍ଗଲ ନିକଟରୁ ଜବତ ହେଲା ଗଞ୍ଜେଇ ବୋଝେଇ ଟ୍ରକ୍। ଫୁଲବାଣୀରୁ ବିହାର ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଟ୍ରକକୁ ବଲାଙ୍ଗୀର ଅବକାରୀ ଟିମ୍ ଆଜି ଜବତ କରିଛି। ଏହି ଟ୍ରକ୍ରୁ ୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ପଞ୍ଜାବର ନବପ୍ରୀତ ସିଂ ଓ ବିହାରର ସଫନାମ୍ ସିଂ। ଏକ ମକା ବୋଝେଇ ୧୨ଚକିଆ ଟ୍ରକ୍ରେ ଗଞ୍ଜେଇ ଭର୍ତ୍ତି କରି ବିହାର ଚାଲାଣ ହେଉଥିବା ସମ୍ପର୍କରେ ବଲାଙ୍ଗୀର ଅବକାରୀ ଟିମକୁ କୌଣସି ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ମୋବାଇଲ ଟିମ ସିନଖମନ ଜଙ୍ଗଲରେ ନାକାବନ୍ଦୀ କରିଥିଲା। ଅବକାରୀ ଟିମ୍ ହାବୁଡ଼ରେ ପଡ଼ିବା ପରେ ଟ୍ରକ୍ ଛାଡ଼ି ଅଭିଯୁକ୍ତମାନେ ଫେରାର ମାରିବାକୁ ଉଦ୍ୟମ କରିଥିଲେ। ତେବେ ଅବକାରୀ ଟିମ୍ ଦୁଇ ଅଭିଯୁକ୍ତଙ୍କୁ କାବୁ କରିନେଇଛନ୍ତି।

## ବାହୁଡ଼ାଯାତ୍ରାରେ ଜଣେ ମୃତ | ପରିବାରକୁ ଭେଟିଲେ ବିଜେଡି ଉପସଭାପତି

### ବିଚାର ବିଭାଗୀୟ ତଦନ୍ତ ସହ କ୍ଷତିପୂରଣ ଦାବି

ଭୁବନେଶ୍ୱର,୨୪ା୭(ସଂଚାର ବ୍ୟୁରୋ): ବାହୁଡ଼ା ଯାତ୍ରାରେ ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ଏନେଇ ଗଭୀର ଦୁଃଖ ପ୍ରକାଶ କରିଛି ବିଜେଡି। ଏଥିସହ ଏହା ଓଡ଼ିଶା ସରକାରଙ୍କ ଅନ୍ୟତମ ବିଫଳତା ବୋଲି ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି। ଶ୍ରୀ ଦାସବର୍ମା ହସ୍ପିଟାଲ୍ରେ ପହଞ୍ଚି ମୃତକଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ସୂଚନାନୁସାରେ, କଟକର ଶ୍ରୀ ଅଭିରାମ ଦାସ (୫୭) ବଗଲା ଧର୍ମଶାଳା ନିକଟରେ ମା' ସୁଭଦ୍ରାଙ୍କ ରଥ ଦର୍ପଦଳନ ସମ୍ମୁଖରେ ସୃଷ୍ଟି ହୋଇଥିବା ଦଳାଚକଟାରେ ପ୍ରାଣ ହରାଇଛନ୍ତି। ତାଙ୍କୁ ପ୍ରଥମେ ବଗଲା



ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)କୁ ସ୍ଥାନାନ୍ତର କରାଯାଉଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ଦାସବର୍ମା କହିଛନ୍ତି ଯେ ଆଜି ବାହୁଡ଼ାଯାତ୍ରା ସମୟରେ ବଡ଼ଦାଣ୍ଡରେ ଅସୁସ୍ଥ ହୋଇଥିବା କିମ୍ବା ଆହତ ହୋଇଥିବା ୧୦୨ ଜଣ ଭକ୍ତଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଟ୍ରମା କେୟାର ୟୁନିଟ୍ରେ ଚିକିତ୍ସାଧୀନ ଅଛନ୍ତି। ବିଜେଡି ଏହି ପ୍ରଶାସନିକ ବିଫଳତାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଘୋଷଣା କରିବାକୁ ଦାବି କରୁଛି। ଏଥିସହ ଟ୍ରମା କେୟାର ୟୁନିଟ୍ରେ ଚିକିତ୍ସାଧୀନ ସମସ୍ତ ଗୁରୁତର ଆହତ ଭକ୍ତଙ୍କୁ ବିଳମ୍ବ ନ କରି ଭୁବନେଶ୍ୱରର ଉନ୍ନତ ସୁପର୍ ସ୍ପେଶାଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ସକାଶେ ଶ୍ରୀ ଦାସବର୍ମା ଦାବି କରିଛନ୍ତି।

## ବାଘୁଣୀ ଯମୁନା ସହ ଲଢ଼ି ଯୁବକ ଗୁରୁତର





ନୀଳଗିରି,୨୪ା୭(ସଂଚାର ବ୍ୟୁରୋ): ବଳଦ ଖୋଜିବାକୁ ଯାଇ ବାଘ ଆକ୍ରମଣର ଶିକାର ହେଲେ ଯୁବକ। ବାଘୁଣୀ ଯମୁନା ଆକ୍ରମଣରେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟ ବାଲିଆନାଳ ନଟାପଡ଼ାରୁ ଆସିଛି ଏଭଳି ଖବର। ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ସୁନୀଲ କୁମାର ସିଂହ ଓ ସେ ଏବେ ବାଲେଶ୍ୱର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ମିଳିଥିବା ସୂଚନାନୁସାରେ, ସୁନୀଲ ବିଲରେ ହଳ କରୁଥିବା ସମୟରେ ତାଙ୍କ ବଳଦ ଜଙ୍ଗଲ ଭିତରକୁ ଚାଲିଗଲେ। ତେବେ ସେ ଅଭୟାରଣ୍ୟ ଭିତରେ ତାଙ୍କ ବଳଦକୁ ଖୋଜୁଥିବା ସମୟରେ ବାଘୁଣୀ ଯମୁନା ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସେ ନିଜକୁ ବଞ୍ଚାଇବାକୁ ସବୁ ଉଦ୍ୟମ କରିଥିଲେ। ଏଥିସହ ସେ ବଡ଼ ପାଟିରେ ଚିତ୍କାର କରିବାରୁ ନିକଟସ୍ଥ ବିଲରେ କାମ କରୁଥିବା ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସୁନୀଲଙ୍କୁ ଉଦ୍ଧାର କରିବା ପରେ ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଘ ଆକ୍ରମଣରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ହାତ ଗୋଡ଼ରେ ବିଶେଷ ଭାବେ ଆଘାତ ଲାଗିଛି। ଏବେ ସେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ଜମି ଦେବାକୁ କହି ୯୨ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୨୪ା୭(ସଂଚାର ବ୍ୟୁରୋ): ଜମି ବିକ୍ରି କରିବା ନାଁରେ ୯୨ ଲକ୍ଷ ଟଙ୍କାର ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଭୁବନେଶ୍ୱରର ମେହେରପଲ୍ଲୀ ଓ ମେଣ୍ଢାଶାଳ ଅଞ୍ଚଳରେ ଜମି ଦେବାକୁ କହି ସେ ଜନୈକ ବ୍ୟକ୍ତିଙ୍କଠାରୁ ୯୨ ଲକ୍ଷ ଟଙ୍କା ନେଇ ଠକେଇ କରିଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନାନୁଯାୟୀ, ଅଭିଯୁକ୍ତ ମେହେରପଲ୍ଲୀ ଅଞ୍ଚଳର ଏକ ସରକାରୀ ଅଧିଗ୍ରହଣ ହୋଇଥିବା ଜମିକୁ ନିଜର ବୋଲି ଦର୍ଶାଇ ବିକ୍ରି କରିବାକୁ ଚୁକ୍ତି କରିଥିଲେ। ଏହି ଜମି ପୂର୍ବରୁ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା ଓ ସେଥିପାଇଁ ଅଭିଯୁକ୍ତ ସରକାରଙ୍କଠାରୁ କ୍ଷତିପୂରଣ ମଧ୍ୟ ପାଇଥିଲେ। ଏହା ସତ୍ତ୍ୱେ ସେ ସେହି ଜମିକୁ ନିଜର ବୋଲି କହି ବିକ୍ରି କରିବାକୁ ଉଦ୍ୟମ କରିଥିଲେ। ଏଥିସହ ମେଣ୍ଢାଶାଳ ଅଞ୍ଚଳରେ ମଧ୍ୟ ଜମି ଦେବାକୁ ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କଠାରୁ ମୋଟ ୯୨ ଲକ୍ଷ ଟଙ୍କା ଆଦାୟ କରିଥିଲେ। ପରେ ଜମି ହସ୍ତାନ୍ତର କରି ନ ଥିବାରୁ ଓ ଟଙ୍କା ଫେରସ୍ତ ନ କରିବାରୁ ପୀଡ଼ିତ ବ୍ୟକ୍ତି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଆଉ କେତେ ଲୋକ ଏଭଳି ଠକେଇର ଶିକାର ହୋଇଛନ୍ତି, ତା' ଜାଣିବା ସକାଶେ ପୁଲିସ ତଦନ୍ତ ଜାରି ରଖିଛି।

### କାଗଜକଲମରେ ଅଟକିଛି ସାପୁଆ ନଦୀବନ୍ଧ ମରାମତି ଓ ନବୀନକରଣ କାର୍ଯ୍ୟ

# ବିପନ୍ନ ନଦୀବନ୍ଧ, ବିପଦରେ ନଦୀକୂଳବାସୀ

କଟକ, ୨୪ା୭(ସଂଚାର ବ୍ୟୁରୋ): ଆଠଗଡ଼ ଜଳସେଚନ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ସାପୁଆ ନଦୀବନ୍ଧ ମରାମତି ଓ ନବୀନକରଣ କାର୍ଯ୍ୟ କାଗଜ କଲମରେ ସୀମିତ ରହିବା ସହ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ ହୋଇଛି। ବର୍ଷାଦିନ ପୂର୍ବରୁ ନଦୀବନ୍ଧର ମରାମତି ଓ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଫଳରେ ବିପନ୍ନ ନଦୀବନ୍ଧ ଯୋଗୁ ନଦୀକୂଳବାସୀ ବିପଦରେ ଥିବା ଜାଣିବାକୁ ମିଳିଛି।

ନଦୀବନ୍ଧର ସୁରକ୍ଷା ଦାୟିତ୍ୱ ଜଳସେଚନ ବିଭାଗର। ମାତ୍ର ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ବାସ୍ତବ ଚିତ୍ର ପରଖିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆଠଗଡ଼ ଜଳସେଚନ ବିଭାଗର ବାଲିପାଟଣାରେ ସାପୁଆ ନଦୀ ପ୍ରବାହିତ ହେଉଛି। ବନ୍ୟା, ବାତ୍ୟା ଆସିଲେ ଜଳସ୍ତର ବୃଦ୍ଧି ପାଇଲେ ବାଲିପାଟଣା, ଅରଖପାଟଣା, ମାଟିକୋଟ ପ୍ରଭୃତି ଗ୍ରାମ ଜଳମଗ୍ନ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆ ଯାଇନପାରେ। ସେଥିପାଇଁ ଜଳସେଚନ ବିଭାଗ ପକ୍ଷରୁ ଏହି ନଦୀ ୮ଶହ ମିଟର ପର୍ଯ୍ୟନ୍ତ ଏଠାରେ ପ୍ରବାହିତ ହେଉଥିବା ବେଳେ ୪ ଶହ ମିଟର ପର୍ଯ୍ୟନ୍ତ



ମାଟି ବନ୍ଧ କରିଛନ୍ତି। ଅବଶିଷ୍ଟ ୪ ଶହ ମିଟର ବନ୍ଧକୁ ମାଟିବନ୍ଧ କରାଯିବାର ଆବଶ୍ୟକତା ରହିଛି। ମୋଟ ୮ ଶହ ମିଟର ବନ୍ଧକୁ ପଥର ପ୍ୟାକିଂ କରାଗଲେ ନଦୀବନ୍ଧ ସୁଦୃଢ଼ ହେବା ସହ ବନ୍ୟା, ବାତ୍ୟା ସମୟରେ ସାଧାରଣ ଲୋକ ଆତଙ୍କିତ ହେବେ ନାହିଁ।

ସେହିପରି କନ୍ଦରପୁରଠାରେ ମହାନଦୀ ପାର୍ଶ୍ୱରେ ୩ କିଲୋମିଟର ବନ୍ଧ କରାଯାଇଛି। ନଦୀଠାରୁ ବନ୍ଧର ଦୂରତା ପୂର୍ବରୁ ୧୨୦ ମିଟର ଥିଲା ବେଳେ ବର୍ତ୍ତମାନ ନଦୀ ଖାଇଯିବା ଦ୍ୱାରା ଏହାର ଦୂରତା ପ୍ରାୟ ୭୦ ମିଟରକୁ କମି ଆସିଲାଣି। ଯଦି ଏପରି ଅବସ୍ଥା ଆଉ କିଛି ବର୍ଷ ଲାଗି ରହେ ତେବେ ବନ୍ଧ ବିପଦ ସଂକୁଳ ଅବସ୍ଥାରେ ପହଞ୍ଚିଯିବ। ତେଣୁ ବିଭାଗ ପକ୍ଷରୁ ନଦୀ ପାଖରେ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପଥର ପ୍ୟାକିଂ ବା ବୁରୁଜ କରାଗଲେ ବନ୍ଧର ସୁରକ୍ଷା ବୃଦ୍ଧି ପାଇପାରିବ। ଏ ବିଷୟରେ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୨୫ ଜୁଲାଇ ୨୦୨୬
BUSINESS

# ଆଦାନୀ ପ୍ରସ୍ତାବକୁ ଇଣ୍ଡିଗୋ, ଏୟାର ଇଣ୍ଡିଆର ବିରୋଧ




ନୂଆଦିଲ୍ଲୀ, ୨୪।୭: ଏକ ଏୟାରଲାଇନ୍ ଖୋଲିବା ବିଷୟରେ ଆଦାନୀ ଗ୍ରୁପ୍ ଗମ୍ଭୀରତାର ସହ ବିଚାର କରୁଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟକୁ ଆଦାନୀ ଗ୍ରୁପ୍ ଦୃଢ଼ ଭାବେ ଖଣ୍ଡନ କରିଛି। ଏକ ବିଜ୍ଞପ୍ତି ଜରିଆରେ ଆଦାନୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ସେହି ଖବରକୁ ଭିତ୍ତିହୀନ ଓ ଭୁଲ୍ ବୋଲି କୁହାଯାଇଛି। କମ୍ପାନି ସ୍ପଷ୍ଟ କରିଛି ଯେ ଏୟାରଲାଇନ୍ ଆରମ୍ଭ କରିବା ସମ୍ପର୍କିତ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ।

ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକୁ ଏୟାରଲାଇନ ଖୋଲିବା ନିମନ୍ତେ ଅନୁମତି ଦେବା ବିଷୟରେ ଭାରତ ସରକାର ବିଚାର କରୁଥିବା ନେଇ ଗତ ଦୁଇ ଦିନ ଧରି ଖବର ପ୍ରକାଶ ପାଉଛି। ବିଶେଷ କରି ଆଦାନୀ ଗ୍ରୁପ୍ ଓ ଜିଏମ୍ଆର୍ ଗ୍ରୁପ୍‌କୁ ଅନୁମତି ଦେବା ସମ୍ପର୍କରେ ସରକାର ନିୟମରେ ପରିବର୍ତ୍ତନ ଆଣିବେ ବୋଲି ଚର୍ଚ୍ଚା ହେଉଥିଲା। ଇତି ମଧ୍ୟରେ ଆଦାନୀର ଏୟାରଲାଇନ ଖୋଲିବା ପ୍ରସ୍ତାବକୁ ଦେଶର ଦୁଇ ପ୍ରମୁଖ ଏୟାରଲାଇନ୍ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ପକ୍ଷରୁ ଘୋର ବିରୋଧ କରାଯାଇଛି। ଉଭୟ ସଂସ୍ଥା କହିଛନ୍ତି ଯେ ଏୟାରଲାଇନ୍ ବ୍ୟବସାୟରେ ଆଦାନୀ ପ୍ରବେଶ କଲେ ଦ୍ୱେତ୍ୱ ସ୍ୱାର୍ଥ ସମସ୍ୟା ଦେଖାଦେବ ଓ ବଜାରରେ ପ୍ରତିଯୋଗିତା ମଧ୍ୟ ଶେଷ ହୋଇଯିବ।

ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ କହିଥିଲେ ଯେ ସାରା ବିଶ୍ୱରେ କୌଣସି ସ୍ଥାନରେ ଏଭଳି ଦେଖିବାକୁ ମିଳିନାହିଁ। ଯଦି ସେଭଳି ହେବ ତେବେ ତାହା ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସ୍ୱାର୍ଥକୁ ପ୍ରଭାବିତ କରିବ। ଏୟାର ଇଣ୍ଡିଆର ଜଣେ ଅଧିକାରୀ କହିଥଇଲେ ଯେ ଆଦାନୀ ବିମାନବନ୍ଦର ବ୍ୟବସାୟ ଆରମ୍ଭ କଲେ ଅନ୍ୟ ସଂସ୍ଥାଗୁଡ଼ିକର ସ୍ୱାର୍ଥ ପ୍ରଭାବିତ ହେବ। ପ୍ରତିଯୋଗିତା ଶେଷ ହୋଇଯିବ। ତା' ସହିତ ନିଯୁକ୍ତି ସୁଯୋଗ ମଧ୍ୟ ସଙ୍କୁଚିତ ହୋଇଯିବ। ଉଲ୍ଲେଖଯୋଗ୍ୟ, ଭାରତରେ ବିମାନବନ୍ଦର ପରିଚାଳନା କରୁଥିବା କମ୍ପାନିଗୁଡ଼ିକ ପାଇଁ କୌଣସି ଏୟାରଲାଇନ୍‌ରେ ସର୍ବାଧିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ କିଣିବାର ଅନୁମତି ଦିଆଯାଇଛି। ସେହି ସୀମା ହଟାଇ ଆଦାନୀ ଭଳି ସଂସ୍ଥାକୁ ଏୟାରଲାଇନ ଖୋଲିବାର ସୁଯୋଗ ଦେବା ବିଷୟରେ ସରକାର ବିଚାର କରୁଥିଲେ।

## ସପ୍ତାହର ଶେଷ କାରବାର ଦିନରେ ସେନ୍‌ସେକ୍ସ ୨୩୨ ପଏଣ୍ଟ ଖସିଲା

ମୁମ୍ବାଇ,୨୪।୭:ଚଳିତ ସପ୍ତାହର ଶେଷ କାରବାର ଦିନରେ ମଧ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୩୨ ପଏଣ୍ଟ ହ୍ରାସ ପାଇଛି। ଗତ ସୋମବାର ଦିନଠାରୁ ଏହା ଲଗାତାର ଭାବେ ପଞ୍ଚମ ଦିନରେ ତଳକୁ ଖସିଛି। ଇରାନ ଓ ଆମେରିକା ମଧରେ ଲାଗି ରହିଥିବା ଉତ୍ତେଜନା ପାଇଁ ଅଶୋଧିତ ତୈଳ ଦର ୧୦୦ ଡଲାରରୁ ଅଧିକ ହୋଇଯାଇଥିବାରୁ ନିବେଶକମାନେ ଚିନ୍ତିତ ହୋଇ ସେୟାର ବିକ୍ରି କରିଥିଲେ। ଫଳରେ ସେନ୍‌ସେକ୍ସରେ ଆଜି ୨୩୨ ପଏଣ୍ଟ ହ୍ରାସ ପାଇ ୭୬,୦୫୯ ପଏଣ୍ଟରେ ବନ୍ଦ ହୋଇଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ ୧୦୨ ପଏଣ୍ଟ ହ୍ରାସ ପାଇ ୨୩,୭୬୭ ପଏଣ୍ଟରେ ବନ୍ଦ ହୋଇଛି। ନିବେଶକମାନେ ଅଟୋମୋବାଇଲ୍, ଧାତବ ଓ ରିଅଲ ଇଷ୍ଟେଟ୍ କ୍ଷେତ୍ରର ସେୟାରକୁ ଅଧିକ ବିକ୍ରି କରିଥିଲେ।ଗତକାଲି ସେନ୍‌ସେକ୍ସ ୩୬୪ ପଏଣ୍ଟ ଓ ନିଫ୍‌ଟି ୧୨୭ ପଏଣ୍ଟ ହ୍ରାସ ପାଇଥିଲା। ଆଜି ଏନ୍‌ଏସ୍‌ଇରେ ଆଦାନୀ ଏଣ୍ଟରପ୍ରାଇଜେସ୍, ନେସ୍‌ଲେ ଇଣ୍ଡିଆ, ଶ୍ରୀରାମ ଫାଇନାନ୍ସର ସେୟାର ମୂଲ୍ୟ ହ୍ରାସ ପାଇଥିଲା ଓ ଏସବିଆଇ ଲାଇଫ୍, ବଜାଜ ଅଟୋ ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ସେୟାର ମୂଲ୍ୟ ବଢ଼ିଥିଲା। ଭୂରାଜନୈତିକ ଉତ୍ତେଜନା ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବାରୁ ଆଗାମୀ ଦିନରେ ଅଶୋଧିତ ତୈଳ ଦର ବ୍ୟାରେଲକୁ ୧୨୦ ଡଲାର ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି। ସେଭଳି ହେଲେ ଇକ୍ୱିଟି ବଜାର ଉପରେ ଆସନ୍ତା ସପ୍ତାହରେ ମଧ ଚାପ ରହିବ।



### ପୁଣି ବିଶ୍ୱବ୍ୟାପୀ ଶକ୍ତି ସଂକଟ ଆଶଙ୍କା

## ପେଟ୍ରୋଲ, ଡିଜେଲ ଓ ପୁଞ୍ଜି ବଜାର ଉପରେ ଚାପ

ନୂଆଦିଲ୍ଲୀ, ୨୪।୭: ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ିଚାଲିଛି ଅଶାନ୍ତି। ପ୍ରଭାବରେ ଅଶୋଧିତ ତୈଳ ଦର ଏବେ ଉପରମୁହାଁ। ଆଜି ଏହା ୬%ରୁ ଅଧିକ ବଢ଼ି ୧୦୦ ଡଲାର ପାର କରିଯାଇଛି। ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ୧୦୦.୪ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ, ଡବ୍ଲ୍ୟୁଟିଆଇ କ୍ରୁଡ୍ ୫%ରୁ ଅଧିକ ବଢ଼ି ୯୧.୪୫ ଡଲାର ହୋଇଛି। ଏହା ପୂର୍ବ ୬ ସପ୍ତାହ ମଧ୍ୟରେ ସର୍ବବୃହତ୍ ସ୍ତର।

ଅଶୋଧିତ ତୈଳ ଦରରେ ବୃଦ୍ଧି ଦ୍ୱାରା ଭାରତରେ ଦରଦାମ ସ୍ଥିତି ଉତ୍କଟ ହେବ। ତୈଳ ବିପଣନ କମ୍ପାନିଗୁଡ଼ିକର ଇନ୍ଧନ ବାବଦ ଲାଭ ଉପରେ ପଡ଼ିବ ଚାପ। ଯଦି ଲମ୍ବା ସମୟ ଧରି ତୈଳ ମହଙ୍ଗା ରହିବ ତେବେ ପେଟ୍ରୋଲ ଏବଂ ଡିଜେଲ ଦର ପୁନଃ ବଢ଼ିଚାଲିବ। ଅତ୍ୟାବଶ୍ୟକ ସାମଗ୍ରୀ ଦର ମୁଣ୍ଡବ୍ୟଥାର କାରଣ ପାଲଟିବ। ପୁଞ୍ଜି ବଜାରରେ ବି ପ୍ରଭାବ ଦେଖିବାକୁ ମିଳିବ। ତୈଳ ଦରରେ ହଠାତ ଆସିଥିବା ଏହି ବୃଦ୍ଧିର ବଡ଼ କାରଣ ହେଉଛି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବଲୀଳା। ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଅଶାନ୍ତି ସହ ଏବେ ଏହି ବିବାଦ ପର୍ସିଆନ୍ ଗଲ୍ଫର ଅନ୍ୟ ପ୍ରାନ୍ତକୁ ବ୍ୟାପିଗଲାଣି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୟେମେନ୍ର ହୂତୀ ବିଦ୍ରୋହୀ ଲୋହିତ ସାଗରରେ ସାଉଦି ଆରବର ତେଲ ଟ୍ୟାଙ୍କରଗୁଡ଼ିକ ଉପରେ ହମ୍ଲା କରୁଛନ୍ତି। ଏହି ହମ୍ଲା ହୂତୀ ଗ୍ରୁପ୍ ପକ୍ଷରୁ ବାବ୍ ଅଲ୍- ମନ୍ଦେବ ଜଳମାର୍ଗରେ ନାକାବନ୍ଦୀ ଘୋଷଣା କରାଯିବାର ଠିକ୍ ଦିନକ ପରେ ହୋଇଛି, ଯାହାଦ୍ୱାରା ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳ ଉପରେ ଭୟଙ୍କର ବିପତ୍ତି ମାଡ଼ିଆସିଲାଣି।

ବାବ୍-ଅଲ୍- ମନ୍ଦେବ ଜଳମାର୍ଗର ବିଶେଷତ୍ୱ ହେଉଛି ବିଶ୍ୱ ସାମୁଦ୍ରିକ କାରବାରର ୧୦% ଏହି ମାର୍ଗ ଦେଇ ହୋଇଥାଏ। ଦୈନିକ ୬୦ରୁ୭୦ ଲକ୍ଷ ବ୍ୟାରେଲ ତେଲ ଏହି ବାଟ ଦେଇ ପରିବହନ ହୋଇଥାଏ। ସୁଏଜ୍ କେନାଲ ଜରିଆରେ ଏହା ୟୁରୋପ ଏବଂ ଏସିଆକୁ ଯୋଡ଼ିଥାଏ। ଏଠାରେ ଅସ୍ଥିରତା ଯୋଗୁ ଏସୀୟ ଏବଂ ୟୁରୋପୀୟ ଦେଶକୁ ତୈଳ



ଯୋଗାଣ ବାଧା ପାଇବ। ଅଶୋଧିତ ତୈଳ ଦର ବୃଦ୍ଧିର ସିଧା ପ୍ରଭାବ ଭାରତର ତୈଳ ବିପଣନ କମ୍ପାନିଗୁଡ଼ିକ ଉପରେ ଆଜି ପଡ଼ିଛି। ହିନ୍ଦୁସ୍ତାନ ପେଟ୍ରୋଲିୟମର ସେୟାର ମୂଲ୍ୟରେ ୨.୫୦% ହ୍ରାସ ଦେଖାଦେଇଛି। ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମର ସେୟାର ମୂଲ୍ୟରେ ଯଥାକ୍ରମେ ୨% ଏବଂ ୧% ହ୍ରାସ ଘଟିଛି। ଭାରତ ଏହାର ଆବଶ୍ୟକତାର ପ୍ରାୟ ୮୫% ଅଶୋଧିତ ତୈଳ ଆମଦାନି ମାଧ୍ୟମରେ ପୂରଣ କରିଥାଏ। ଅଶୋଧିତ ତୈଳ ମହଙ୍ଗା ହେବା ଦ୍ୱାରା ଦେଶର ଆମଦାନି ବିଲ୍ ବଢ଼ିବ, ଯଦ୍ୱାରା ଦରଦାମ ବଢ଼ିବା ସହ କମ୍ପାନିଗୁଡ଼ିକର ଲାଭ ଉପରେ ଚାପ ପଡ଼ିବ। ବ୍ଲୁମ୍ବର୍ଗର ରିପୋର୍ଟ ଅନୁସାରେ, କତାର ଏନର୍ଜି ଅକ୍ଟୋବରର ମଧ୍ୟଭାଗ ପର୍ଯ୍ୟନ୍ତ ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ ଅର୍ଥାତ ଏଲ୍‌ଏନ୍ଜିର ପରିବହନ ଉପରେ 'ଫୋର୍ସ ମେଜ୍ୟୋର' କୁ ଆଗକୁ ବଢ଼ାଇବାକୁ ପ୍ରସ୍ତୁତି କରୁଛି। କତାର ଜୁନ୍‌ରେ ହିଁ ଏସିଆ ଏବଂ ୟୁରୋପର କିଛି ଗ୍ରାହକଙ୍କୁ ସୂଚିତ କରିଥିଲା ଯେ, ଅଗଷ୍ଟ ଏବଂ ସେପ୍ଟେମ୍ବରର କାର୍ଗୋ ରଦ୍ଦ ରହିବ। ଯଦି ଏହି କଟକଣା ଅଧିକ ଦିନ ପର୍ଯ୍ୟନ୍ତ ରୁହେ ତେବେ ଶୀତ ଆରମ୍ଭ ହେବା ପୂର୍ବରୁ ଗ୍ୟାସ୍ ସଂକଟ ସମଗ୍ର ବିଶ୍ୱରେ ଗମ୍ଭୀର ହୋଇଯିବ। କାରଣ ୟୁରୋପ ଏବଂ ଏସୀୟ ଦେଶ ସୀମିତ ଏଲ୍‌ଏନ୍ଜି ପାଇଁ ଟଣାଓଟରା ହେବେ।

## ଖାଦ୍ୟ ଡେଲିଭରି କରିବ ଫ୍ଲିପ୍‌କାର୍ଟ

ବେଙ୍ଗାଲୁରୁ,୨୪।୭:ଦେଶର ଅନ୍ୟତମ ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟ ଖୁବ୍‌ଶୀଘ୍ର ଖାଦ୍ୟ ଡେଲିଭରି ବ୍ୟବସାୟ ଆରମ୍ଭ କରିବାକୁ ଯାଉଛି। କମ୍ପାନିର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କିଛି ସ୍ଥାନରୁ ଏହି କାରବାର ଆରମ୍ଭ କରିବ ଓ ପରବର୍ତ୍ତୀ ପର୍ଯ୍ୟାୟରେ ତାହାକୁ ସମ୍ପ୍ରସାରଣ କରି ବଜାରରେ ପୂର୍ବରୁ ପ୍ରତିଷ୍ଠା ହାସଲ କରିଥିବା ସ୍ୱିଗି ଓ ଜୋମାଟୋ ଭଳି ସଂସ୍ଥା ସହ ପ୍ରତିଦ୍ୱନ୍ଦ୍ୱିତା କରିବ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଫ୍ଲିପ୍‌କାର୍ଟ ଏହାର ଖାଦ୍ୟ ଡେଲିଭରି ସେବା ଆରମ୍ଭ କରିବ ବୋଲି କମ୍ପାନିର ଗ୍ରୁପ୍ ସିଇଓ କଲ୍ୟାଣ କ୍ରିଷ୍ଣମୂର୍ତ୍ତି କହିଛନ୍ତି। କମ୍ପାନିର ଖାଦ୍ୟ ଡେଲିଭରି ସେବା ଏକ ସ୍ୱତନ୍ତ୍ର ଆପ୍ ଓ ଫ୍ଲିପ୍‌କାର୍ଟ ଆପ୍‌ରେ ଉପଲବ୍ଧ ହେବ। ତେବେ ଏହି ସେବା ଉପରେ ଅଧିକ ସୂଚନା ଦେଇ କ୍ରିଷ୍ଣମୂର୍ତ୍ତି କହିଛନ୍ତି ଯେ ପ୍ରଥମେ ଆମେ ଅଳ୍ପ କିଛି ଗ୍ରାହକଙ୍କୁ ନେଇ ସେବା ଆରମ୍ଭ କରିବୁ। ସେମାନଙ୍କ ମତାମତ ସଂଗ୍ରହ କରିବୁ। ଆମକୁ ଯେତେବେଳେ ଲାଗିବ ଯେ ଏହି




କାରବାର ଆମ ମୂଲ୍ୟ ବଢ଼ାଇବାକୁ ପ୍ରସ୍ତୁତ ତେବେ ଆମେ ତାହାକୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚାଇବକୁ। ଆମର ସବୁ ନୂଆ ବ୍ୟବସାୟ ସେହି ଢାଞ୍ଚାରେ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ସରକାରଙ୍କ ମାଲିକାନାରେ ଥିବା ଓଏନ୍‌ଡିସି ନେଟୱର୍କକୁ ମଧ୍ୟ ଫ୍ଲିପ୍‌କାର୍ଟ ନିଜର ଖାଦ୍ୟ ଡେଲିଭରି ସେବା ପାଇଁ ବ୍ୟବହାର କରିବାକୁ ଯୋଜନା ରଖିଛି। ଏହି ସେବା ବ୍ୟାପକ ହେବା ପରେ ଗ୍ରାହକମାନେ ବହୁ ସଂଖ୍ୟାରେ ରେସ୍ତୋରାଁକୁ ଆମ ପ୍ଲାଟଫର୍ମରେ ପାଇପାରିବେ ବୋଲି କୃଷ୍ଣମୂର୍ତ୍ତି କହିଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୩୧,୫୬୦ ଟଙ୍କା ଓ ୨୨ କ୍ୟାରେଟ ୧,୩୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୫୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ସମୁଦ୍ର କୂଳରୁ ବେଆଇନ ବାଲି ଚାଲାଣ

ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ): ବାଲିଆପାଳ ଅଞ୍ଚଳରେ ସୁବର୍ଣ୍ଣ ରେଖା ନଦୀ ବାଲି ନିୟମିତ ଚୋରା ଚାଲାଣ ହେଉଥିବା ବେଳେ ଏବେ ସମୁଦ୍ର ବାଲି ଚୋରାଚାଲାଣକୁ ନେଇ ବଢ଼ୁଛି ଚର୍ଚ୍ଚା।

ଅଭିଯୋଗ ହେଉଛି, ବାଲିଆପାଳ ବ୍ଲକ ବଙ୍ଗୋପ ସାଗର ଅଞ୍ଚଳ ସମୁଦ୍ର କୂଳରୁ ପ୍ରତିଦିନ ଟ୍ରାକ୍ଟର ଯୋଗେ ଖୁଲମଖୁଲା ଚାଲିଛି ବେଆଇନ ବାଲି ପରିବହନ। ମାନ୍ଧାତା ବଜାର ମୁଖ୍ୟ ରାସ୍ତା ଏବଂ ଡଗରା, କଷାଫଳ, କାଳିପଦା, କାଉମାରୀ ସମେତ ବିଭିନ୍ନ ଅଞ୍ଚଳ ଦେଇ ଦୈନିକ ଯାତାୟାତ କରୁଛି ବାଲି ବୋଝେଇ ଟ୍ରାକ୍ଟର।ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଦିନ ଦ୍ୱିପ୍ରହରରେ ଏତେ ବଡ଼ ଧରଣର କାରବାର ଚାଲୁଥିବା ବେଳେ ପ୍ରଶାସନ ନୀରବ କାହିଁକି? କାହାର ଛତ୍ରଛାୟାତଳେ ଚାଲିଛି ଏହି



**ପ୍ରଶାସନ ନୀରବ**

ବାଲି ମାଫିଆଙ୍କ ରାଜ? ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ଉଠୁଛି ପ୍ରଶ୍ନ।

ପରିବେଶବିତଙ୍କ ମତରେ ସମୁଦ୍ର କୂଳରୁ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଭବିଷ୍ୟତରେ ସମୁଦ୍ର ତଟ କ୍ଷୟ ଓ ପରିବେଶ ସନ୍ତୁଳନ ନଷ୍ଟ କରିପାରେ ବୋଲି କୁହାଯାଇଛି। ତଥାପି ଯଦି ଏହି କାରବାର ବନ୍ଦ ନ ହୁଏ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍କଟପୂର୍ଣ୍ଣ ହୋଇପାରେ।

ସ୍ଥାନୀୟ ଅଞ୍ଚଳର ଚାରୁ ଚନ୍ଦ୍ର ଦେ, ଗଗନ ବିହାରୀ ବାରିକ, ସୁଧାକୃଷ୍ଣ ଦାସ, ହେମନ୍ତ କୁମାର ପାତ୍ର, ମୃତ୍ୟୁଞ୍ଜୟ ପ୍ରସାଦ ନାୟକ, କ୍ଷମା ସାଗର ଦାସ, ପରମାନନ୍ଦ ବେହେରା, ପ୍ରସନ୍ନ କୁମାର ମୁଦୁଲି, ଗୁଣାକର ସେଠୀ, ଲକ୍ଷ୍ମଣ କୁମାର ଟୁଡୁ ପ୍ରମୁଖ ତୁରନ୍ତ ଘଟଣାର ତଦନ୍ତ କରାଯାଇ ବେଆଇନ ବାଲି ଚୋରାଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ତେବେ ବାଲିଆପାଳ ତହସିଲଦାର ତଦନ୍ତ କରି ଦେଖିବେ ବୋଲି ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ପହଣ୍ଡି ବିଜେ ପରେ ରଥାରୂଢ଼ ହେଲେ ତିନି ଠାକୁର



ବାରିପଦା,୨୪।୭ (ସଂଚାର ବ୍ୟୁରୋ): ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପୂର୍ବାହ୍ନରେ ତିନି ଠାକୁର ସୁନାବେଶ ରେ ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ପ୍ରତ୍ୟେକ ବର୍ଷ ମହାପ୍ରଭୁମାନଙ୍କର ଏହି ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତମାନେ ଉତ୍କଣ୍ଠାର ସହିତ ଚାହିଁ ବସିଥାଆନ୍ତି । ଆଜି ଠାକୁରଙ୍କ ସୁନାବେଶ ଦର୍ଶନ କରିବା ପାଇଁ ମାଉସୀମା ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବର୍ଷ ମୟୁରଭଞ୍ଜ ଜିଲ୍ଲା ସମେତ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ମଧ୍ୟ ଲୋକମାନେ ଆସିଥାଆନ୍ତି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଠାକୁରଙ୍କ ସୁନାବେଶ ଦର୍ଶନ କରିବା ପାଇଁ।

ଅପରାହ୍ନରେ ଆରମ୍ଭ ହୋଇଥିଲା ବାହୁଡ଼ା ପହଣ୍ଡି ବିଜେ। ତିନି ଠାକୁରଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ହୋଇ ତିନି ରଥରେ ବିରାଜମାନ କରିଛନ୍ତି । ପ୍ରଥା ଅନୁଯାୟୀ ବାରିପଦା ରଥଯାତ୍ରା ର ବାହୁଡ଼ା ପହଣ୍ଡି ପର ଦୁଇ ଦିନଧରି ରଥ ଟଣା ହୋଇଥାଏ । ବାହୁଡ଼ା ରଥଯାତ୍ରା ରେ ପ୍ରଥମ ଦିନରେ ନନ୍ଦିଘୋଷ ରଥ ପ୍ରଥମେ ଶ୍ରୀ ଶ୍ରୀ ହରିବୋଲଦେବଜୀଉ ମନ୍ଦିର ନିକଟ ରଥଖଳାରେ ପହଞ୍ଚିବ । ତାପରେ ଦର୍ପୋଦୋଳନ ରଥ ଆସି ବଡଦାଣ୍ଡ ର ମଝିରେ ରହିବ । ତହିଁପରଦିନ ପୁଣି ଦର୍ପୋଦୋଳନ ରଥ ଟଣାହୋଇ ଆସି ମନ୍ଦିର ନିକଟରେ ପହଞ୍ଚିବା ପରେ ତାଳଧ୍ୱଜ ରଥ ଟଣାହୋଇ ଆସି ମନ୍ଦିର ନିକଟରେ ପହଞ୍ଚିବ ।

‘ଜୟ ଜଗନ୍ନାଥ’ ଧ୍ୱନିରେ ପ୍ରକମ୍ପିତ ଅସ୍ତରଙ୍ଗ-କାକଟପୁର

## ଭାବ ବିନୋଦିଆ ଠାକୁରଙ୍କ ବାହୁଡ଼ାଯାତ୍ରା



କାକଟପୁର/ଅସ୍ତରଙ୍ଗ,୨୪।୭ (ସଂଚାର ବ୍ୟୁରୋ): ଆଷାଢ଼ ମାସର ଶେଷ ସମୟରେ । ଭାବ ବିନୋଦିଆ ଠାକୁର ଘରକୁ ଫେରିବାର ଦିନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ଆକାଶ-ବାହୁଡ଼ା କେବଳ ଗୋଟିଏ ନାମରେ ପ୍ରକମ୍ପିତ ହୋଇଥିଲା - “ଜୟ ଜଗନ୍ନାଥ”। ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଧ୍ୟାତ୍ମିକତାର ଜୁଆର ଆଜି ଉଭୟ ବ୍ଲକର ପ୍ରତି ଗ୍ରାମରେ ଉଚ୍ଛୁଳି ପଡିଥିଲା। ଶଙ୍ଖ, ଘଣ୍ଟ, ମୃଦଙ୍ଗ, କରତାଳ ଓ ହରିବୋଲର ଗହ ଗହ ନାଦରେ ଗଗନ ପବନ କମ୍ପି ଉଠିଥିଲା।

ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ସମ୍ମୁଖ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ସକାଳୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଆଡ଼ପ ମଣ୍ଡପରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ଦିନ ୨ଟାରେ ବାଦ୍ୟ ଓ କୀର୍ତ୍ତନର ତାଳେ ତାଳେ ମହାପ୍ରଭୁ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଛେରା ପହଁରା ପରେ ସନ୍ଧ୍ୟା ୫ଟାରେ ରଥ ଟଣା ଆରମ୍ଭ ହେବା ମାତ୍ରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ କଣ୍ଠରୁ ନିର୍ଗତ “ଜୟ ଜଗନ୍ନାଥ” ଧ୍ୱନିରେ ଗାଁ ରାସ୍ତା କମ୍ପି ଉଠିଥିଲା।

ବାହୁଡାର ସବୁଠୁ ଭାବ ବିହ୍ୱଳ ମୁହୂର୍ତ୍ତ ଥିଲା ମହାପ୍ରଭୁଙ୍କ ପ୍ରିୟ ପୋଡ଼ ପିଠା ଭୋଗ। ମା ଲକ୍ଷ୍ମୀଙ୍କ ରୋଷରୁ ବଞ୍ଚିବା ପାଇଁ ମହାପ୍ରଭୁ ଯେଉଁ ପୋଡ଼ ପିଠା ଭୋଗ କରାଯାଇଥିଲା, ସେହି ପ୍ରସାଦ ପାଇବା ପାଇଁ ଭକ୍ତଙ୍କ ଲମ୍ବା ଲାଇନ୍ ଲାଗିଥିଲା। କେବଳ ବନ୍ତିଲୋ ଓ ଅସ୍ତରଙ୍ଗ ନୁହେଁ, ଅସ୍ତରଙ୍ଗ ବ୍ଲକ ଅଧୀନ ବରଡି, ଶିଶୁଅ, ସରିପୁର, କେନ୍ଦ୍ରାପଟି, ସହନ, ନୂଆଗଡ, ନଗର, ଓଳିହା ଓ ତାଳଦା ସହ କାକଟପୁର ବ୍ଲକର ଆନନ୍ଦବଜାର, ପାଟସୁନ୍ଦରପୁର, ବୋଇତକୁଦ ସମେତ ଆଖ ପାଖ ଅଞ୍ଚଳରେ ମଧ୍ୟ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ବଡ ଧୁମ୍ ଧାମରେ ଅନୁଷ୍ଠିତ ହୋଇଥିଲା।

## ସାନବାସିନୀ ଗାଁରେ ଭାଲୁ



ନବରଙ୍ଗପୁର / ଉମରକୋଟ, ୨୪।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ସେମଳା ପଂଚାୟତ ଅଧୀନରେ ଥିବା ଉମରକୋଟ ବନାଞ୍ଚଳ ଅନ୍ତର୍ଗତ ସାନବାସିନୀ ଗାଁ ନିକଟରେ ଏକ ଭାଲୁ ଠାବ କରାଯାଇଥିବା ସୂଚନା ମିଳିଛି। ଭାଲୁଟି ଗାଁ ନିକଟରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳରେ ନଜର ରଖିଛନ୍ତି। ଗ୍ରାମବାସୀଙ୍କୁ ଏକାକୀ ଜଙ୍ଗଲ କିମ୍ବା ଚାଷଜମିକୁ ନଯିବା ସହ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଭାଲୁଟିକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରାଇବା ପାଇଁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

# ଦୟନୀୟ ଅବସ୍ଥାରେ ପୁନ୍ଦାଳ କେନାଲ୍ ପୋଲ

**ପୁନଃନିର୍ମାଣ ଦାବି**

ନିଶ୍ଚିନ୍ତକୋଇଲି,୨୪।୭ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନେମାଳ ପଞ୍ଚାୟତର କଣ୍ଟାପାରି ଗ୍ରାମ ନିକଟରେ ଥିବା ମଣ୍ଡନ ଉପ୍ରା ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ଯିବା ପାଇଁ ବ୍ୟବହୃତ ପ୍ରାୟ ୫୦ ବର୍ଷ ପୁରୁଣା ପୁନ୍ଦାଳ କେନାଲ୍ ପୋଲ ବର୍ତ୍ତମାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଓ ବିପଦଜନକ ଅବସ୍ଥାରେ ରହିଛି। ପ୍ରତିଦିନ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପୋଲ ଦେଇ ବିଦ୍ୟାଳୟକୁ ଯାତାୟାତ କରୁଥିବାରୁ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

ସ୍ଥାନୀୟଙ୍କ କହିବା ଅନୁସାରେ, ପୋଲଟିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ସହ ଏହାର



ଅବସ୍ଥା ଦିନକୁ ଦିନ ଅଧିକ ବିପଦପୂର୍ଣ୍ଣ ହେଉଛି। ବର୍ଷା ଦିନରେ ଏହି ପୋଲ ଦେଇ ଯାତାୟାତ କରିବା ବିଶେଷ ଭାବେ ଜୀବନ ବିପଦପୂର୍ଣ୍ଣ ହୋଇପଡୁଛି। ଯେକୌଣସି ସମୟରେ ଅଘଟଣ ଘଟିପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ପୋଲର ପୁନଃନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି।

ଏବେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଏକାଠି ହୋଇ ତୁରନ୍ତ ପୋଲର ପୁନଃନିର୍ମାଣ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ, ଆଉ ବିଳମ୍ବ ନକରି ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ଶୀଘ୍ର ପୋଲର ପୁନଃନିର୍ମାଣ କାମ ଆରମ୍ଭ କଲେ ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଯାତାୟାତ ସୁରକ୍ଷିତ ହୋଇପାରିବ।

## ଡାଡିଲେ ମହିଳା: ନଷ୍ଟ କଲେ ବିପୁଳ ପରିମାଣର ଦେଶୀ ମଦ



ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାହାବଳପୁର ଥାନା କୁଣ୍ଡ ଛକ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଜବତ କଲେ ବାଗଦା ଗ୍ରାମର ମହିଳା ମାନେ। ମହିଳାଙ୍କ ତେଜ ଦେଖି ମଦ ବେପାରୀ ଛାନିଆ ହୋଇ ଦୌଡ଼ି ପଳାଇ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଦୁବୁଲାଗଡ଼ି ପଞ୍ଚାୟତ ସହିତ ଆଖ ପାଖ ରେ ଦେଶୀ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅଳ୍ପ ବୟସ ରେ ଯୁବକ ମନେ ପଥ ଭ୍ରଷ୍ଟ ହେବା ସହିତ ବହୁ ଯୁବକ, ବୃଦ୍ଧ ଅଳ୍ପ ବୟସ ରେ ମୃତ୍ୟୁ ମୁଖ ରେ ପଡୁଛନ୍ତି। ଫଳରେ ସଦା ସର୍ବଦା ପରିବାର ମଧ୍ୟରେ ଗଣ୍ଡଗୋଳ, ମାରପିଟ, ବଳାତ୍କାର ବଢ଼ି ବଢ଼ି ଚାଲିଛି। ତେବେ ଏସବୁରେ ମୂଳ କାରଣ ଦେଶୀ ମଦ ହୋଇଥିବାରୁ ଅଞ୍ଚଳରୁ ଦେଶୀ ମଦ ବନ୍ଦ କରିବାକୁ ସ୍ୱେଚ୍ଛାସେବୀ ମହିଳା ସଂଗଠନମାନେ ଅଣ୍ଟା ଭିଡିଛନ୍ତି।

ତେବେ ଗୁରୁବାର ସକାଳ ଆଠଟା ସମୟରେ ବାଗଦା ଗ୍ରାମର ସ୍ନେହମୟୀ ସିଂ ନିକଟସ୍ଥ ଛାନୁଆ ଆରାଇ ଅଫିସକୁ ଯାଉଥିବା ସମୟରେ, କୁଣ୍ଡ ଛକ ନିକଟରେ କିଛି ଲୋକ ପ୍ଲାଷ୍ଟିକ ବୁରାରେ ଭର୍ତ୍ତି ଥିବା ଦେଶୀ ମଦ ପକାଇ ଚାଲିଯିବା ଦେଖି ଶ୍ରୀମତୀ ସିଂ ଗ୍ରାମ ମହିଳା ମାନଙ୍କୁ ଖବର ଦେଇଥିଲେ। ଠିକ ସେହି ସମୟରେ ମଦ ବେପାରୀମନେ ସେଠାରେ ପହଂଚି ମଦ ଭର୍ତ୍ତି ବୁରାକୁ ନେଇଯିବାକୁ ଚେଷ୍ଟା କରୁଥିବା ବେଳେ ମହିଳାମାନେ ଘେରି ଯିବାରୁ ବେପାରୀ ମାନେ ଦୌଡ଼ି ପଳାଇଥିବା ଜଣାପଡ଼ିଛି। ଉପସ୍ଥିତ ମହିଳାମାନେ ତୁରନ୍ତ ବାହାବଳପୁର ଥାନା ଓ ବସ୍ତା ଏସଡିପିଓଙ୍କୁ ଜଣାଇଥିଲେ। ପୁଲିସ ପହଂଚି ମଦ ଆଣିଥିବା ବଲେରୋ ଗାଡିକୁ ଜବତ କରିଥିବା ବେଳେ ମଦ ସବୁ ନଷ୍ଟ କରିଥିଲେ ମହିଳାମାନେ।

ମଦ ଯୋଗୁଁ ନିଜ ନିଜର ସଂସାର ଉଜୁଡୁଥିବାରୁ ମହିଳା ମାନଙ୍କୁ ସୁରକ୍ଷା ଦେବାକୁ ଏସଡିପିଓଙ୍କ ନିକଟରେ ଦାବି କରିଥିଲେ।

## ମଙ୍ଗଳାବିହାରରେ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପାଳିତ



ଯାଜପୁର ରୋଡ଼, ୨୪।୭ (ସଂଚାର ବ୍ୟୁରୋ): ବ୍ୟାସ-ସରୋବର ଠାରେ ହଜାର ହଜାର ଭକ୍ତଙ୍କ ଗହଣରେ ମାଉସୀ ମା ମନ୍ଦିରରୁ ଜଗନ୍ନାଥଙ୍କ ମନ୍ଦିରକୁ ତିନି ଠାକୁରଙ୍କ ବାହୁଡ଼ା ଯାତ୍ରା ପାଳନ ହୋଇଥିଲା। ଏହି କ୍ରମରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ଉତ୍ସବ ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନଂ-୧୬ ଉମାପଦା ସ୍ଥିତ ମଙ୍ଗଳା ବିହାର ଅଂଚଳରେ ବଡ଼ ଧୁମଧାମରେ ପାଳିତ ହୋଇଥିଲା।

ମଙ୍ଗଳା ମନ୍ଦିରର ଜ୍ଞାନିବ୍ରାହ୍ମଣଙ୍କ ଦ୍ୱାରା ମହାପ୍ରଭୁଙ୍କ ପୂଜାର୍ଚ୍ଚନାରେ ଅଂଚଳର ଜଗନ୍ନାଥପ୍ରେମୀ ଜନସାଧାରଣ ମାନଙ୍କ ସମେତ ଏହି ଅଂଚଳର ଠାକୁରଙ୍କ ବଡଭକ୍ତ ସରୋଜ କୁମାର ବିଶ୍ୱାଳ ଓ ତାଙ୍କପତ୍ନୀ ସସ୍ମିତା ବିଶ୍ୱାଳ ସାମିଲ ହୋଇ ତିନି ଠାକୁରଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଏହି ପରିପ୍ରେକ୍ଷିରେ ଶ୍ରୀସରୋଜ’ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଖପାଖ ଅଂଚଳ ଜନସାଧାରଣଙ୍କ ଲାଗି ପ୍ରସାଦ ସେବନର କାର୍ଯ୍ୟକ୍ରମ ରଖାଯାଇଥିଲେ।

ମୟୂରଭଞ୍ଜ ରେଳ ବିକାଶକୁ ଗୁରୁତ୍ୱ

## ଦକ୍ଷିଣ ପୂର୍ବ ରେଳର ମହାପ୍ରବନ୍ଧକଙ୍କ ସହ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ଆଲୋଚନା



ବାରିପଦା,୨୪।୭ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ତଥା ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ରରେ ରେଳ ସେବାର ସୁଧାର, ଯାତ୍ରୀ ସୁବିଧାର ବୃଦ୍ଧି ଏବଂ ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ କୋଲକାତାସ୍ଥିତ ଦକ୍ଷିଣ ପୂର୍ବ ରେଳର ମୁଖ୍ୟ କାର୍ଯ୍ୟାଳୟରେ ମହାପ୍ରବନ୍ଧକ ଅନିଲ ଜୈନଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଥିଲେ।

ଆଲୋଚନାରେ ବିଧାୟିକା ସର୍ବପ୍ରଥମେ ବାଙ୍ଗିରିପୋଷି- ପୁରୀ ଏକ୍ସପ୍ରେସ ଟ୍ରେନର ବାରମ୍ବାର ବିଳମ୍ବିତ ଚଳାଚଳ ପ୍ରସଙ୍ଗ ଉଠାଇଥିଲେ। ଏହି ସମସ୍ୟା ଯୋଗୁଁ ପ୍ରତିଦିନ ହଜାର ହଜାର ଯାତ୍ରୀ, ଛାତ୍ରଛାତ୍ରୀ, କର୍ମଜୀବୀ ଏବଂ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ସେ ମହାପ୍ରବନ୍ଧକଙ୍କୁ ଅବଗତ କରାଇଥିଲେ। ଏହା ଉପରେ ଶ୍ରୀ ଜୈନ ତୁରନ୍ତ ତଦନ୍ତ କରାଯାଇ ଖୁବ୍ ଶୀଘ୍ର ଟ୍ରେନଟିକୁ ନିର୍ଦ୍ଧାରିତ ସମୟରେ ଚଳାଚଳ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟିକାଙ୍କୁ ଆଶ୍ୱାସନ ଦେଇଥିଲେ। ଏହା ସହ ବିଧାୟିକା ବାଙ୍ଗିରିପୋଷି ଅଞ୍ଚଳର ରେଳ ସଂଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଏକାଧିକ ଦାବି ଉପସ୍ଥାପନ କରିଥିଲେ। ସେ ବାଙ୍ଗିରିପୋଷି- ରୂପ୍ସା ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଦିନକୁ ଦୁଇଥର ଚଳାଚଳ କରାଇବା, ବାଙ୍ଗିରିପୋଷି- ଗୋରୁମହିଶାଣି ଏବଂ ବୁଢ଼ାମାରା- ଚାକୁଲିଆ ନୂତନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ।

ସେହିପରି ବୁଢ଼ାମାରା, କୁଚେଇ, ବାରିପଦା ଓ କେସିପୁର ରେଳ ଷ୍ଟେସନରେ ଲୁପ୍ ଲାଇନ ନିର୍ମାଣ, ବାଙ୍ଗିରିପୋଷି ରେଳ ଷ୍ଟେସନରେ ସଂରକ୍ଷିତ ଟିକେଟ୍ କାଉଣ୍ଟର ଖୋଲିବା ଏବଂ ବାଙ୍ଗିରିପୋଷିରୁ ବାଙ୍ଗାଲୋର ପର୍ଯ୍ୟନ୍ତ ଏକ ନୂତନ ଦୂରଗାମୀ ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ବିଧାୟିକା ନିକଟରେ ନିର୍ମିତ ପୁନାସିଆ ରେଳ ଅଣ୍ଡରପାସ୍ ବର୍ଷା ଦିନରେ ପାଣି ଜମି ରହୁଥିବାରୁ ଯାନବାହନ ଓ ସାଧାରଣ ଲୋକଙ୍କ ଯାତାୟାତରେ ସୃଷ୍ଟି ହେଉଥିବା ଗୁରୁତର ସମସ୍ୟା ସମ୍ପର୍କରେ ମଧ୍ୟ ମହାପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ।

ମହାପ୍ରବନ୍ଧକ ଶ୍ରୀ ଜୈନ ବିଧାୟିକାଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ପ୍ରସ୍ତାବକୁ ଗୁରୁତ୍ୱର ସହ ଗ୍ରହଣ କରିଥିବା ବେଳେ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନ ପ୍ରଦାନ କରିଥିଲେ।

**ବେଲେଶ୍ୱର ସାହିତ୍ୟ ସଂସଦ ସାରସ୍ୱତ ସମାରୋହ**

## ସର୍ବଧର୍ମର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ ମହିମା ବିଶ୍ୱବ୍ୟାପୀ

ପଚ୍ଚାମୁଣ୍ଡାଇ, ୨୪।୭ (ସଂଚାର ବ୍ୟୁରୋ): ସର୍ବତନ୍ତ୍ର ସ୍ୱତନ୍ତ୍ର ପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ପୁରୁଷୋତ୍ତମ କ୍ଷେତ୍ର ସାରା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆଧ୍ୟାତ୍ମ କ୍ଷେତ୍ର ରୂପେ ଓଡ଼ିଶାକୁ ଗର୍ବିତ କରିଛି ବୋଲି ପଚ୍ଚାମୁଣ୍ଡାଇର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବେଲେଶ୍ୱର ସାହିତ୍ୟ ସଂସଦ ଆୟୋଜିତ ସ୍ୱତନ୍ତ୍ର କବିତା ଆସର "ଶ୍ରୀଜଗନ୍ନାଥ"କୁ ଉଦଘାଟନ କରି ଉତ୍କଳ ସାଧୁ ସଂଘର ଉପଦେଷ୍ଟା ପଚ୍ଚାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ପ୍ରକାଶ କରିଛନ୍ତି ।



ସାହିତ୍ୟ ସଂସଦ ସଭାପତି ବ୍ରଜବନ୍ଧୁ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ର. କୈଳାସ ଚନ୍ଦ୍ର ପାତ୍ର ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ ।ସଂପାଦକ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କବୟିତ୍ରୀ ଚାରୁଲତା ଭୂୟାଁଙ୍କ ସଂଯୋଜନା ରେ ଆୟୋଜିତ କବିତା ଆସର ରେ କବି ଗୌରାଙ୍ଗ ଚରଣ ମହାନ୍ତି, କବି ରାମକୃଷ୍ଣ ଦାଶ, ଦେବାଶିଷ ପ୍ରଧାନ, ନାଟ୍ୟକାର ଗୋଲକ ମହାରଣା, ଇଂ ତପନ ପାତ୍ର,ବ୍ରଜସୁନ୍ଦର ସାହୁ, ସୁଶାନ୍ତ କୁମାର ଦାଶ, ପ୍ରସନ୍ନ କୁମାର ବେହେରା, ନବକିଶୋର ପଣ୍ଡା, ପାବନି ରାଉତ,ସୁଚିତ୍ରା ଗୁପ୍ତା, ଆରତି ଭଳ, ଦେବବ୍ରତ ପୁହାଣ,କୁମାରେଶ ନାୟକ,ବୈଷ୍ଣବ ମଳିକ ପ୍ରମୁଖ ଜଗନ୍ନାଥ ଚେତନା ଧର୍ମୀ କବିତା ପାଠ କରିଥିଲେ ।

ଏହି କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ସହଯୋଗ କରିଥିଲେ । ଶେଷରେ ସହ ସଂପାଦକ ଦେବାଶିଷ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ଶ୍ରମିକ ସହଯୋଗ କେନ୍ଦ୍ର ଉଦ୍‌ଘାଟିତ





ଫୁଲବାଣୀ, ୨୪।୭(ସଂଚାର ବ୍ୟୁରୋ): ଦିନ ଶ୍ରମ କାର୍ଯ୍ୟାଳୟ ପରିସରରେ କେତୋଟି ଶ୍ରମିକ ସଂଗଠନର ମିଳିତ ଆନୁକୁଲ୍ୟରେ ଶ୍ରମିକ ସହଯୋଗ କେନ୍ଦ୍ରର ଶୁଭ ଉଦଘାଟିତ ହୋଇଯାଇଛି। ଆମ ଜିଲ୍ଲାର ଶ୍ରମିକମାନେ ବିଭିନ୍ନ କ୍ଷେତ୍ରରେ ଶୋଷଣ ହେଉଥିବା ନଜରକୁ ଆସୁଥିବା କାରଣରୁ ଶ୍ରମିକ ଶୋଷଣ ମୁକ୍ତ କନ୍ଧମାଳ କରିବା ଉଦ୍ଦେଶ୍ୟରେ ଏହି ଶ୍ରମିକ ସହଯୋଗ କେନ୍ଦ୍ର କରାଯାଇଅଛି। ଏହି କେନ୍ଦ୍ରରେ ଜିଲ୍ଲାର ସମସ୍ତ ନିର୍ମାଣ ଶ୍ରମିକ ଏବଂ ଅଣସଂଗଠିତ ଶ୍ରମିକମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଦେୟ ପୈଠ କରି ସମସ୍ତ ଅନଲାଇନ ସେବା ପାଇପାରିବେ ।

ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ସଭାପତି ଅଶୋକ ପରିଡ଼ା, ଇନ୍‌ଟୁକ୍ ସଭାପତି ଘନ କୁମାର ଶବର, ଭାରତୀୟ ମଜଦୁର ସଂଘର ସମ୍ପାଦକ କାହ୍ନୁ ଚରଣ ଦିଗାଲ, ଓଡ଼ିଶା ଷ୍ଟେଟ ଓନୋର୍ଗନଏଜ୍ଡ ୱାର୍କର ଆସୋସିଏସନ୍ ସଭାପତି ଅମୀୟ ନାୟକ, ମା ନାରାୟଣୀ ଶ୍ରମିକ ସଂଘ ର ସମ୍ପାଦକ ଉମେଶ ଭୋଇ, ବିଡିସିଏସ୍‌ଡବ୍ଲ୍ୟୁ ସଭାପତି ଗୋପାଳ ବିଶୋଇ, ଓଡ଼ିଆ ଏଗ୍ରିକଲଚର ଏବଂ ରୁରାଲ ୱାରକର ୟୁନିଅନ ସଭାପତି ତ୍ରିନାଥ ବେହେରା, ବିଶ୍ୱକଲ୍ୟାଣ ନିର୍ମାଣ ସଂଘ ସଭାପତି ସୁନୀଲ କହଁର, ବାବା ସିଦ୍ଧେଶ୍ୱର ଶ୍ରମିକ ସଂଘ ସଭାପତି ଅଜୟ ସେଠୀ, ଟୁନା ଦାସ ଏବଂ ଜିଲ୍ଲାର ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ । ଏହି ସହଯୋଗ କେନ୍ଦ୍ର ହେବା ଦ୍ୱାରା ଜିଲ୍ଲାର ଲକ୍ଷାଧିକ ଶ୍ରମିକ ମାନେ ଲାଭବାନ ହେଲେ ବୋଲି ଶ୍ରମିକ ମାନେ ମତପ୍ରକାଶ କରିଛନ୍ତି ।

# ମଙ୍ଗଳା ମହାବିଦ୍ୟାଳୟରେ ଚୌକି ଯୁଦ୍ଧ!

### ଶିକ୍ଷା ମନ୍ଦିରରେ ରାଜନୀତି

### କ୍ଷମତା ଲଢେଇରେ ଦଳି ହେଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

### ଦୁଇ ଗୋଷ୍ଠୀ ନେତାଙ୍କ ରିମୋଟରେ ଚାଲୁଛି କି କଲେଜ ?





କାକଟପୁର/ଅସ୍ତରଙ୍ଗ, ୨୪।୭ (ସଂଚାର ବ୍ୟୁରୋ): ଯେଉଁଠି ସରସ୍ୱତୀଙ୍କ ଆରାଧନା ହେବା କଥା, ସେଇଠି ଏବେ ଚାଲିଛି କ୍ଷମତାର ଆରାଧନା। ପୁରୀ ଜିଲ୍ଲାର ଗର୍ବ ମଙ୍ଗଳା ମହାବିଦ୍ୟାଳୟ ଆଜି ପାଲଟିଛି ଗୋଟିଏ ରାଜନୈତିକ ଆଖଡା। ଆଉ ଏହି ଅଖାଡାର କେନ୍ଦ୍ର ରେ ଅଛି ଗୋଟିଏ ଶବ୍ଦ - ଅଧକ୍ଷ ଚୌକି ।

କୋଣାର୍କ ଭଗବତୀ ମହାବିଦ୍ୟାଳୟକୁ ପୂର୍ବତନ ଅଧକ୍ଷଙ୍କ ବଦଳି ହେବା ପରେ ଖାଲି ହୋଇଥିବା ସିଂହାସନକୁ ନେଇ ମହାବିଦ୍ୟାଳୟରେ ଯୁଦ୍ଧ ଲାଗିଛି। ଗୋଟିଏ ପଟେ ବରିଷ୍ଠତାର ଦୋହାଇ, ଅନ୍ୟ ପଟେ କନିଷ୍ଠଙ୍କ ଦାବି। ତତ୍କାଳୀନ ଅଧ୍ୟକ୍ଷ ଯେତେବେଳେ ନିଜ ଗୋଷ୍ଠୀକୁ ଦାୟିତ୍ୱ ହସ୍ତାନ୍ତର କଲେ, ସେତେବେଳେ ବିରୋଧୀ ଗୋଷ୍ଠୀ ଘୋଷଣା କଲା - "ଏଇଟା ମାନିବୁ ନାହିଁ"। ଫଳରେ କ୍ୟାମ୍ପସ୍ ଏବେ ଦୁଇ ଶିବିରରେ ବିଭକ୍ତ। ପାଠ ପଢା ବନ୍ଦ, ଆଲୋଚନା ଆରମ୍ଭ। ସବୁଠି ଚର୍ଚ୍ଚା ଜୋର ଧରିଛି।

ଉନ୍ନୟନ ପାଇଁ ସରକାରଙ୍କଠୁ ଆସୁଥିବା କୋଟି କୋଟି ଟଙ୍କାର ହିସାବ ଧୂଳିସାତ। ଅଭିଯୋଗ ଆସୁଛି - ବିକାଶ ନାଁରେ ହେଉଛି ବ୍ୟାପକ ହରିଲୁଟ। ଜଣେ ବରିଷ୍ଠ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି , _"ଏହି ସବୁ ପଛରେ ରହିଛି ବଡ ବଡ ନେତାଙ୍କ ହାତ। ପରିଚାଳନା କମିଟି ବର୍ଷ ବର୍ଷ ଧରି ଅଚଳ। ରିମୋଟ୍ କାହା ହାତରେ ତାହା ସମସ୍ତେ ଜାଣନ୍ତି।"

ଏହି କ୍ଷମତା ଲଢେଇ ଭିତରେ ଦଳି ହେଉଛି ସାଧାରଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। କାକଟପୁର, ଅସ୍ତରଙ୍ଗ, ଗୋପ, କୋଣାର୍କ ସହ ଜଗତସିଂହପୁର, ନିଆଳୀ, ନିମାପଡାର ହଜାର ହଜାର ପିଲା ଏହି ମହାବିଦ୍ୟାଳୟ ଉପରେ ନିର୍ଭର କରନ୍ତି। କିନ୍ତୁ ଗତ ୩ ବର୍ଷରେ ରେଜଲ୍ଟ ଖସିଛି, ନାମ କମିଛି । ଜଣେ ଛାତ୍ର କହିଥିଲେ "ଆମେ ଡିଗ୍ରୀ ଖୋଜୁଛୁ, ସେମାନେ ଚୌକି ଖୋଜୁଛନ୍ତି।"

ଆଉ ସହି ପାରୁନାହାନ୍ତି ଅଭିଭାବକ। ସେମାନଙ୍କର ଗୋଟିଏ ଚେତାବନୀ - ଶିକ୍ଷା ମନ୍ଦିର ରୁ ତୁରନ୍ତ ରାଜନୀତି ବାହାର କର। ନଚେତ୍ ଆମେ ରାସ୍ତାକୁ ଓହ୍ଲାଇବୁ। ଆମକୁ ଚୌକି ନୁହେଁ, ଚରିତ୍ର ଥିବା ଅଧକ୍ଷ ଦରକାର।"ଯିଏ ରାଜନୀତି ଠାରୁ ବହୁ ଦୂରରେ ଥିବେ, ପିଲାଙ୍କ ପାଠ ପଢାକୁ ଗୁରୁତ୍ୱ ଦେଉଥିବେ।

ଏତେ ସବୁ ହୋଇସାରିଲା ପରେ ମଧ୍ୟ ପ୍ରଶାସନ ଚୁପ୍। ଉପଜିଲ୍ଲାପାଳଙ୍କଠୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଫଳରେ ପ୍ରଶ୍ନ ଉଠୁଛି - କ’ଣ ଏହି ମହାବିଦ୍ୟାଳୟକୁ ଇଚ୍ଛାକୃତ ଭାବେ ଧ୍ୱଂସ କରାଯାଉଛି ?କାରଣ କିଛି ବର୍ଷ ପୂର୍ବେ ଅଧକ୍ଷ ପଦକୁ ନେଇ ବିବାଦ ମଧ୍ୟ ସାମ୍ନାକୁ ଆସିଥିଲା।

ଶିକ୍ଷା ହେଉଛି ଜାତି ଗଠନର ମୂଳ। ଯେଉଁଠି ଜ୍ଞାନର ଦୀପ ଜଳିବା କଥା, ସେଇଠି ଯଦି କ୍ଷମତାର ନିଆଁ ଜଳେ, ତେବେ ଆମ ପିଢ଼ିର ଭବିଷ୍ୟତ କ’ଣ ହେବ ?

## ନିଶ୍ଚିନ୍ତକୋଇଲି ହାଟରେ ନର୍ଦ୍ଦମା ସଫା କଲେ ମହାବୀର କ୍ଲବ୍ ସଦସ୍ୟ ଓ ଗ୍ରାମବାସୀ



ନିଶ୍ଚିନ୍ତକୋଇଲି, ୨୪।୭ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ହାଟରେ ଥିବା ନର୍ଦ୍ଦମା କେନାଲ ଦୀର୍ଘଦିନ ଧରି ଅପରିଷ୍କାର ଅବସ୍ଥାରେ ପଡ଼ିରହିଥିବାରୁ ସ୍ଥାନୀୟ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ନର୍ଦ୍ଦମାକୁ ସଫା କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ବାରମ୍ବାର ପ୍ରଶାସନଙ୍କୁ ନିବେଦନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଏହାପରେ ବାଧ୍ୟ ହୋଇ ସ୍ଥାନୀୟ ମହାବୀର କ୍ଲବର ସଦସ୍ୟ ଏବଂ ଗ୍ରାମବାସୀ ସମୂହ ମିଳି ସ୍ୱଇଚ୍ଛାରେ ନର୍ଦ୍ଦମା ସଫା କରିବା ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ନାଳୀକୁ ସଫା କରିଥିଲେ। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ସମୟୋପଯୋଗୀ ଭାବେ ନର୍ଦ୍ଦମା ସଫା ନହେଲେ ବର୍ଷା ଦିନରେ ଜଳନିଷ୍କାସନ ବାଧାପ୍ରାପ୍ତ ହେବା ସହ ଦୁର୍ଗନ୍ଧ ଓ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ରହିଛି।

## କିଡନୀ ଫଙ୍କସନ୍ ଟେଷ୍ଟରୁ ଜଣାପଡ଼େ

# ବୃକ୍କର କାର୍ଯ୍ୟଦକ୍ଷତା




ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଆଜିକାଲିର ଜୀବନଚର୍ଯ୍ୟା ଶୈଳୀ, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଅଭ୍ୟାସରୁ ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ଦେଖାଯାଉଛି। ଏହା ନିୟନ୍ତ୍ରଣରେ ନ ରହିଲେ ବୃକ୍କ ଉପରେ ପ୍ରଭାବ ପଡେ। ଅନେକ ଲୋକ କ୍ରନିକ୍ ବୃକ୍କ ରୋଗ (ସିକେଡି)ରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜାଣିବାକୁ କିଡନୀ ଫଙ୍କସନ୍ ଟେଷ୍ଟ (କେଏଫ୍ଟି) ଟେଷ୍ଟ ଜରୁରି। ପ୍ରାୟତଃ ପ୍ରାଥମିକ ଅବସ୍ଥାରେ ବୃକ୍କ ସମସ୍ୟାର ଲକ୍ଷଣ ଜଣାପଡ଼ିନଥାଏ। ଧୀରେ ଧୀରେ ଶରୀର ଯନ୍ତ୍ରଣା, ବାରମ୍ବାର ପରିସ୍ରା, ଭୋକ ନଲାଗିବା, ହାତଗୋଡ଼ ଫୁଲିବା ଆଦି ସମସ୍ୟା ଦେଖାଯାଏ। ବୃକ୍କ ୮୫ ଭାଗରୁ ଅଧିକ ଖରାପ ହେଲେ, ଶରୀରର ବର୍ଜ୍ୟବସ୍ତୁ ଏକ୍ରତିତ ହୋଇ ହୃତପିଣ୍ଡ, ମସ୍ତିଷ୍କ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟେଙ୍ଗଙ୍କୁ ଅକାମୀ କରିଦିଏ। ତେଣୁ ବୃକ୍କ ଠିକ୍ ଭାବେ କାମ କରୁଛି କି ନାହିଁ ଜାଣିବାକୁ କେଏଫ୍ଟି ଟେଷ୍ଟ କରାଯାଏ। ବୃକ୍କରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଏଫ୍ଟି ଟେଷ୍ଟ କରିବା ଜରୁରି। ପରିସ୍ରା ଏବଂ ରକ୍ତ ସ୍ୟାମ୍ପଲକୁ ଉପଯୋଗ କରି ଭିନ୍ନ ଭିନ୍ନ ପାରାମିଟର ଯାଞ୍ଚ କରାଯାଉଥିବାରୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜଣାପଡ଼େ।

ଗ୍ଲୋମେରୁଲାର ଫିଲ୍ଟରେସନ ରେସିଓ (ଜିଏଫ୍ଆର୍)ଃ ବୃକ୍କରୁ ରକ୍ତ କେତେ ପରିଷ୍କାର କରେ, ଶରୀରର ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ତାହା ଏହି ଟେଷ୍ଟରୁ ଜଣାପଡ଼େ।

ୟୁଏସିଆର୍ଃ ୟୁରିନ୍ ଆଲବମିନ୍-କ୍ରିଏଟିନାଇନ୍ରେସିଓ (ୟୁଏସିଆର) ହେଉଛି ଏକ ପରିସ୍ରା ପରୀକ୍ଷା। ପରିସ୍ରାରେ ଆଲବ୍ୟୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପ ହେବାର ସଙ୍କେତ ଦେଇଥାଏ। ତେଣୁ ଏହାର ଉପସ୍ଥିତି ରହିଛି ନି କାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ।

**ସିରମ କ୍ରିଏଟିନିନ୍ ପରୀକ୍ଷାଃ** ରକ୍ତରେ କ୍ରିଏଟିନିନ ସ୍ତର ବଢ଼ିବା ବୃକ୍କ ରୋଗର ମଧ୍ୟ ସଙ୍କେତ ଦେଇଥାଏ। ରକ୍ତଚାପ ବଢ଼ି ବୃକ୍କ ଖରାପ ହେଲେ କ୍ରିଏଟନିନି ବଢ଼ିଥାଏ, ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ନିୟନ୍ତ୍ରଣ ରଖିବା ଜରୁରି। ସେହିପରି ବୃକ୍କରେ କୌଣସି ସମସ୍ୟା ଥିଲେ, ବୃକ୍କ ରକ୍ତରେ ଥିବା ୟୁରିଆ, କ୍ରିଏଟିନିନ୍, ପୋଟାସିୟମକୁ ଫିଲଟର କରିପାରେ ନାହିଁ।

**ବିୟୁଏନ୍ ଟେଷ୍ଟଃ** ଖାଦ୍ୟରେ ପ୍ରୋଟିନ୍ ଭାଙ୍ଗିବାରୁ ୟୁରିଆ ନାଇଟ୍ରୋଜେନ୍ ଉତ୍ପାଦନ ହୋଇଥାଏ। ଯେତେବେଳେ ବୃକ୍କ ଠିକ୍ ଭାବେ କାମ କରିନଥାଏ, ସେ ସମୟରେ ବିୟୁଏନ୍ ସ୍ତର ବଢ଼ିଯାଏ। ଏହି ସ୍ତର ଜାଣିବାକୁ ବିୟୁଏନ୍ ଟେଷ୍ଟ ଜରୁରି। ସେହିପରି ପରିସ୍ରାରେ ପ୍ରୋଟିନ୍ ସ୍ତର ଜାଣିବାକୁ ୟୁରିନ୍ ପ୍ରୋଟିନ୍ ଟେଷ୍ଟ କରାଯାଏ। ମାଇକ୍ରୋଏଲବ୍ୟୁମିନ୍ୟୁରିୟା ଟେଷ୍ଟ ପରିସ୍ରା ସ୍ୟାମ୍ପଲରୁ ଏଲବ୍ୟୁମିନ୍ ପ୍ରୋଟିନ୍ ମାତ୍ରାକୁ ଚିହ୍ନଟ କରେ। କିଡନୀ ଫଙ୍କସନ୍ ଟେଷ୍ଟ ମଧ୍ୟରେ ୟୁରିନ୍ ରୁଟିନ୍ ଟେଷ୍ଟ ଏବଂ ମାଇକ୍ରୋସ୍କୋପି ଟେଷ୍ଟ ଜରୁରି।

# ରୁମାଟଏଡ୍ ଆର୍ଥରାଇଟିସ୍

ରୁମାଟଏଡ୍ ଆର୍ଥରାଇଟିସ୍ ବା ଆର୍ଏ ଏକ ପ୍ରକାର ଗଣ୍ଠିବାତ ରୋଗ। ଏହି ରୋଗରେ ହାଡ଼ ଓ ଗୋ ଡ଼ର ଛୋଟବଡ ଗଣ୍ଠିଗୁଡିରେ ପ୍ରଦାହ ହୋଇ ଫୁଲିଯାଇ ଯନ୍ତ୍ରଣା ହୁଏ। ଏହା ଏକପ୍ରକାର ଅଟୋଇମ୍ୟୁନ୍ ବା ସ୍ୱରୋଗ ପ୍ରତିକାରୀ ରୋଗ। ଶରୀରର ରୋଗ ପ୍ରତିକାରୀ ଶକ୍ତି ନିଜ ଗଣ୍ଠିଗୁଡ଼ିକୁ ଆକ୍ରମଣ କରି ପ୍ରଦାହ ସୃଷ୍ଟି କରେ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଗଲେ ରୁମାଟଏଡ୍ ଆର୍ଥରାଇଟିସ୍ ହୋଇଥାଏ। ବୁଢ଼ାଅଙ୍ଗୁଠିର ଗଣ୍ଠିରେ ହୋଇ ଧୀରେ ଧୀରେ ଗଣ୍ଠି ଫୁଲି ବଙ୍କା ହୋଇଥାଏ। ଏହି ରୋଗରେ ସାଧାରଣତଃ ହାତ ଏବଂ ଗୋଡ଼ର ଛୋଟ ଓ ବଡ଼ ସମସ୍ତ ଗଣ୍ଠିଗୁଡ଼ିକ ଫୁଲି ଦରଜ ଲାଗିବା, ଆଖି ଲାଲ ଦିଶିବା, ଫୁସ୍ଫୁସ୍ରେ ଫାଇବ୍ରୋସିସ୍ ଏବଂ ସ୍ୱାସ୍ଥ୍ୟଗତ ଦୁର୍ବଳତା ମଧ୍ୟ ଦେଖାଯାଏ। ତେଣୁ ଏହି ରୋଗର ପ୍ରାଥମିକ ସ୍ତରରେ ଚିକିତ୍ସା ଠିକ୍ ଭାବେ ନ କରିଲେ ଯନ୍ତ୍ରଣା ବଢ଼ି ଭବିଷ୍ୟତରେ ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଏହି ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସଅଳ ରୋଗଚିହ୍ନଟ, ପ୍ରାଥମିକ ନିଦାନ, ଉଭୟ ଡାକ୍ତର ଏବଂ ପରିବାର ଲୋକ ରୋଗୀର କିପରି ସଠିକ ଦେଖାଶୁଣା କରିବେ, ରୋଗୀଙ୍କୁ ସଠିକ୍ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ 'ରୁମାଟଏଡ ସଚେତନତା ଦିବସ ଭାବେ ପାଳନ କରାଯାଇଆସୁଛି। ଡାକ୍ତରୀ ପରୀକ୍ଷା ଏବଂ ରକ୍ତ ପରୀକ୍ଷା କରି ରୋଗର ସ୍ତର, ଗଣ୍ଠି କେତେ ମାତ୍ରାରେ ଆକ୍ରାନ୍ତ ହୋଇଛି ତାହା ଜାଣି ଔଷଧ ସେବନ ଜରୁରି ହୋଇଥାଏ। ରୋଗ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସହିତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟ, ଭିଟାମିନ୍ ଡି, କ୍ୟାଲସିୟମ୍, କ୍ଷୀରଜାତୀୟ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରିପାରିବେ।



# ନିୟମିତ ଚକ୍ଷୁ ପରୀକ୍ଷା ଜରୁରି



ଶରୀରର ସମସ୍ତ ଅଙ୍ଗ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆଖି। ଆଖି ସମ୍ବେଦନଶୀଳ ଅଙ୍ଗ ହୋଇଥିବାରୁ ଏହାର ଯତ୍ନ ନ ନେଲେ, ବିଭିନ୍ନ ପ୍ରକାର ରୋଗ ସହଜରେ ଆକ୍ରମଣ କରିଥାଏ। ଦୃଷ୍ଟିଶକ୍ତି ଉପରେ ଏହାର ପ୍ରଭାବ ପଡ଼େ। ଏହିକ୍ରମରେ ଆଖି ପାଇଁ କାଳ ସଦୃଶ ଗ୍ଲୁକୋମା। ଭାରତରେ ୯୦ ପ୍ରତିଶତ ମାମଲାରେ ଏହିଁ ରୋଗ ସହଜରେ ଚିହ୍ନଟ ହୋଇପାରୁନଥିବାରୁ ଚିକିତ୍ସାରେ ଅବହେଳା ଯୋଗୁଁ ଅଧିକାଂଶ ଲୋକଙ୍କୁ ଦୃଷ୍ଟିବାଧିତ ହେବାକୁ ପଡ଼ିଥାଏ। ତେଣୁ ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ଚକ୍ଷୁ ପିରୀକ୍ଷା କରାଇବା ଜରୁରି। ଗ୍ଲୁକୋମା ଆଖି ସହିତ ଜଡିତ ଏକ ସମସ୍ୟା, ଯେଉଁଥିରେ ଆଖିର ମସ୍ତିଷ୍କ ସହିତ ଜଡିତ ଅପ୍ଟିକ୍ ସ୍ନାୟୁର କ୍ଷତି ହୋଇଥାଏ। ଅପ୍ଟିକ୍ ସ୍ନାୟୁ ଉପରେ ଚାପ ପଡ଼ିଲେ, ଦୁର୍ବଳ କିମ୍ବା ନଷ୍ଟ ହୋଇଲେ, କୌଣସି ଜିନିଷ ଚିହ୍ନିବାରେ ସମସ୍ୟା ହୋଇଥାଏ। ଦୃଷ୍ଟିଶକ୍ତି ହ୍ରାସ ପାଏ। ଅଧିକାଂଶ କ୍ଷେତ୍ରରେ ଦୃଷ୍ଟିଶକ୍ତି ଯିବାର ଆଶଙ୍କା ରହିଥାଏ। ଗ୍ଲୁକୋମାକୁ କଳା ମୋତିଆବିନ୍ଦୁ କୁହାଯାଇଥାଏ ମଧ୍ୟ। ଏହା ସାଧାରଣତଃ ୬୦ ବର୍ଷ ବୟସ୍କଙ୍କ କ୍ଷେତ୍ରରେ ଅଧିକ ଦେଖାଯାଉଥିବାବେଳେ ସମ୍ପ୍ରତି ଗ୍ଲୁକୋମା ସବୁ ବୟସର ଲୋକ, ପିଲା ଶିକାର ହେଉଥିବା ନଜିର ରହିଛି। ଏମ୍ସ ଚକ୍ଷୁ ରୋଗ ବିଶେଷଜ୍ଞ ଡା. ତନୁଜ ଦାଦାଙ୍କ ଅନୁସାରେ, ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ଜରୁରି। ଏହା ଏମିତି ଏକ ରୋଗ ବିନା ଲକ୍ଷଣରେ ଏହାଁ ବଢ଼ି ବଢ଼ି ଚାଲିଥାଏ। ଦୃଷ୍ଟିଶକ୍ତି କମ୍ଜୋର ହୋଇଯାଏ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ନ କରାଗଲେ, ଦୃଷ୍ଟି ବାଧିତ ହେବାର ଆଶଙ୍କା ବୃଦ୍ଧି ପାଏ।

**୪୦ବର୍ଷରୁ ଊର୍ଦ୍ଧ୍ୱ ଲୋକ ଅଧିକ ପ୍ରଭାବିତଃ** ୪୦ ବର୍ଷରୁ ଊର୍ଦ୍ଧ୍ୱ ତଥା ବୟସ୍କଙ୍କ କ୍ଷେତ୍ରରେ ଗ୍ଲୁକୋମାର ବିପଦ ଅଧିକ ଥାଏ। ଗ୍ଲୁକୋମାରେ ଆକ୍ରାନ୍ତଙ୍କ ମଧ୍ୟରୁ ୫୦ ପ୍ରତିଶତ ଏହି ରୋଗଗୁ ନେଇ ସଚେତନ ନଥାନ୍ତି, ତେଣୁ ଏହି ବୟସଁରେ ପ୍ରତି ଦୁଇ ବର୍ଷରେ ଥରେ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ। ବୟସ୍କଙ୍କ ପରି ମଧୁମେହ, ଉଚ୍ଚରକ୍ତଚାପ, ପରିବାର କୌଣସି ସଦସ୍ୟ ଗ୍ଲୁକୋମାରେ ପୀଡ଼ିତ ଥିଲେ, ଷ୍ଟେରଏଡ ଯଥା- କ୍ରିମ୍, ଔଷଧ, ଇନେହ୍ଲର ଅଧିକ ଉପଯୋଗ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ରୋଗ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଆଖିରେ ଆଘାତ ଲାଗିଲେ ମଧ୍ୟ ଗ୍ଲୁକୋମା ବିକଶିତ ହୋଇପାରେ।

**ନିୟମିତ ପରୀକ୍ଷାଃ** ମଧୁମେହ, ଉଚ୍ଚରକ୍ତଚାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିଲେ, ସେମାନେ ପ୍ରତିବର୍ଷ ଚକ୍ଷୁ ପରୀକ୍ଷା କରାଇ ନେବା ଆବଶ୍ୟକ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବା ତଥା ଔଷଧ ବଦଳାଇବା ଅନୁଚିତ। ୬୦ବର୍ଷରୁ ଅଧିକ ବୟସ ହେଲେ ଏହି ଚକ୍ଷୁ ପରୀକ୍ଷା କରାଇବା ଦ୍ୱାରା ଦୃଷ୍ଟିବାଧିତ ହେବାର ଭୟ ନଥାଏ।

# ପ୍ରୋଷ୍ଟେଟ କ'ଣ ?



ପ୍ରୋଷ୍ଟେଟ ଏକ ସାଧାରଣ ଗ୍ରନ୍ଥୀ। ଏହି ଗ୍ରନ୍ଥୀ ପୁରୁଷମାନଙ୍କଠାରେ ଥିବାବେଳେ, ବୟସ ବଢ଼ିବା ସହ ଏହା ବଢ଼ିଥାଏ। ଭିନ୍ନ ଭିନ୍ନ କାରଣରୁ ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ରନ୍ଥୀର ଆକାର ବଢ଼ିଯାଇ ପରିସ୍ରାଜନିତ ବିଭିନ୍ନ ଲକ୍ଷଣ ଆରମ୍ଭ ହୁଏ। କିନ୍ତୁ ଶୀତଋତୁରେ ଥଣ୍ଡା ପାଗ ଯୋଗୁଁ ଏହି ସମସ୍ୟା ଚିନ୍ତା ସୃଷ୍ଟି କରିଥାଏ। ତେଣୁ ଆବଶ୍ୟକତା ଠାରୁ ପ୍ରୋଷ୍ଟେଟ ଅଧିକ ବଡ଼ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଜରୁରି। ଶୀତଋତୁରେ ଶାରୀରିକ ଗତିବିଧି କମ୍ ହେବା, କମ୍ ପାଣି ପିଇବା ଆଦି ବିଭିନ୍ନ କାରଣରୁ ପ୍ରୋଷ୍ଟେଟ ସମସ୍ୟା ବଢ଼ିଥାଏ। ସାଧାରଣତଃ ପ୍ରୋଷ୍ଟେଟ ସାଇଜ୍ ୧୫ରୁ ୨୦ ଗ୍ରାମ୍ ଥାଏ, କିନ୍ତୁ ଏହା ବଢ଼ିଗଲେ, ବାରମ୍ବାର ପରିସ୍ରା ଲାଗିବା, ଅତରଛିଆ ପରିସ୍ରା, ପରିସ୍ରା ସମୟରେ କଷ୍ଟ ଅନୁଭବ, ମୂତ୍ରାଶୟରେ ଜଳାପୋଡ଼ା, ଧୀରେ ଏବଂ ପତଳା ଧାରରେ ପରିସ୍ରା, ମୂତ୍ରାଶୟ ଖାଲି କରିବାରେ ଅସମର୍ଥ ଆଦି ଲକ୍ଷଣ ଦେଖାଯାଏ। ମୂତ୍ରନଳୀ ସଂକ୍ରମଣ ତଥା ମୂତ୍ରାଶୟର ପଥରପରି ଜଟିଳତାରୁ ସୁରକ୍ଷା ପାଇବା ପାଇଁ ଆରମ୍ଭରୁ ଲକ୍ଷଣକୁ ବୁଝିବା ଆବଶ୍ୟକ। ଲକ୍ଷଣ ଅନୁଯାୟୀ ଚିକିତ୍ସା ନକଲେ, ପରିସ୍ରା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବିପିଏଚର ନିଦାନ ପାଇଁ ରୋଗୀଙ୍କୁ ଶାରୀରିକ ଯାଞ୍ଚ, ମୂତ୍ର ପରୀକ୍ଷା, ଅଲଟ୍ରାସାଉଣ୍ଡ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ପ୍ରୋଷ୍ଟେଟ ଅଧିକ ବଢ଼ିଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସର୍ଜରୀ କରାଇବାକୁ ପଡ଼ିଥାଏ। ଶୀତଦିନେ ଏହି ସମସ୍ୟା କମ୍ କରିବାକୁ ପୁରୁଷଙ୍କୁ ହାଇଡ୍ରେଟ ରହିବା ଜରୁରି। ଅତ୍ୟଧିକ କଫି କିମ୍ବା ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ଶାରୀରିକ ରୂପେ ସକ୍ରିୟ ରହିବା ଜରୁରି। ଥଣ୍ଡାରୁ ସୁରକ୍ଷିତ ଦେଉଥିବା ପୋଷାକ ପିନ୍ଧନ୍ତୁ। ସନ୍ତୁଳିତ ଆହାର ଗ୍ରହଣ କରିବା ଜରୁରି। ୬୦ ବର୍ଷରୁ ଅଧିକ ବୟସର ପୁରୁଷ ଥଣ୍ଡା ଦିନେ ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରି। ନିୟମିତ ଯାଞ୍ଚ ପାଇଁ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେଇ ପାରିବେ।

# ସେନ୍ସର ଦ୍ୱାରା ବାୟୁରୁ ଭୂତାଣୁ ଚିହ୍ନଟ କରିହୁଏ

ଦିନକୁ ଦିନ ବାୟୁ ପ୍ରଦୂଷଣ ଭୟଙ୍କର ହେଉଛି। ବିଷାକ୍ତ ବାୟୁ କେବଳ ପରିବେଶକୁ ଦୂଷିତ କରୁଛି ତାହା ନୁହେଁ, ମନୁଷ୍ୟ ଶରୀର ଉପରେ ନାନା କ୍ଷତି ପହଞ୍ଚାଉଛି। ପ୍ରଦୂଷିତ ବାୟୁ ଯୋଗୁଁ ଫୁସ୍ଫୁସ୍ଜନିତ ସମସ୍ୟା, ଗଳା ଯନ୍ତ୍ରଣା, କାଶ, ହୃଦ୍ରୋଗ, ଫୁସ୍ଫୁସ୍ କର୍କଟ, ଯକ୍ଷ୍ମା, ଆଜ୍ମା ପରି ରୋଗ ବ୍ୟାପିବାର ଆଶଙ୍କା ରହିଛି। ହେଲେ ଏବେ ବାୟୁରୁ ମଧ୍ୟ କ୍ଷତିକାରକ ଭୂତାଣୁ ଚିହ୍ନଟ ସହଜ ହେବ। ଆମେରିକା ପରି ଦେଶରେ ବାୟୁରୁ ବିପଜ୍ଜନକ ଭୂତାଣୁ ଚିହ୍ନଟ ପାଇଁ ଅତ୍ୟାଧୁନିକ ସେନ୍ସର ବିକଶିତ କରାଯାଇଥିବାବେଳେ ଏକ୍ଷେତ୍ରରେ ଆଇଆଇଟି ଚେନ୍ନାଇ ସଂସ୍ଥାନ ମଧ୍ୟ ପଛରେ ନାହିଁ। ଏହି ସେନ୍ସର ଉପରେ ଗବେଷକମାନେ ନାନା ଗବେଷଣା କରୁଛନ୍ତି। ଏନେଇ ଆମେରିକା, ମିୟାମି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ.ପ୍ରତିମ ବିଶ୍ୱାସ ଡୁନ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଷ୍ଟ୍ରୀୟ ଏରୋଜୋଲ କନ୍ଫେରେନ୍ସରେ ଏହି କୌଶଳ ଉପରେ ସବିବେଷ ତଥ୍ୟ ଦେଇଛନ୍ତି। ଏହି ସେନ୍ସର ବାୟୁରେ ଥିବା ବିପଜ୍ଜନକ କଣ ଏବଂ ଭୂତାଣୁକୁ ସଠିକ୍ ଚିହ୍ନଟ କରିପାରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ବାୟୁରେ ଧୂଳି ବ୍ୟତୀତ ଅଙ୍ଗାରକାମ୍ଳ, ସଲ୍ଫର ଆଦି ଅନେକ ପ୍ରକାର ବିପ୍ପଜନକ କଣ ଥାଏ। ଏହାକୁ ପରିଚାଳନା କରିବାକୁ ଏବେ ସ୍ୱତନ୍ତ୍ର ଉପକରଣ ବିକଶିତ କରାଯାଉଛି। ଯେଉଁଥିରୁ ବାୟୁରେ ବ୍ୟାପୁଥିବା ବିଭିନ୍ନ ପ୍ରକାର ଭୂତାଣୁ ଚିହ୍ନଟ ସହ ଭୂତାଣୁ କେତେ ବିପଜ୍ଜନକ ତାହା ମଧ୍ୟ ଆକଳନ କରିପାରିବ। ତେବେ କରୋନା ସମୟରେ ଆମେରିକା ଏବଂ ରୁସ୍ ପରି ଦେଶ ଦ୍ୱାରା ବିକଶିତ କରାଯାଇଥିବା ଭାଇରଲ ସେନ୍ସରକୁ ଅଧିକ ଉନ୍ନତ କରିବାକୁ ଏହା ଉପରେ କାମ ଚାଲୁଛି। ଯାହା କି ବାୟୁରେ ସମସ୍ତ ପ୍ରକାର ଭୂତାଣୁ ଆସିଲେ, ତୁରନ୍ତ ଆଲର୍ଟ କରିପାରିବ। ଏହାଦ୍ୱାରା ଭବିଷ୍ୟତରେ ଯେକୌଣସି ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କରୋନା ପରି ଘାତକ ରୋଗକୁ ନିୟନ୍ତ୍ରଣ କରିବାରେ ଏହି ସେନ୍ସର ବଡ଼ ଭୂମିକା ରହିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ରଖିଛନ୍ତି।



# ଟିରଜେପଟାଇଡ

ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ମଧୁମେହରେ ରକ୍ତଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ଯଦିଓ ଉତ୍ତମ ଜୀବନଶୈଳୀ ଆପଣାଇବା ଏହି ରୋଗ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ, କିନ୍ତୁ ଅଧିକାଂଶଙ୍କ ପାଇଁ ଦୈନନ୍ଦିନ ଔଷଧ ସେବନ ଜରୁରି ହୋଇଥାଏ। ଏକ୍ଷେତ୍ରରେ ମଧୁମେହରେ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବାକୁ ଟିରଜେପଟାଇଡ ଔଷଧକୁ ଅଧିକ ପ୍ରଭାବୀ ମନାଯାଉଛି। ଏହି ଗୋଟିଏ ଔଷଧ କେବଳ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବ ତାହା ନୁହେଁ, ବରଂ ମୋଟାପା କମ୍ କରିବାରେ ସହାୟକ ହେବ। ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ରାମବାଣ ସଦୃଶ ଟିରଜେପଟାଇଡ। ସାଧାରଣତଃ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ମୋଟାପା ଏକ ସାଧାରଣ ସମସ୍ୟା। ଏହି ଔଷଧ ମଧୁମେହ ଲକ୍ଷଣ ସୁଧାରିବା ସହ ମେଟାବଲିଜିମ ବୃଷ୍ଟ କରିବାରେ ସାହାଯ୍ୟ କରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ଔଷଧକୁ ଏବେ ମଞ୍ଜୁରୀ ମିଳିଥିବାବେଳେ ଏହା ଖୁବ୍ଶୀଘ୍ର ଭାରତରେ ଉପଲବ୍ଧ ହେବ। ଔଷଧର ମୂଲ୍ୟକୁ ନେଇ କୌଣସି ସୂଚନା ନାହିଁ। ଅନ୍ୟପଟେ ଏହି ଔଷଧର ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଔଷଧ ସେବନରୁ ବାନ୍ତି, ଝାଡ଼ା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଖାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ଶାରିରୀକ ସ୍ଥିତି ଅନୁସାରେ ଏହି ଔଷଧ ସେବନ କରିବା ଅନୁଚିତ।



## ଜନ୍ମବେଦୀରେ ନବ ଦିନାତ୍ମକ ଲୀଳାଖେଳା ସାରି ବାହୁଡ଼ିଲେ ଚତୁର୍ଦ୍ଧା ମୂରତି



ନୀଳଗିରି,୨୪।୭ (ସଂଚାର ବ୍ୟୁରୋ): ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ଲୀଳାଖେଳା ସାରିବା ପରେ ରତ୍ନବେଦୀକୁ ବାହୁଡା ଉଦ୍ଦେଶ୍ୟରେ ଯଥାରୀତି ନିତିକ୍ରାନ୍ତି ଅନୁସାରେ ଆଜି ଅପରାହ୍ନରେ୪ଟା ସମୟ ରେ ଗୋଟି ପହଣ୍ଡିରେ ପ୍ରଥମେ ଚକ୍ରରାଜ ସୁର୍ଦ୍ଦଷନ, ବଡ଼ଠାକୁର ବଳଭଦ୍ର, ଏହାପରେ ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲେ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିବା ବେଳେ ପଣ୍ଡା ପଢ଼ିଆରୀ ରଥାରୂଢ଼ କରାଇ ଥିଲେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ। ପହଣ୍ଡି ସମୟରେ ନାମ ସଂକୀର୍ତ୍ତନ, ଶଙ୍ଖ, ମହୁରୀ, ଘଣ୍ଟବାଦ୍ୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରକମ୍ପିତ ହୋଇଥିବା ବେଳେ ସେଠାରେ ଲୋକାରଣ୍ୟ ହୋଇ ପଡ଼ିଥିଲା। ଏହି ବାହୁଡା ପହଣ୍ଡି ଯାତ୍ରାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ସମେତ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ବାହୁଡ଼ିଲେ ମହାବାହୁ, କୋରାପୁଟ ବଡ଼ଦାଣ୍ଡ ଲୋକାରଣ୍ୟ

କୋରାପୁଟ,୨୪।୭ (ସଂଚାର ବ୍ୟୁରୋ): ନବଦିନାତ୍ମକ ଲୀଳାଯାତ୍ରାର ପରିସମାପ୍ତି ଘଟାଇ ବାହୁଡିଲେ ମହାବାହୁ। ନୀଳାଦ୍ରି ବିଜେର ପୂର୍ବାଭାସ ନେଇ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ଚତୁର୍ଧାମୂର୍ତ୍ତୀଙ୍କ ବାହୁଡା ଯାତ୍ରା ଭକ୍ତି, ଭାବନା ଓ ଆଧ୍ୟାତ୍ମିକ ଉଲ୍ଲାସର ମହାମିଳନରେ ସଫଳତାର ସହ ସମ୍ପନ୍ନ ହୋଇଛି।ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ରେ କୋରାପୁଟ ବଡଦାଣ୍ଡ ଲୋକାରଣ୍ୟ ପାଲଟିଯାଇଥିଲା। ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଳଭଦ୍ର, ତା'ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ସମ୍ପନ୍ନ ହୋଇଥିଲା। ପହଣ୍ଡି ସମୟରେ "ହରିବୋଲ" ଓ "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପରିବେଶ। ନିର୍ଦ୍ଧାରିତ ସମୟରେ ତିନି ରଥ ଶ୍ରୀମନ୍ଦିର ସମ୍ମୁଖସ୍ଥ ଆମ୍ବେଦକର





ପାର୍କ ନିକଟରେ ପହଞ୍ଚିଥିଲେ।

ପରମ୍ପରା ଅନୁଯାୟୀ କୋରାପୁଟ ଟାଉନ ଥାନାର କାର୍ଯ୍ୟରତ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର 'ମାଉସୀମା ଭୋଗ' ନୀତି ସମ୍ପାଦନ କରି ମହାପ୍ରଭୁଙ୍କ ନିକଟରେ ଭୋଗ ଅର୍ପଣ କରିଥିଲେ। ଏହାପରେ ଶାବର ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ଅନୁସାରେ ସେହି ପ୍ରସାଦକୁ ଜାତି, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ପରସ୍ପରଙ୍କ ହାତରୁ ଗ୍ରହଣ କରି ସାମ୍ପ୍ରଦାୟିକ ସଦ୍ଭାବ ଓ ସାମାଜିକ ଏକତାର ନିଆରା ବାର୍ତ୍ତା ଦେଇଥିଲେ। ରଥଟଣା ବେଳେ ଘଣ୍ଟ, ଘଣ୍ଟା, କାହାଳୀ ଓ ତୁରୀର ନିନାଦରେ ବଡଦାଣ୍ଡ କମ୍ପି ଉଠୁଥିବାବେଳେ ଆଦିବାସୀ ଲୋକନୃତ୍ୟ ଓ ବାଦ୍ୟର ମନୋମୁଗ୍ଧକର ପରିବେଷଣ ଉତ୍ସବକୁ ଆହୁରି ରଙ୍ଗିନ କରିଥିଲା। ଭକ୍ତିର ଜୁଆରରେ ଭାସୁଥିବା କୋରାପୁଟ ସହରରେ ପ୍ରାୟ ୪୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗର ସମନ୍ୱିତ ଉଦ୍ୟମ ଫଳରେ ସମଗ୍ର ବାହୁଡା ଯାତ୍ରା ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। ଭକ୍ତଙ୍କ ବିପୁଳ ସମାଗମକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଓ କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତଙ୍କ ଆଖିରେ ଥିଲା ଅପାର ଶ୍ରଦ୍ଧା, ହୃଦୟରେ ଅସୀମ ଆନନ୍ଦ। ମହାବାହୁଙ୍କ ବାହୁଡା ସହ ଶେଷ ହୋଇଥିଲା ଆଉ ଏକ ଅବିସ୍ମରଣୀୟ ରଥଯାତ୍ରା, ଯାହା କୋରାପୁଟବାସୀଙ୍କ ମନରେ ଛାଡ଼ିଯାଇଛି ଭକ୍ତି ଓ ଐକ୍ୟର ଅମିଟ ସ୍ମୃତି।

## ବାହୁଡ଼ିଲେ ଠାକୁର ଅଜା ଶ୍ରୀ ସିଦ୍ଧବଳରାମ



ସତ୍ୟବାଦୀ,୨୪।୭ (ସଂଚାର ବ୍ୟୁରୋ): ନବଦିନ ଯାତ୍ରାରେ ଆସି ଚନ୍ଦନ ମଣ୍ଡପରେ ଅବସ୍ଥାନ କରିଥିବା ଠାକୁରଅଜା ଶ୍ରୀ ସିଦ୍ଧ ବଳରାମ ଦେବ ଶୁକ୍ରବାର ଓଁକୁଳବନ ସ୍ଥିତ ନିଜ ମନ୍ଦିର କୁ ରଥରେ ବାହୁଡି ଯାଇଛନ୍ତି। ଫେରିବା ବାଟରେ ସାକ୍ଷୀଗୋପାଳ ଠାକୁରଙ୍କ ମହାସୁଆର ସର୍ବଜିତ ଦାଶରଥି ଖୁଣ୍ଟିଆ ଙ୍କ ଘରେ ପୋଡପିଠା ଭୋଗଲାଗି କରାଯାଇଥିଲା। ବିରି, ଅରୁଆ ଚାଉଳ, ଗୁଡ, ନଡିଆ, ଅଳେଇଚ, ଲବଙ୍ଗ, ଗୋଲମରିଚ ଆଦି ମଶଲା ଗୁଣ୍ଡ , ଭଳିଘିଅ, କର୍ପୂର ମିଶ୍ରଣ କରି ମହାସୁଆର ଘର କୁଳବଧୂ ମାନେ ଅଜାଙ୍କ ପାଇଁ ଶ୍ରଦ୍ଧାରେ ପୋଡପିଠା ପ୍ରସ୍ତୁତି କରିଥିଲେ। ଦୈନିକ ଦେବନୀତି ମଧ୍ୟରେ ମଙ୍ଗଳ ଆଳତୀ, ଅବକାଶ, ବାଲ ଭୋଗ ପରେ ମଧ୍ୟାହ୍ନରେ ଚକା ଛାଡ ଖେଚୁଡି ଭୋଗ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଛେରା ପହରା ନୀତି ପରେ ଘଣ୍ଟ ମର୍ଦ୍ଦଳ, ସଂକୀର୍ତ୍ତନ, କାହାଳୀ, ମହୁରୀ ଓ ତେଲିଙ୍ଗି ବାଦ୍ୟ ବଜାଇ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଶ୍ରଦ୍ଧାଳୁ ଓ ଛୋଟ ଛୋଟ ପିଲାମାନେ ଚନ୍ଦନ ମଣ୍ଡପ ନିକଟରୁ ରଥ ଟାଣି ନେଇଥିଲେ। ନବ ଦିନ ଅବସ୍ଥାନ ସମୟରେ ଆଖପାଖ ଲୋକେ ଆଡପ ମଣ୍ଡପ ଭୋଗ ଲାଗି କରିବା ସହିତ କିଛି କିଛି ଶ୍ରଦ୍ଧାଳୁ ପ୍ରତ୍ୟହ ଆଡପ ଦର୍ଶନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ତରଫରୁ ଏହି ସୁସଜ୍ଜିତ ରଥ ନିର୍ମାଣ କରାଯାଇଥିଲା। ସେବାୟତ ଲୋକନାଥ ମହାପାତ୍ର, ସୋମନାଥ ମହାପାତ୍ର, ରାଧାନାଥ ମହାପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ରାକେଶ ମହାପାତ୍ର, ଦେବଶକ୍ତି ମହାପାତ୍ର ଙ୍କ ସମେତ ଅନ୍ୟମାନେ ଠାକୁରଙ୍କ ଦେବନୀତି ସମ୍ପାଦନା କରିଥିଲେ।

## ସିଉନାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ନବରଙ୍ଗପୁର/ଉମରକୋଟ,୨୪।୭ (ସଂଚାର ବ୍ୟୁରୋ): ହେହେଡ଼ା କ୍ଲଷ୍ଟର ଅନ୍ତର୍ଗତ ସିଉନାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଏହି ଉପଲକ୍ଷେ ଆୟୋଜିତ ସଚେତନାମୂଳକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଟୁବାବୁ ପଟ୍ଟନାୟକ, ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁ ପ୍ରସାଦ ସାହୁ, ବୁର୍ଜା ସାଧନ କେନ୍ଦ୍ର ସଂଯୋଜକ ରତ୍ନାକର ଦାଶ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପୂର୍ଣ୍ଣ ସାନ୍ତା, ୱାର୍ଡ ମେମ୍ବର ରାଧବ ସାନ୍ତା, ପ୍ରାକ୍ତନ ଏସଏମସି ସଭାପତି ପାଣ୍ଡୁ ସାନ୍ତା, ଢୁଣ୍ଡୁବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା, ନାଙ୍ଗାଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ ଭତ୍ରା, ସିଉନାଗୁଡା ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ସେଠୀ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପ୍ରିୟଦର୍ଶିନୀ ଲେଙ୍କା,ଶିରାଗୁଡ଼ା ବିଦ୍ୟାଳୟ ର ଶିକ୍ଷକ ନିଳକଣ୍ଠ ଚମ୍ପତି ଗ୍ରାମବାସୀ ଫୁଲସିଂ ସାନ୍ତା,ବନ ସାନ୍ତା, ଜୟତି ସାନ୍ତା, ସିନ୍ଧୁ ସାନ୍ତା, ଖଗପତି ସାନ୍ତା, ରାମ ସାନ୍ତାଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀବୃନ୍ଦ ଉପସ୍ଥିତ ଥିଲେ। ଅତିଥିବୃନ୍ଦ ବୃକ୍ଷ ସୁରକ୍ଷା... ଜୀବନ ରକ୍ଷା ଉପରେ ନିଜ ନିଜ ବକ୍ତବ୍ୟ ରଖି ମାର୍ଗଦର୍ଶନ କରିଥିଲେ। ତତ୍ପରେ ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର କରିବା ନିମିତ୍ତ ବହୁ ସଂଖ୍ୟାରେ ବିଭିନ୍ନ କିସମର ଚାରା ରୋପଣ ସମ୍ମିଳିତ ଭାବେ କରା ଯାଇଥିଲା। ଏହି ଅବସରରେ ବୁର୍ଜା ସିଆରସିସି ଶ୍ରୀ ରତ୍ନାକର ଦାଶଙ୍କୁ ଉତ୍ତରୀୟ,ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ଅଚ୍ୟୁତ ସେବାସଦନ ପକ୍ଷରୁ ବାହୁଡ଼ା ଉପଲକ୍ଷେ ଅନ୍ନପ୍ରସାଦ ପ୍ରଦାନ

ନିଶ୍ଚିନ୍ତକୋଇଲି,୨୪।୭(ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ରଥଯାତ୍ରା ଅବସରରେ ଅଚ୍ୟୁତ ସେବାସଦନ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ବ୍ରହ୍ମକ୍ଷେତ୍ର ପୀଠ ଜିମ୍ପିପୁର ଠାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଖେଚୁଡ଼ି ଡ଼ାଲମା ଅନ୍ନପ୍ରସାଦ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଅଚ୍ୟୁତ ସେବାସଦନର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ବଡ଼ିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର କୁମାର ବଡ଼ିଆ, ପ୍ରବୀର କୁମାର ରାଉତ, କୁମାର ଚନ୍ଦ୍ର ବଡ଼ିଆ, ଦିଲ୍ଲୀପ କୁମାର ରାଉତ, ଦୀପକ କୁମାର ବେହେରା, ପରମାନନ୍ଦ ରାଉତ, ସୁଧୀର ଭୂୟାଁ, ଭାଗ୍ୟଧର ସେଠୀ, ଅଜୟ କୁମାର ବଡ଼ିଆ, ଅଭୟ କୁମାର ସାହୁ, କାବୁଲି ବଡ଼ିଆ, ପ୍ରଭାତ କୁମାର ନାୟକ, ଆଦିତ୍ୟରଞ୍ଜନ ଭୂୟାଁ, ଆଲୋକ ରଞ୍ଜନ ଭୂୟାଁ, ବିରେନ ରାଉତ, ବବୁଲ ରାଉତ ପ୍ରମୁଖ ଯୋଗଦାନ କରି ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଖେଚୁଡ଼ି ଡ଼ାଲମା ଅନ୍ନପ୍ରସାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଚ୍ୟୁତ ସେବା ସେବାସଦନର ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

## ବାହୁଡ଼ିଲେ ବିଶ୍ୱନିୟନ୍ତା, ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



ସୁନ୍ଦରଗଡ଼,୨୪।୭ (ସଂଚାର ବ୍ୟୁରୋ): ନ ଦିନର ଲୀଳା ଖେଳା ସାରି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ଧରି ଜନ୍ମବେଦୀରୁ ରତ୍ନବେଦୀକୁ ଫେରିଛନ୍ତି, ଆଜି ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ଭକ୍ତଙ୍କ ନାହିଁ ନଥିବା ଭିଡ଼, ଜୟ ଜଗନ୍ନାଥ ଧ୍ୱନିରେ ରଙ୍ଗାଢିପା ଠାରୁ ସୁନାରୀପଡା ରାସ୍ତା ପ୍ରକମ୍ପିତ,ରଙ୍ଗାଢିପା ମାଉସୀ ମା ମନ୍ଦିରରେ ମହାପ୍ରଭୁ ଦଶ ଅବତାର ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ରାମ, ବଳରାମ, ପର୍ଶୁରାମ,ବୁଦ୍ଧ, କଳକୀ ବେଶରେ ଦର୍ଶନ ଦେବା ପରେ ଆଜି ପବିତ୍ର ବାହୁଡା ଯାତ୍ରାରେ ସୁନାରୀପଡା ଭାଗବତ ମନ୍ଦିର ପ୍ରାଙ୍ଗଣର ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନବେଦୀକୁ ଫେରି ଆସିଛନ୍ତି, ଭକ୍ତ ମାନଂକୁ ପୁଣି ଥରେ ଏହି ଲୀଳା ଦେଖିବା ପାଇଁ ବର୍ଷେ ପାଇଁ ଅପେକ୍ଷାରେ ରହିଛନ୍ତି, ଆଜି ସବୁ ନୀତିକାନ୍ତି ସରିବା ପରେ ସନ୍ଧ୍ୟା ଟୋ ପୂର୍ବରୁ ମହାପ୍ରଭୁଙ୍କ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ଆଠ ପୂର୍ବରୁ ଶେଷ ହୋଇଛି, ହଜାର ହଜାର ଭକ୍ତଙ୍କ ନିଜ କାଳିଆ ସାଅନ୍ତଙ୍କୁ ଦର୍ଶନ ପାଇଁ ଧାଡି ବାନ୍ଧି ଦର୍ଶନ କରିଛନ୍ତି, ଦେବବୋଲି, ଶଙ୍ଖ, ଘଣ୍ଟନାଦ, ହରିବୋଲ ଉଚ୍ଚାରଣ ସହ ଜୟ ଜଗନ୍ନାଥ ବୋଲରେ ବିଶ୍ୱନିୟନ୍ତା ଫେରି ଆସିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ପରଲୋକ

## ସରକାରୀ ସମ୍ମାନ ସହ ଗାର୍ଡ ଅଫ ଅନର ପ୍ରଦାନ

କେନ୍ଦ୍ରାପଡ଼ା,୨୪।୭(ସଂଚାର ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ପୂର୍ବତନ ସଭାପତି ବିମ୍ବାଧର ମୁଦୁଲିଙ୍କ ଆଜି ଭୋର ସମୟରେ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ସେ ୨୩ ଡିସେମ୍ବର, ୧୯୨୩ ମସିହାରେ ଜନ୍ମଗ୍ରହଣ କରିଥିଲେ ।



ସ୍ୱର୍ଗତ ଶ୍ରୀ ମୁଦୁଲି ଦେଶର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଭାଗ ନେଇଥିବା ସହ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ସମାଜସେବା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ କଲ୍ୟାଣ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଥିଲେ` ସେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇ ସାରିଥିବା ବେଳେ ର୍ବମାନ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଭାବେ କାର୍ଯ୍ୟରତ ଥିଲେ । ସେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଜୀବିତ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଥିଲେ । ତାଙ୍କ ଦୀର୍ଘ ସାର୍ବଜନୀନ ଜୀବନରେ ସେ ଦେଶପ୍ରେମ, ସରଳତା ଏବଂ ସମାଜ ପ୍ରତି ନିଷ୍ଠାର ଏକ ଉଜ୍ଜ୍ୱଳ ଉଦାହରଣ ହୋଇ ରହିଥିଲେ । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ଗତ ଦୁଇ ଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ`` ଗତକାଲି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା` ସେଠାରେ ଆଜି ଭୋର ସମୟରେ ତାଙ୍କର ପରଲୋକ ଘଟିଥିଲା` ତାଙ୍କର ମୃତ୍ୟୁ ପରେ ମରଶରୀରକୁ କଟକରୁ ନିଜ ଗ୍ରାମ ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ଗ୍ରାମ ପାୟତର ନିଳକଣା ଗ୍ରାମକୁ ଅଣାଯାଇଥିଲା । ସରକାରଙ୍କ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁଯାୟୀ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱର୍ଗତ ମୁଦୁଲିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଥିବା ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ରହି ସ୍ୱର୍ଗତ

## ବାହୁଡ଼ିଲେ ଶ୍ରଦ୍ଧାପତି, ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ୨୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ



ବାଲିଆପାଳ,୨୪।୭ (ସଂଚାର ବ୍ୟୁରୋ): ଉତ୍ତର ବାଲେଶ୍ୱରରେ ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ପବିତ୍ର ବାହୁଡା ଯାତ୍ରା ଆଜି ମହାସମାରୋହରେ ପାଳିତ ହୋଇଛି। ୯ ଦିନ ଧରି ଘୋଷଯାତ୍ରା ଶେଷ କରି ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ବାଲିଆପାଳ ବସଷ୍ଟାଣ୍ଡରେ ଥିବା ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଖଗଡ଼ାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ରକୁ ବାହୁଡିଛନ୍ତି। ଆଜି ପ୍ରତ୍ୟୁଷରୁ ପୂଜାପାଠ, ଆରତୀ, ସୂର୍ଯ୍ୟପୂଜା, ଆଦି କରାଯାଇ ଶ୍ରୀଜୀଉମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇଥିଲା। ପରେ ଖେଚୁଡି ଭୋଗ ଓ ଧୂପ ଲାଗି ହୋଇଥିଲା। ଅପରାହ୍ନ ୫ଟାରେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ନିଆଯାଇ ରଥାରୁଢ଼ କରାଯାଇଥିଲା। ମନ୍ଦିର ର ମୁଖ୍ୟ ପୂଜକ ବିଷ୍ଣୁଦାସ ପାଠୀ ୩ ରଥରେ ଛେରା ପହଁରା କରିଥିଲେ। ସନ୍ଧ୍ୟା ୫ ଟା୩୦ରେ ରଥ ଟଣା ଆରମ୍ଭ ହୋଇଥିଲା। ରଥଯାତ୍ରା ଭଳି ବାହୁଡା ଯାତ୍ରାରେ ମଧ୍ୟ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣି ଥିଲେ। ରଥ ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ ଓ ରାଜାରଣୀ ଛକରେ ଅଟକିଥିଲା। ପ୍ରତିଛକରେ ଶହଶହ ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ୭.୩୦ ସୁଦ୍ଧା ୩ ରଥ ସିମୁଳିଆ ରଥଖଳାରେ ପହଂଚିଥିଲା। ମନ୍ଦିର ସମ୍ମୁଖରେ ମହା ଲକ୍ଷ୍ମୀଙ୍କ ସେବାୟତ ମାନେ ଠାକୁରଙ୍କ ବାଟ ଓଗାଳି ଥିଲେ। ଏହାପରେ ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ପରେ ଠାକୁର ମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଆସନ୍ତା କାଲି ସୁନାବେଶ ଅନୁଷ୍ଠିତ ହେବ।ପ୍ରତିକୂଳ ପାଗ ସତ୍ତ୍ୱେ ବାହୁଡା ଯାତ୍ରା ଦେଖିବା ପାଇଁ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ସମୀକ୍ଷା

ବାରିପଦା,୨୪।୭ (ସଂଚାର ବ୍ୟୁରୋ): ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାର ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ଉପ-ସଚିବ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ ।



ଗସ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ଼. ସାହୁ ୩୦-କରଞ୍ଜିଆ, ୨୬-ଯଶୀପୁର ଏବଂ ୨୭-ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଶୁଣାଣି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ସେ ସଂପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ସୁପରଭାଇଜରମାନଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟା ଓ କ୍ଷେତ୍ରସ୍ତରରେ ଚାଲିଥିବା ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ ।ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ୍,, ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ତଥା ବାଙ୍ଗିରିପୋଷି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ତଥା ବଡ଼ସାହି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ କରଞ୍ଜିଆ ତଥା ଯଶିପୁର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ଼ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଉପ-ଜିଲ୍ଲାପାଳ ବାରିପଦା ତଥା ମୋରଡା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ ।

ସେହିପରି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଆଭାସୀ ଯୋଗେ ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟରେ ନୋଟିସ ପ୍ରସ୍ତୁତି, ନୋଟିସ ବିତରଣ, ଅନମ୍ୟାପ୍ ଭୋଟରମାନଙ୍କ ଶୁଣାଣି, ଚୂଡାନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ମାମଲାଗୁଡ଼ିକର ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଦାବି ଓ ଆପତ୍ତି ଗୁଡ଼ିକର ଶୀଘ୍ର ନିଷ୍ପତ୍ତି, ସମୟ ସୀମା ମଧ୍ୟରେ ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟ ସମ୍ପାଦନ ଏବଂ ସଠିକ୍, ସ୍ୱଚ୍ଛ ଓ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା ।

## ବାହୁଡା ଯାତ୍ରାରେ ମହାପ୍ରଭୁଙ୍କୁ ଦର୍ଶନ କରି କୃପା ଭିକ୍ଷା କଲେ ପୂର୍ବତନ



ନିଶ୍ଚିନ୍ତକୋଇଲି,୨୪।୭(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ପ୍ରସିଦ୍ଧ ବ୍ରହ୍ମକ୍ଷେତ୍ର ପୀଠରେ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀଗୁଣ୍ଡିଚାର ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରେ ଶ୍ରୀ ଶ୍ରୀ ବଳଦେବଜୀଉ ବିଭିନ୍ନ ଲୀଳାଖେଳା କରିଥିଲେ। ପବିତ୍ର ବାହୁଡା ଦିନ ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ପାରମ୍ପରିକ ରୀତିନୀତି ପରେ ଖେଚୁଡି ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଯାତ୍ରାରେ ପୂର୍ବତନ ମନ୍ତ୍ରୀ, ମାହାଙ୍ଗା ପୂର୍ବତନ ବିଧାୟକ ତଥା ରାଜ୍ୟ ବରିଷ୍ଠ ବିଜେଡ଼ି ଉପସଭାପତି ପ୍ରତାପ ଜେନା ଯୋଗଦାନ କରି ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ କୃପା ଭିକ୍ଷା କରିବା ସହ ସମାଜର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଟ୍ରଷ୍ଟ ବୋର୍ଡର ସଭ୍ୟଙ୍କ ସମେତ ସ୍ଥାନୀୟ ବହୁ ଯୁବକ ଏଥିରେ ସହଯୋଗ କରିଥିଲେ।

## ବାହୁଡ଼ା ଯାତ୍ରାରେ ସଟରିଂ ସଂଘ ପକ୍ଷରୁ ଦହିପାଣି ବଣ୍ଟନ





ଢେଙ୍କାନାଳ,୨୪।୭ (ସଂଚାର ବ୍ୟୁରୋ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଢେଙ୍କାନାଳ ସେଣ୍ଟରିଂ ସଂଘ ପକ୍ଷରୁ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାହୁଡ଼ା ଯାତ୍ରା ଦେଖିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ସମାଗମ ହୋଇଥିବା ବେଳେ ପ୍ରବଳ ଗ୍ରୀଷ୍ମ ଓ ଗରମକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଏହି ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ରଥଯାତ୍ରା ମାର୍ଗରେ ସ୍ଥାପିତ ଶିବିରରେ ହଜାର ହଜାର ଭକ୍ତଙ୍କୁ ଶୀତଳ ଦହିପାଣି ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମକୁ ଭକ୍ତମାନେ ସ୍ୱାଗତ କରିବା ସହ ସଂଘର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସେଣ୍ଟରିଂ ସଂଘର ସଭାପତି ବସନ୍ତ ଦଳେଇ, ଉପସଭାପତି ସନ୍ତୋଷ ରାଉତ, ସମ୍ପାଦକ ଚକ୍ରଧର ରାଉତ, କୋଷାଧ୍ୟକ୍ଷ ତ୍ରିଲୋକ ରଞ୍ଜନ ଦଳେଇ ଏବଂ ଆଡଭାଇଜର ହାଇଦର ମହମ୍ମଦ ଉପସ୍ଥିତ ରହି ଦହିପାଣି ବଣ୍ଟନରେ ସକ୍ରିୟ ସହଯୋଗ କରିଥିଲେ। ସଂଘର ଅନ୍ୟ ସଦସ୍ୟମାନେ ମଧ୍ୟ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇ ଭକ୍ତମାନଙ୍କୁ ସେବା ପ୍ରଦାନ କରିଥିଲେ।

ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ କହିଥିଲେ ଯେ, ଧାର୍ମିକ ଉତ୍ସବ ସହ ସାମାଜିକ ସେବାକୁ ଯୋଡ଼ିବା ହିଁ ସଂଘର ମୂଳ ଉଦ୍ଦେଶ୍ୟ।

## ପଟ୍ଟାମୁଣ୍ଡାଇ ବାହୁଡ଼ା ଯାତ୍ରା: ଭକ୍ତିରେ ମଜ୍ଜିଲେ ହଜାର ହଜାର ଭକ୍ତ

ପଟ୍ଟାମୁଣ୍ଡାଇ,୨୪।୭ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇର ବିଭିନ୍ନ ଅଂଚଳରେ ପବିତ୍ର ବାହୁଡା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିରରେ ମୁଖ୍ୟ ରଥଯାତ୍ରା ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରିଥିଲେ । ବ୍ରାହ୍ମଣପଣ୍ଡିତମାନେ ମନ୍ତ୍ର ଧ୍ୱନି ମଧ୍ୟରେ ପହଣ୍ଡି ବିଜେ କରିବା ପରେ ସୁସଜ୍ଜିତ ରଥରେ ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ରଥାରୁଢ଼ କରାଯାଇଥିଲା । କାଉନ ସିଲର ତଥା ମୁଖ୍ୟପୂଜକ ମୃତ୍ୟୁଞ୍ଜୟ ପାଢ଼ୀଙ୍କ ନେତୃତ୍ୱରେ ହରପାର୍ବତୀ ମନ୍ଦିରରୁ ଆଜ୍ଞାମାଳ ଆସିବା



ପରେ ବାହୁଡା ଯାତ୍ରା ପାଇଁ ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଥିଲା ।

ପୌର ଅଧକ୍ଷ ହେମନ୍ତ ସାହୁ, ମାଉସୀ ମା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫେସର ଅର୍ଜୁନ ନାୟକ, କୁଳମଣି ସାହୁ ଓ ଦେବବ୍ରତ ମହାନ୍ତି, ବାବନ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଆୟୋଜିତ ବାହୁଡା ଯାତ୍ରାରେ ମାଉସୀ ମା ମନ୍ଦିର ପରିଚାଳନା କମିଟି ସଭାପତି ପ୍ର ଅର୍ଜୁନ ଚରଣ ନାୟକ ପ୍ରଭୁଙ୍କ ରଥ ସମ୍ମୁଖରେ ଛେରା ପଂହଁରା କରିଥିଲେ । ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ କୁମାର ଦାଶ,ସମ୍ପାଦକ ନରହରି ଲେଙ୍କା, ଇଂ ତ୍ରିଲୋଚନ ସୂତାର, ଇଂ ତପନ ପାତ୍ର, ଶୁକଦେବ ସ୍ୱାଇଁ, ଈଶ୍ୱର ଲେଙ୍କା ପ୍ରମୁଖ ବହୁ ସଦସ୍ୟ ସହଯୋଗ କରି ବାହୁଡା ଯାତ୍ରା ଯଥାବିଧି ଆରମ୍ଭ କରିଥିଲେ । ପତିତପାବନଙ୍କ ବାହୁଡା ଯାତ୍ରା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବମୁଖର ହୋଇପଡିଥିଲା । ଏହି ରଥଯାତ୍ରାରେ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଂଚଳର ହଜାର ହଜାର ପୁରୁଷ ମହିଳା ସାମିଲ ହୋଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ବକ୍ତାରପୁର ମାଉସୀ ମା ମନ୍ଦିର ଠାରୁ ରଥ ଟାଣି ଟାଣି ପୋଖରୀଆପଡା ପତିତପାବନ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ ।ରଥ ଦଉଡି ସ୍ପର୍ଶ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ରୀତିମତ ଠେଲାପେଲା ହୋଇଥିଲା । ବାହୁଡା ଯାତ୍ରା ପାଇଁ ସମଗ୍ର ଲୋକାରଣ୍ୟ ହୋଇପଡିଥିଲା । ହଜାର ହଜାର ପୁରୁଷ ଓ ମହିଳାମାନେ ପ୍ରଭୁଙ୍କ ରଥକୁ ବକ୍ତାରପୁର ମାଉସୀ ମା ମନ୍ଦିର ନିକଟରୁ ଟାଣି ଟାଣି ପୋଖରୀଆପଡା ପତିତପାବନ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ପୋଲିସ ବାହିନୀ ସହିତ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।